ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

PRACHEE

ଜୁନ୍ ୨୦୨୩
ମୂଲ୍ୟ : ୨୫ ଟଙ୍କା



ମୁଖ୍ୟ ଉପଦେଷ୍ଟା

କବି ଜୟନ୍ତ ମହାପାତ୍ର

ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :

ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ....
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ ....
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ....
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ....
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ....
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ....
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ....
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ....
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ....
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଝିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

Vol.- 9, June 2023, Issue No.III
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

ଉପଦେଷ୍ଟା ମଣ୍ଡଳୀ
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ
ସମୀକ୍ଷକ ମଣ୍ଡଳୀ
ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଶରତ କୁମାର ପଲିତା
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ସଂପାଦକ
ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସଂପାଦନା ମଣ୍ଡଳୀ
ଡକ୍ଟର ନାରାୟଣ ମହାନ୍ତି-
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଡକ୍ଟର ଆଦିତ୍ୟ ପ୍ରତାପ ଧଳ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଆଲୋକ ବରାଳ
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ
ବିତରଣ ଅଧିକାରୀ :
ରାଜେନ୍ଦ୍ର ବାରିକ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ଏଇ ସଂଖ୍ୟାରେ...

ସୁରେନ୍ଦ୍ରନାଥ ଶତପଥୀଙ୍କ ପୌରାଣିକ ଉପନ୍ୟାସ : ଏକ ମୁଗ୍ଧ ଦୃଷ୍ଟିପାତ

– ସୋନିପ୍ରିୟା ପଲେଇ ୦୭

କେନ୍ଦୁଝରେ ଗଣ୍ଡ ଜନଜାତିର ପ୍ରଚଳିତ ମକର ପର୍ବ

– ଉଜସ୍ୱିନୀ ନାଏକ ୧୫

ନାଟ୍ୟକାର ମନ୍ମଥ ଶତପଥୀଙ୍କ ନାଟକରେ ନୂତନ ପରୀକ୍ଷା ଓ ପ୍ରୟୋଗ

– ଚିନ୍ମୟ ସାମଲ ୧୭

ଗୋଇନ୍ଦା ଉପନ୍ୟାସର ନାମକରଣଗତ ବୈଚିତ୍ର୍ୟ

– ପ୍ରତୀଚୀ ନନ୍ଦ ୨୩

ହୃଷୀକେଶ ମଲ୍ଲିକଙ୍କ କାବ୍ୟମାନସ: ଏକ ଆକଳନ

– କନକପ୍ରଭା ମନ୍ତ୍ରୀ ୩୧

ଓଡ଼ିଆ ସ୍ତମ୍ଭ ସାହିତ୍ୟ : ପ୍ରବାସୀ ଓଡ଼ିଆ ସ୍ତମ୍ଭକାର

– ଚନ୍ଦ୍ରିକାରାଣୀ ପଣ୍ଡା ୩୬

ଓଡ଼ିଶାର ବୌଦ୍ଧ ଧର୍ମ ଓ ଓଡ଼ିଆ ପ୍ରାଚୀନ ସାହିତ୍ୟରେ ଏହାର ପ୍ରଭାବ

– ରୁବିନା ପାତ୍ର ୪୫

PRACHEE MONTHLY ADVT. TARIFF

Back Cover (Colour)
Rs. 20,000/-

2nd Inner Cover (Colour)
Rs. 10,000/-

3rd Inner Cover (Colour)
Rs. 10,000/-

Ordinary Colour Page
Rs. 5000/-

Black & White (News Print)
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

For Space booking please contact The Advertising Manager
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିପେକ୍ଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ....

ଠିକଣା .... ପିନ୍‌କୋର୍ଡ଼ ....

ମୋବାଇଲ୍ ନମ୍ବର .... ଇ-ମେଲ୍ ....

ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)

ଚେକ୍ ନମ୍ବର.. ତାରିଖ...

ବ୍ୟାଙ୍କ୍... ସ୍ଥାନ..

ତାରିଖ...................................... ଦସ୍ତଖତ...

ବାସ୍ତବତାର ପରିପ୍ରକାଶ "ପ୍ରାଚୀ"

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 9, Issue No.III, June 2023
Bastabatara Pariprakash Prachee
Peer Reviewed and Referred Research Journal

ସୁରେନ୍ଦ୍ରନାଥ ଶତପଥୀଙ୍କ ପୌରାଣିକ ଉପନ୍ୟାସ : ଏକ ମୁଗ୍ଧ ଦୃଷ୍ଟିପାତ

ସୋନିପ୍ରିୟା ପଲେଇ

ଓଡ଼ିଆ ସାହିତ୍ୟ ଜଗତର ଜଣେ ବୌଦ୍ଧିକ ଓ ବୁଦ୍ଧିଦୀପ୍ତ ପ୍ରାଜ୍ଞ ସାହିତ୍ୟିକ ହେଉଛନ୍ତି ସୁରେନ୍ଦ୍ରନାଥ ଶତପଥୀ । ଭାରତୀୟ ପ୍ରାଚୀନ ସାଂସ୍କୃତି, ପରମ୍ପରା, ଐତିହ୍ୟ ଓ ମୂଲ୍ୟବୋଧକୁ ଭିତ୍ତିକରି ଓଡ଼ିଆ ସାହିତ୍ୟର ସମସ୍ତ ବିଭାଗ ତାଙ୍କର ଋଦ୍ଧିମନ୍ତ । ବିଶେଷକରି ଜଣେ ସଂସ୍କୃତି ସମ୍ପନ୍ନ ଔପନ୍ୟାସିକ ଭାବେ ସୁରେନ୍ଦ୍ରନାଥ ଶତପଥୀଙ୍କ ଉପନ୍ୟାସଗୁଡ଼ିକର ମର୍ଯ୍ୟାଦା ସ୍ୱତନ୍ତ୍ର ଅଟେ । ରାମାୟଣ, ମହାଭାରତକୁ ଆଧାର କରି ତାଙ୍କର ସମଗ୍ର ଉପନ୍ୟାସ ଜଗତ ବ୍ୟାପ୍ତ । ୧୯୩୨ ମସିହା ଜୁନ ମାସ ୧୪ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ବାଗଲପୁର ଗ୍ରାମରେ ଏହି ପ୍ରତିଭାଧର ସ୍ରଷ୍ଟାଙ୍କ ଆବିର୍ଭାବ ହୁଏ । ବୃତ୍ତିରେ ଜଣେ ପ୍ରଶାସନିକ ଅଧିକାରୀ ହୋଇଥିଲେ ହେଁ ପ୍ରବୃତ୍ତି କିନ୍ତୁ ଥିଲା ତାଙ୍କର ସାହିତ୍ୟ ସର୍ଜନା । ଚାକିରି ଜୀବନର ଶେଷ ପାଞ୍ଚବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ ଦାୟିତ୍ୱ ତୁଲାଇବା ସମୟ ହିଁ ଥିଲା ତାଙ୍କ ପାଇଁ ସୃଜନ ସୃଷ୍ଟିର ଏକ ଅପୂର୍ବ ସୁଯୋଗ । ଉକ୍ତ ସମୟରେ ସେ ଅନେକ ପୁସ୍ତକ ଅଧ୍ୟୟନର ଯେଉଁ ଅନୁଭୂତି ଆହରଣ କରିଥିଲେ ତାହରା ଫଳ ସ୍ୱରୂପ ସୃଷ୍ଟି ହୋଇଥିଲା ଭାରତୀୟ ଐତିହ୍ୟ ଓ ସଂସ୍କୃତି ଉପରେ ଦୀର୍ଘ ଆଠଖଣ୍ଡରେ ପ୍ରକାଶିତ 'ଭାରତୀୟ ସଂସ୍କୃତି' ପୁସ୍ତକ ଏବଂ ଅବସର ପରେ ସୁରେନ୍ଦ୍ରନାଥ କ୍ରମାଗତ ଭାବରେ ପୁରାଣ ପରମ୍ପରାକୁ ନେଇ ସୃଷ୍ଟି କରିଥିଲେ ଖଣ୍ଡେ ପରେ ଖଣ୍ଡେ ଏମିତି ଆଠଖଣ୍ଡ ପୌରାଣିକ ଉପନ୍ୟାସ । 'ଗାନ୍ଧାରୀ' ପରି ତାଙ୍କର ଏକ ଅନନ୍ୟ ଉପନ୍ୟାସ ଅସମ୍ପୂର୍ଣ୍ଣ ରହିଗଲା ଔପନ୍ୟାସିକଙ୍କ ଇହଧାମ ତ୍ୟାଗ ଜନିତ କାରଣରୁ । ଏତଦ୍‌ବ୍ୟତୀତ ସୁରେନ୍ଦ୍ରନାଥଙ୍କ ଅନେକ ଅନବଦ୍ୟ ସୃଷ୍ଟି ମଧ୍ୟ ତାଙ୍କର ଆବର୍ତ୍ତମାନରେ ଅସମାପ୍ତ ହୋଇ ପରିଚୟବିହୀନ ପ୍ରାୟ ଅନାଥ ହୋଇ ରହିଗଲେ । ସୁରେନ୍ଦ୍ରନାଥ ଶତପଥୀ ଏକାଧାରରେ ଥିଲେ ଜଣେ, କଥାକାର, ପ୍ରାବନ୍ଧିକ, ଅନୁବାଦକ, ସମ୍ପାଦକ, ସର୍ବୋପରି ଜଣେ ଅତି ପ୍ରିୟ ଶିଶୁ ସାହିତ୍ୟିକ । ନିରବଚ୍ଛିନ୍ନ ଭାବେ ଦୀର୍ଘ ଅଠସ୍ତରୀ ବର୍ଷ ଧରି ଲେଖନୀ ଚାଳନ କରି ନିଜର ବୌଦ୍ଧିକ ପ୍ରତିଭା ତଥା ବୁଦ୍ଧିଦୀପ୍ତ ଜ୍ଞାନର ଯଥାର୍ଥ ପରିଚୟ ପ୍ରଦାନ କରିପାରିଥିଲେ । ତାଙ୍କର ସାମଗ୍ରିକ କୃତିର ସୂଚୀ ବିପୁଳାୟତନ । ତଥାପି ଏଯାବତ୍ ଯେତିକି ବିଧିବଦ୍ଧ ପ୍ରକାଶ୍ୟ ଓ ହସ୍ତଗତ ସେ ସବୁର ଏକ ବିବରଣୀ ନିମ୍ନରେ ପ୍ରଦତ୍ତ । ସୁରେନ୍ଦ୍ରନାଥଙ୍କ ସୃଜନୀ କୃତିର ସଂସାରକୁ ସାତଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ଯଥା- (୧) କ୍ଷୁଦ୍ରଗଳ୍ପ - ଚାରିଖଣ୍ଡ ସଙ୍କଳନ, (୨) କବିତା-ଦୁଇଖଣ୍ଡ ସଙ୍କଳନ, (୩) ପ୍ରବନ୍ଧ - ଭାରତୀୟ ସଂସ୍କୃତି ଉପରେ (୧ମ ରୁ ୮ମ ଭାଗ), ସଂସ୍କୃତ ଓ ସଂସ୍କୃତି, ଧର୍ମ ଓ ସଂସ୍କୃତି, (୪) ଅନୁବାଦ ଓ ସମ୍ପାଦନା - ବୌଦ୍ଧଜାତକ ଗଳ୍ପ (୧ମରୁ ୧୫ ଖଣ୍ଡ), ଧର୍ମପଦ, ଇଶ ଉପନିଷେଦ ଓ କେନ ଉପନିଷେଧ, (୫) ଶିଶୁସାହିତ୍ୟ - ୪ ଖଣ୍ଡ ସଙ୍କଳନ, (୬) ବାଲ୍ମୀକି ରାମାୟଣ ଓ ବ୍ୟାସକୃତ ମହାଭାରତର ସମ୍ପୂର୍ଣ୍ଣ ଅନୁବାଦ, (୭) ପୌରାଣିକ ଉପନ୍ୟାସ - ଆଠଖଣ୍ଡ ।

ସୁରେନ୍ଦ୍ରନାଥ ଶତପଥୀଙ୍କର ଉପରୋକ୍ତ ଏ ସମସ୍ତ ବିଭାଗ ମଧ୍ୟରେ ସନ୍ନିହିତ ପ୍ରାୟ ଅର୍ଦ୍ଧଶତକରୁ ଅଧିକ ପୁସ୍ତକ କେବଳ ମାତ୍ର ପରିମାଣାତ୍ମକ ଦୃଷ୍ଟିରୁ ନୁହେଁ ବରଂ ଗୁଣାତ୍ମକ ଦୃଷ୍ଟିରୁ ଅତ୍ୟନ୍ତ ଉଚ୍ଚକୋଟୀର ଓ ଚିନ୍ତାଦ୍ୟୋତକ । ବିଶେଷକରି ତାଙ୍କର ଭାରତୀୟ ସଂସ୍କୃତି ଉପରେ ଦୀର୍ଘ ଗବେଷଣାର ଫଳ ସ୍ୱରୂପ ଯେଉଁ ଆଠଖଣ୍ଡ ପୁସ୍ତକ ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିପାରିଛି ପଣ୍ଡିତ ନୀଳକଣ୍ଠଙ୍କ ପରେ ପ୍ରାଜ୍ଞଶୀଳ ସୁରେନ୍ଦ୍ରନାଥ ଶତପଥୀଙ୍କ ନାମ ଏ କ୍ଷେତ୍ରରେ ସର୍ବାଗ୍ରେ ସ୍ମରଣୀୟ । ତାଙ୍କର କୃତିତ୍ୱ ସ୍ୱରୂପ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୧୯୯୭ ମସିହାରେ 'ମନ୍ଥରା' ଉପନ୍ୟାସ ନିମନ୍ତେ ଶ୍ରେଷ୍ଠ ଔପନ୍ୟାସିକ ଭାବେ ପୁରସ୍କୃତ ହେବା ସହିତ ୨୦୦୮ ମସିହାରେ କେନ୍ଦ୍ରସାହିତ୍ୟ ଏକାଡେମୀ ଦ୍ୱାରା ପ୍ରାପ୍ତ 'ଭାଷା ସମ୍ମାନ' ସାହିତ୍ୟ ଜଗତରେ ସୁରେନ୍ଦ୍ରନାଥଙ୍କ

ମର୍ଯ୍ୟାଦାକୁ ଦ୍ୱିଗୁଣିତ କରିପାରିଛି । ଏତଦ୍‌ବ୍ୟତୀତ ଅନେକ ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କ ଦ୍ୱାରା ମଧ୍ୟ ସୁରେନ୍ଦ୍ରନାଥ ଶତପଥୀ ତାଙ୍କର ବିଶେଷ ସୃଜନୀ ଓ ସାମଗ୍ରିକ କୃତି ପାଇଁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି ।

ଭାରତୀୟ ସଂସ୍କୃତି ଓ ଐତିହ୍ୟକୁ ନେଇ ଗଭୀର ଅନ୍ୱେଷଣ ଓ ମନନପୂର୍ବକ ରାମାୟଣ ଓ ମହାଭାରତର ଚିରନ୍ତନ ମାନବୀୟ ମୂଲ୍ୟବୋଧକୁ ଆଧାର କରି ସୁରେନ୍ଦ୍ରନାଥ ଶତପଥୀ ମାତ୍ର ଏକ ଦଶନ୍ଧି ମଧ୍ୟରେ ଅର୍ଥାତ୍ ୧୯୯୪ ରୁ ୨୦୦୪ ମସିହା ମଧ୍ୟରେ ପ୍ରାୟ ଆଠଖଣ୍ଡ ପୌରାଣିକ ଉପନ୍ୟାସ ସୃଷ୍ଟି କରିଛନ୍ତି । ଯଥା – 'ମନ୍ଥରା' (୧୯୯୪), 'ଜାନକୀ' (୧୯୯୬), 'ରାବଣ' (୧୯୯୮), 'ଶର୍ମିଷ୍ଠା' (୨୦୦୦), 'କର୍ଣ୍ଣ' (୨୦୦୧), 'ଯୋଜନଗନ୍ଧା' (୨୦୦୨), 'କୁନ୍ତୀ' (୨୦୦୩), ଓ 'କୃଷ୍ଣା' (୨୦୦୪) ଇତ୍ୟାଦି । ରାମାୟଣର କଥାଭାଗକୁ ଆଧାର କରି ସୁରେନ୍ଦ୍ରନାଥ ତିନିଗୋଟି ଉପନ୍ୟାସ ଓ ମହାଭାରତକୁ ଆଧାର କରି ପା*ଞ୍ଚଗୋଟି ଉପନ୍ୟାସ ସୃଷ୍ଟି କରିଛନ୍ତି । ନିମ୍ନରେ ଉକ୍ତ ପୌରାଣିକ ଉପନ୍ୟାସଗୁଡିକ ଉପରେ ସମ୍ୟକ ଆଲୋଚନା କରାଯାଇପାରେ ।

ଭାରତୀୟ ପୁରାଣ ପରମ୍ପରାରେ ରାମ ମାହାତ୍ମ୍ୟର ସର୍ବଶ୍ରେଷ୍ଠ ଅଦ୍ୱିତୀୟ ଗ୍ରନ୍ଥ ହେଉଛି ରାମାୟଣ । ଏହି ରାମାୟଣ ଅନ୍ତର୍ଗତ ବିଷୟ ଓ ତତ୍‌ସହିତ ଜଡ଼ିତ ପ୍ରମୁଖ ଚରିତ୍ରମାନଙ୍କୁ ନେଇ ଔପନ୍ୟାସିକ ପ୍ରଥମେ 'ମନ୍ଥରା' ଉପନ୍ୟାସ ରଚନା କରନ୍ତି । ଉକ୍ତ ଉପନ୍ୟାସ ୧୯୯୪ ମସିହା କଟକ ଷ୍ଟୁଡେଣ୍ଟ ଷ୍ଟୋରଙ୍କ ଦ୍ୱାରା ଆତ୍ମପ୍ରକାଶ କରେ ଏବଂ ଏହି ଉପନ୍ୟାସ ମାଧ୍ୟମରେ ହିଁ ଲେଖକଙ୍କର ଉପନ୍ୟାସ ଜଗତକୁ ଭବ୍ୟ ପ୍ରବେଶ ଆରମ୍ଭ ହୁଏ । ସବୁଠୁ ଗୌରବର କଥା ଏହି ଯେ ପ୍ରଥମ କୃତିଟି ହିଁ ତାଙ୍କୁ ଜଣେ ସଫଳ ଔପନ୍ୟାସିକ ଭାବେ ତାଙ୍କ ପାଇଁ ଅନେକ ପ୍ରଶଂସା ଓ ସମ୍ମାନ ସାଉଁଟି ଆଣେ । ୧୯୯୭ ମସିହା 'ମନ୍ଥରା' ଉପନ୍ୟାସ ନିମନ୍ତେ ସୁରେନ୍ଦ୍ରନାଥ ଶତପଥୀଙ୍କୁ ଶ୍ରେଷ୍ଠ ଔପନ୍ୟାସିକ ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ କରାଯାଏ ।

ରାମାୟଣର ଅତି ଘୃଣିତ ଓ କୂଟକପଟୀ ଚରିତ୍ର ହେଉଛି ମନ୍ଥରା । ବାଲ୍ମୀକି ଯଦି ଏହି ଚରିତ୍ରଟିର ଅବତାରଣା ରାମାୟଣରେ କରି ନଥାନ୍ତେ ତେବେ ହୁଏତ ନା ରାମ ବନବାସ ଯାଇଥାନ୍ତେ, ନା ସୀତା ରାବଣ ଦ୍ୱାରା ଅପହୃତା ହୋଇଥାନ୍ତେ ନା ରାବଣ ପରି ଜଣେ ପାପୀ, ଦୁରାଚାରୀର ସଂହାର ରାମଙ୍କଦ୍ୱାରା ହୋଇପାରିଥାନ୍ତା । କପଟୀ ମନ୍ଥରାର କୁଟକପଟତା ପାଇଁ ସର୍ବଦା ଆନନ୍ଦିତ ଅଯୋଧ୍ୟା ପରିବାର ଉପରେ ଦୁଃଖର କଳାବାଦଲ ବିସ୍ତାରିତ ହୋଇଛି । ସାମାନ୍ୟ ଜଣେ ଦାସୀ ହୋଇ ସମଗ୍ର ଅଯୋଧ୍ୟା ନଗରୀରେ ଶୋକର ବନ୍ୟା ପ୍ରବାହିତ କରିବାର ମୁଖ୍ୟ କାରଣ ସାଜିଥିବା ଏହି କୁଚକ୍ରୀ ମନ୍ଥରା ଅଯୋଧ୍ୟା ରାଜପରିବାରର ଦୋଷୀ ହେବା ସହିତ ଇତିହାସ ପୃଷ୍ଠାରେ ମଧ୍ୟ ଯୁଗ ଯୁଗ ଧରି ଦୋଷୀ ଭାବରେ ନିନ୍ଦିତା ଓ ଭର୍ତ୍ସିତା ହୋଇ ଆସିଛି । କିନ୍ତୁ ଏହି ଚରିତ୍ରର ବାସ୍ତବତା ସର୍ବ ସମ୍ମୁଖରେ ଯେପରି ଭାବେ ଉପସ୍ଥାପିତ ହୋଇଛି ପ୍ରକୃତ ପକ୍ଷେ ସେ ଚରିତ୍ର ପଛରେ ଯେ ଜଣେ ପୂର୍ଣ୍ଣ ନାରୀତ୍ୱର ସତ୍ତା ଉହ୍ୟ ହୋଇ ରହିଛି ଏବଂ ତାର ଏହି ଅସହାୟ ପରିସ୍ଥିତି ପାଇଁ ସେ ଯେଭଳି ଭାବେ ପରିବର୍ତ୍ତନ ହୋଇଯାଇଛି ତାହାର ଏକ ମାର୍ମିକ ଆଲେଖ୍ୟ ଔପନ୍ୟାସିକ ଉକ୍ତ ଉପନ୍ୟାସ ମାଧ୍ୟମରେ ଦର୍ଶାଇଛନ୍ତି । ଏହି ନିନ୍ଦିତ କୂଟକପଟୀ ଚରିତ୍ରର ସୃଷ୍ଟି ପ୍ରଚ୍ଛଦପଟରେ ଯେଉଁ କାହାଣୀ ନିହିତ ତାହାକୁ ଉପନ୍ୟାସରେ ଉନ୍ମୋଚନ କରିଛନ୍ତି ଲେଖକ । ସୀମିତ ପରିସର ମଧ୍ୟରେ ରାମାୟଣରେ ବର୍ଣ୍ଣିତ ହୋଇଥିବା ଏହି ଚରିତ୍ରର ସମସ୍ତ ସ୍ଥିତି ପରିସ୍ଥିତି ଆଦିକୁ ଲେଖକ ଆତ୍ମସ୍ଥ କରି ମନ୍ଥରା ଜୀବନର ଅବର୍ଣ୍ଣିତ କରୁଣ ଅନ୍ଧାରୀ କାହାଣୀକୁ ନେଇ ଛତିଶ ଅଧ୍ୟାୟ ଓ ଦୁଇଶହ ଅଠାନବେ ପୃଷ୍ଠାର ସମାହାରରେ ମନ୍ଥରାର ଜୀବନଲିପିକୁ ଆତ୍ମକଥନ ଶୈଳୀର ଔପନ୍ୟାସିକ 'ମନ୍ଥରା' ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି ।

ଦାସୀ କୂଳରେ ଜନ୍ମିତା ମନ୍ଥରା ଲେଖକଙ୍କ ଉପନ୍ୟାସରେ ଅତୀବ ସୁନ୍ଦରୀ । ମାତ୍ର ଦୁର୍ଭାଗ୍ୟବଶତଃ ମନ୍ଥରାର ଅଙ୍ଗ ବିକୃତଜନିତ ପିଠିରେ ହୋଇଥିବା କୁଜ ପାଇଁ ସେ ନବବଧୂ ପରି ନଇଁ ନଇଁ ଚାଲେ । ଉପନ୍ୟାସର ପ୍ରାରମ୍ଭରୁ 'ପଦେ କଥାରେ' ଲେଖକ ମନ୍ଥରାକୁ 'ଦଳିତ ଆତ୍ମାର ଅମର ପ୍ରତୀକ' ଭାବେ ସମ୍ବୋଧିତ କରିଛନ୍ତି । ମନ୍ଥରାର କୁଚକ୍ରୀ ଓ କପଟୀ ରୂପ ସର୍ବସମ୍ମୁଖରେ ଉନ୍ମୋଚିତ ହେବା ପରେ ଅଯୋଧ୍ୟା ରାଜପରିବାରରୁ ବିତାଡ଼ିତ ହୋଇ ଆଶ୍ରୟ ପାଇଁ ପୁନର୍ବାର କେକୟ ରାଜ୍ୟକୁ ଫେରି ଆସିଛି । ମାତ୍ର କୈକେୟୀଙ୍କ ସହିତ କପଟତା ଆଚରଣପୂର୍ବକ ଦଶରଥଙ୍କ ବିୟୋଗର କାରଣ ହେତୁ ତାକୁ କେକୟ ରାଜଗୃହରେ ଜାଗା ମିଳି ନାହିଁ । କେକୟ ରାଜା ଅଶ୍ୱପତିଙ୍କ ଦ୍ୱାରା କୁତ୍ସାରଟନା ପାଇ ନିଜର ଆଶ୍ରୟ ନିମିତ୍ତ ନୂତନ ସ୍ୱାମୀ-ସ୍ୱାମିନୀ ଅନୁସନ୍ଧାନାର୍ଥେ ବିତସ୍ତା ନଦୀ ତଟସ୍ଥ ରାଜଗୃହର ଦାସହାଟ ଅଭିମୁଖେ ମନ୍ଥରା ବାହାରିଛି ଏବଂ ଦାସହାଟର ମାର୍ମିକ ବାସ୍ତବତାକୁ ଦେଖି ତା' ଜୀବନର ଅବ୍ୟକ୍ତ କାହାଣୀକୁ ବ୍ୟକ୍ତ କରିଛି । ନିଜର ଜନ୍ମ ପରିବେଶ ସହିତ ସାମାନ୍ୟ ଜଣେ ଦାସୀ କନ୍ୟାରୁ ସେ କିପରି କେକୟ ମହାରାଜଙ୍କ ପଲଙ୍କ ଦାସୀ ହୋଇପାରିଛି ତ ପୁଣି କିପରି କେକୟ

ରାଜକୁମାରୀ କୈକେୟୀଙ୍କ ପ୍ରିୟ ସଖୀ ହେବା ସହିତ ସେ କଥା ବର୍ଣ୍ଣନା କରିଛି । ଏହାରି ମାଧ୍ୟମରେ ବିଗତ ଦିନର କଥା ଭାବୁ ଭାବୁ ନିହାତି ସାଧାରଣ ଜୀବନ ବଞ୍ଚୁଥିବା ମନ୍ଥରା କିପରି ପରିସ୍ଥିତି ଓ ସ୍ୱାର୍ଥୀ ମଣିଷମାନଙ୍କ ତାଡ଼ନାରେ ଗୋଟେ ବିଷଧର କାଳନାଗୁଣୀ ରୂପେ ପରିବର୍ତ୍ତିତ ହୋଇଛି ସେ ରହସ୍ୟ ମଧ୍ୟ ଉନ୍ମୋଚିତ କରିଛି । ମଣିଷ ମଣିଷର ପ୍ରଧାନ ଶତ୍ରୁ । ଆଜି ସମାଜରେ ଯେଉଁଭଳି ଭାବେ ମନ୍ଥରା ଚରିତ୍ର ନିନ୍ଦିତା ଓ ଭର୍ତ୍ସିତା ହୋଇଛି ସେଥିପାଇଁ କେବଳ ସେ କେକୟ ମରାରାଜାଙ୍କୁ ଦାୟୀ କରିଛି । ନିଜ ସ୍ୱାର୍ଥ, କାମନାର ପୂର୍ତ୍ତିହେତୁ ତାକୁ ରାଜା ପିତୁଳି ଭଳି ବ୍ୟବହାର କରିବା ସହିତ ତା' ଆଶା, ଆକାଂକ୍ଷାର ପଙ୍ଖ ଛେଦନ କରି ତାକୁ ବିନ୍ଦିନୀ ପ୍ରାୟ ରଖି ତାଙ୍କ କାମନାର ସ୍ୱାର୍ଥକୁ ପ୍ରଶମିତ କରିଛନ୍ତି । ତଥାପି ଏହି ପରିସ୍ଥିତିକୁ ଦାସୀ ଜୀବନର ସୌଭାଗ୍ୟ ଭାବି ଜୀବନ ବଂ଼ ଆସୁଥିବା ମନ୍ଥରାର ନାରୀତ୍ୱ ସେତେବେଳେ ଆକୁଳ ଆର୍ତ୍ତ ଚିତ୍କାର କରି ଉଠେ ଯେତେବେଳେ ସେ ତା'ର ଦାସ ସ୍ୱାମୀ ଓ ଶିଶୁପୁତ୍ର ଦୁହିଁଙ୍କର ମୃତ୍ୟୁ ନିଜ ଚକ୍ଷୁ ସାମ୍ନାରେ ଦେଖି ବିଳପି ଉଠିଛି । ଏବଂ ଏଥିପାଇଁ ସେ କେକୟ ରାଜାଙ୍କୁ ହିଁ ଦାୟୀ କରି ତାଙ୍କ ଉପରେ ପ୍ରତିଶୋଧ ନେବାକୁ ଦୃଢ଼ପରିକର ହୋଇ କହିଛି, "ପ୍ରତିଶୋଧ ନେବି । ନିଶ୍ଚୟ ମୋର ପତିହନ୍ତା ଓ ପୁତ୍ରହନ୍ତା ଉପରେ ପ୍ରତିଶୋଧ ନେବି । ଏ ପର୍ଯ୍ୟନ୍ତ ଜଗତ ମନ୍ଥରାର ଗୋଟିଏ ରୂପ ଦେଖି ଆସିଲା । ଏଣିକି ତା'ର ଆଉ ଗୋଟିଏ ପରିବର୍ତ୍ତିତ ରୂପ ଦେଖିବ ।" (ପୃ.-୧୨୧) ତେଣୁ ତା'ର ଏହି ପ୍ରତିଶୋଧର ମୁଖ୍ୟ ଆୟୁଧ ସେ କେକୟ ରାଜକୁମାରୀ କୈକେୟୀଙ୍କୁ କରିଛି । ଏବଂ ତାର ଅଣ୍ଟିଛୁରୀ ତଣ୍ଟି କାଟେ ନିର୍ଦ୍ଦେଶରେ କୈକେୟୀଙ୍କୁ କୁମନ୍ତ୍ରଣା ଦେଇ ଦେଇ ତାଙ୍କ ସୁନାର ସଂସାରରେ କାଳାଗ୍ନି ବର୍ଷଣ କରିଛି । ସମଗ୍ର ଉପନ୍ୟାସଟିକୁ ପାଠ କଲେ ଜଣାଯାଏ ଯେ ସମ୍ପୂର୍ଣ୍ଣ ଉପନ୍ୟାସ ମନ୍ଥରା ଜୀବନର ଦୁଇଟି ପର୍ଯ୍ୟାୟକୁ ନେଇ ଗତିଶୀଳ ହୋଇଛି ।

ଏତଦ୍ ବ୍ୟତୀତ ଉପନ୍ୟାସରେ ମନ୍ଥରା ଜୀବନର ଚରିତ୍ରାୟନ ଉନ୍ମୋଚନ କରିବା ସହିତ ଉକ୍ତ ଉପନ୍ୟାସରେ ଲେଖକ, ଦଳିତ ଚେତନାର ରୂପଚିତ୍ର, ଦାସତ୍ୱ ପ୍ରଥାର ବିଭତ୍ସ ରୂପ, ନାରୀ ମନସ୍ତତ୍ତ୍ୱତାର ଗଭୀରତା, ତତ୍‌ସହିତ ନାରୀ ନିର୍ଯ୍ୟାତନାକୁ 'ମନ୍ଥରା' ଉପନ୍ୟାସ ମଧ୍ୟରେ ଲେଖକ ଦର୍ଶାଇଛନ୍ତି ।

ରାମାୟଣ ଉପରେ ଆଧାରିତ ଔପନ୍ୟାସିକଙ୍କ ଦ୍ୱିତୀୟ ଉପନ୍ୟାସ ହେଉଛି 'ଜାନକୀ' । ଏହା ୧୯୯୬ ମସିହା ବିଦ୍ୟାପୁରୀ ପ୍ରକାଶକଙ୍କଦ୍ୱାରା ପ୍ରକାଶିତ । ଭାରତୀୟ ନାରୀ ଆଦର୍ଶର ପ୍ରତୀକ ଜନକ ନନ୍ଦିନୀ ମାତା ଜାନକୀଙ୍କ ସମଗ୍ର ଜୀବନର ଉତ୍‌ଥାନ ପତନ, ଦୁଃଖ-କଷ୍ଟର ପୁଞ୍ଜିଭୂତ ଅନ୍ତର୍ବେଦନାରଭରା କାରୁଣ୍ୟ ଓ ମାର୍ମିକତାର କାହାଣୀ 'ଜାନକୀ' ଉପନ୍ୟାସରେ ଏକାଦଶ ଅଧ୍ୟାୟ ଓ ତିନିଶହ ଅଠାନବେ ପୃଷ୍ଠାର ଦୀର୍ଘ କଳେବର ମଧ୍ୟରେ ପ୍ରଦତ୍ତ ହୋଇଛି । ଆତ୍ମକଥନ ଶୈଳୀରେ ରଚିତ ସମଗ୍ର ଉପନ୍ୟାସରେ ଜାନକୀଙ୍କର ମାନବୀୟ ରୂପ ପରିପ୍ରକାଶ ହୋଇଛି । ଜଣେ ସାଧାରଣ ନାରୀ ଭାବରେ ମାତା ଜାନକୀ ଉପନ୍ୟାସରେ ଅବତୀର୍ଣ୍ଣ ହେବା ସହିତ ତାଙ୍କର ଆଦର୍ଶମୟତା ପଛରେ ଥିବା କରୁଣା, ତ୍ୟାଗ, ସହନଶୀଳତା, ଧୈର୍ଯ୍ୟ, ଦୁଃଖ ଯନ୍ତ୍ରଣା ଓ ଦୀର୍ଘ ସଙ୍ଘର୍ଷମୟ ଜୀବନ ଆଦିର କାରୁଣ୍ୟାଲେଖ୍ୟ ଔପନ୍ୟାସିକ ପ୍ରଦାନ କରିଛନ୍ତି । ମାତା ଜନକ ନନ୍ଦିନୀ ପ୍ରାଣପ୍ରିୟ ପତି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କଦ୍ୱାରା ନିର୍ବାସିତ ହୋଇ ବାଲ୍ମୀକି ଆଶ୍ରମରେ ଥିବା ସମୟରେ ଦୀର୍ଘ ସଙ୍ଘର୍ଷମୟ ଜୀବନରେ ପ୍ରାପ୍ତ ପ୍ରତିଟି ଅନୁଭୂତିର ସ୍ମୃତିଚାରଣ କରିଛନ୍ତି । ତେଣୁ ଉପନ୍ୟାସର ପ୍ରାରମ୍ଭରେ ଜାନକୀ କହିଛନ୍ତି, "ସେଇ ଅଭାଗିନୀ ସୀତା ମୁଁ ଆଜି ତମସା କୂଳର ଛାୟାଶୀତଳ ପରିବେଶରେ ଗଢି ଉଠିଥିବା ବାଲ୍ମୀକି ଆଶ୍ରମରେ ବସି ଭାବୁଛି । ଅତୀତକୁ ରୋମନ୍ଥନ କରୁଛି ।" (ଜାନକୀ-ପୃ.-୧) ଉପନ୍ୟାସର ପ୍ରାରମ୍ଭ ଜାନକୀଙ୍କ ପରିଚୟରୁ ଆରମ୍ଭ । ସେ ଗତି କରିଥିବା ନାରୀ ଜୀବନର ବିଭିନ୍ନ ପର୍ଯ୍ୟାୟ ମାଧ୍ୟମରେ ଜଣେ ସାଧାରଣ ନାରୀର ଅନ୍ତର୍ମନର ବିଶ୍ଲେଷିତ ରୂପ ଏଥିରେ ପ୍ରଦତ୍ତ ହୋଇଛି । ଆର୍ଯ୍ୟ ଆର୍ଯ୍ୟେତର ସଙ୍ଘର୍ଷ ମାଧ୍ୟମରେ ସାଂସ୍କୃତିକ ମର୍ଯ୍ୟାଦା ଓ ତା'ର ଅକ୍ଷୁର୍ଣ୍ଣତାକୁ ଉପନ୍ୟାସରେ ଗୁରୁତ୍ୱାରୋପ କରାଯାଇଛି । ଆର୍ଯ୍ୟ ସଂସ୍କୃତିର ବିକାଶ ଲାଗି ରାମ-ରାବଣ ଯୁଦ୍ଧ ଯେ ଅନିବାର୍ଯ୍ୟ ତାହା ଔପନ୍ୟାସିକ ଉପନ୍ୟାସରେ ଦର୍ଶାଇଛନ୍ତି । ପରିଶେଷରେ ଅନୁତପ୍ତ ରାମଚନ୍ଦ୍ରଙ୍କ ଅଶ୍ରୁବିଗଳିତ ଲୋତକରେ ନିର୍ବାସିତା ଅଭିମାନୀ ଓ ସ୍ୱାଭିମାନୀ ସୀତାଙ୍କ ନାରୀ ମନ ବରଫ ସଦୃଶ ତରଳି ଯାଇଛି ଏବଂ ସ୍ୱାମୀଙ୍କ ଅନୁରୋଧ ଏବଂ ଇଚ୍ଛାକୁ ସମ୍ମାନ ପ୍ରଦାନ ପୂର୍ବକ ମାତା ସୀତା ନିଜର ସ୍ୱାମୀ ଓ ସନ୍ତାନଙ୍କ ସହିତ ଅଯୋଧ୍ୟା ଅଭିମୁଖେ ପ୍ରସ୍ଥାନ କରିଛନ୍ତି ।

ସମଗ୍ର ଉପନ୍ୟାସଟି ସୀତାଙ୍କ ପରି ଜଣେ ଆଦର୍ଶ ନାରୀଙ୍କ ଅସମାହିତ ଦୁଃଖ ଓ କାରୁଣ୍ୟ ଜୀବନାଲେଖ୍ୟକୁ ନେଇ ଗତିଶୀଳ ହୋଇଛି ।

ରାମାୟଣ ବିଷୟ ଆଧାରିତ ଲେଖକଙ୍କ ତୃତୀୟ ଉପନ୍ୟାସ ହେଉଛି 'ରାବଣ' ଯାହା ବିଦ୍ୟାପୁରୀ ପ୍ରକାଶକଙ୍କ ଦ୍ୱାରା ୧୯୯୮ ମସିହାରେ ପ୍ରକାଶିତ ହୋଇଛି । ରାମାୟଣର ଜଣେ ପ୍ରମୁଖ ଓ

ରାମଙ୍କ ପ୍ରତିସ୍ପର୍ଦ୍ଧୀ ଚରିତ୍ର ଭାବେ ରାବଣ ଉଭା । ଏହି ରାବଣର ଜୀବନାନୁଲିପି ହେଉଛି 'ରାବଣ' ଉପନ୍ୟାସ । ଆତ୍ମକଥନ ଶୈଳୀ ମାଧ୍ୟମରେ ସୃଷ୍ଟ ଉକ୍ତ ଉପନ୍ୟାସଟି ପଚାଶ ଅଧ୍ୟାୟ ବିଶିଷ୍ଟ ଓ ଦୀର୍ଘ ଚାରିଶହ ତିରିଶ ପୃଷ୍ଠା କଳେବର ବିମଣ୍ଡିତ । ବିଶ୍ୱର ସର୍ବଶ୍ରେଷ୍ଠ ଜ୍ଞାନୀ ମହାପଣ୍ଡିତ ଅଥଚ ହିତାହିତ ଜ୍ଞାନ ପରିହିତ ଋଷି ପିତା ଓ ରାକ୍ଷସୀ ମାତାର ଔରସରୁ ସମ୍ଭୁତ ଏହି କିମ୍ଭୁତ କିମାକାର ଚରିତ୍ର ବାଲ୍ମୀକିଙ୍କ ଅନବଦ୍ୟ ସୃଷ୍ଟି । ରାମଙ୍କ ବିନା ଯେପରି ରାମାୟଣ ପରିକଳ୍ପନା ଅସମ୍ଭବ ଠିକ୍ ସେହିପରି ରାବଣକୁ ଛାଡି ରାମାୟଣର ପରିକଳ୍ପନା କରିବା ଅସମ୍ଭବ । ଉକ୍ତ ଉପନ୍ୟାସରେ ଔପନ୍ୟାସିକ ରାବଣ ଚରିତ୍ର ମାଧ୍ୟମରେ ତାର ମାନବୀୟ ପ୍ରକୃତି ସହିତ ରାକ୍ଷସୀ ପ୍ରବୃତ୍ତିର ସଙ୍ଘର୍ଷକୁ ଚିତ୍ରିତ କରିଛନ୍ତି । ସମଗ୍ର ବ୍ରହ୍ମାଣ୍ଡ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଲାଳାୟିତ ରାବଣ ନିଜ ସ୍ୱାର୍ଥର ପୂର୍ଣ୍ଣତା ପଥରେ ଅନେକ ଅଧର୍ମ ଓ ପାପ କାର୍ଯ୍ୟ କରିବାରେ ପଛଘୁଞ୍ଚା ଦେଇ ନାହିଁ । ରାମ ବାଣଦ୍ୱାରା ଆଘାତପ୍ରାପ୍ତ ଏବଂ ଜୀବନ ଯିବା ପୂର୍ବରୁ ରାବଣ ଯୁଦ୍ଧ ଭୂମିରେ ଥାଇ ନିଜ ଅତୀତର ଯାବତୀୟ ଘଟଣାବଳୀର ସ୍ମୃତି ରୋମନ୍ଥନ କରିବା ସହିତ ନିଜ ଅପକର୍ମକୁ ସ୍ୱୀକାର କରିଛି । ଚିର ଅମର ଓ ଦିଗ୍‌ବିଜୟୀ ସମ୍ରାଟ ହୋଇ ନିଜର ସଂସ୍କୃତିକୁ ପୃଥିବୀ ପୃଷ୍ଠରେ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ତା'ର ଏ ଯୁଦ୍ଧ ।

ବ୍ରହ୍ମାଣ୍ଡର ଏତେ ବଡ ଜ୍ଞାନୀ ହୋଇ ସୁଦ୍ଧା ରାମ-ସୀତାଙ୍କର ବାସ୍ତବିକ୍ ସ୍ୱରୂପ ନ ବୁଝି ପାରି ଅହଙ୍କାର ଓ କାମନାରେ ବଶୀଭୂତ ହୋଇ ମାତୃରୂପିଣୀ ସତୀ ସାଧ୍ୱୀ ସୀତାଙ୍କୁ ଅପହରଣ କରି ସେ ଯେଉଁ ପାପ ରୂପକ ଅକ୍ଷମଣୀୟ ଅପରାଧ କରିଛି ସେଥିପାଇଁ ସେ ଅନୁତପ୍ତ ଜର୍ଜରିତ ହୋଇଥିଲେ ହେଁ ଶେଷରେ ସୀତାଙ୍କ ଅପହରଣ ଯେ ତା ମୁକ୍ତିର ପରମ ମାର୍ଗ ତାହା ତାକୁ ଆଶ୍ୱସ୍ତି ପ୍ରଦନା କରିଛି । ମାତ୍ର କ୍ଷୋଭ ମଧ୍ୟ ପ୍ରକାଶ କରିଛି ଯେ, ଏ ଦିବ୍ୟ ମୁକ୍ତି ପଥର ସନ୍ଧାନ ହୁଏତ ଆଗରୁ ପାଇ ପାରିଥିଲେ ସୀତାଙ୍କୁ ବହୁ ପୂର୍ବରୁ ଅପହରଣ କରି ପରମ ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଦିବ୍ୟ ସାନିଧ୍ୟ ଲଭି ପାରିଥାନ୍ତା । ଉପନ୍ୟାସର ଶେଷରେ ତେଣୁ ମୃତ୍ୟୁ ପୂର୍ବରୁ ନିଜର ଶେଷ ସ୍ୱୀକାରୋକ୍ତି ମାଧ୍ୟମରେ ପ୍ରକାଶ କରିବାକୁ ଯାଇ ରାବଣ କହିଛି, "ଅମର ହେବା ପାଇଁ କେତେ ତପସ୍ୟା କରିଥିଲି । ଅମରତ୍ୱର ବର ପାଇ ପାରିଲି ନାହିଁ ବୋଲି ମୋର କେତେ ମନ ଦୁଃଖ । ଚିରଦିନ ବଞ୍ଚି ରହିବା ପାଇଁ କେତେ ଉଦ୍ୟମ ! କେତେ ଲୋକଙ୍କୁ କେତେ ପ୍ରକାର ଯାତନା ଦେଇଥିଲି । କିନ୍ତୁ ଅମର Ùj ÙA _ÿæô^ [fiõö x x x ଅଥଚ ଆଜି ମରିବାକୁ ଯିବା ବେଳେ ଅମର ହୋଇ ଉଠିଛି । ଏ ପ୍ରକାର ମୃତ୍ୟୁ ମୋର ଆଗରୁ ଆସିଥାନ୍ତା ହେଲେ ! ଏ ଅମରତ୍ୱ ସ୍ୱାଦ ଆଗରୁ ଚାଖିଥାନ୍ତି, ହେଲେ ! ରାମଙ୍କ ସହିତ ଶତ୍ରୁତା ଆଗରୁ ହୋଇଥାନ୍ତା ହେଲେ ! ଏ ସୌଭାଗ୍ୟ ଆଗରୁ ଆସିଥାନ୍ତା ହେଲେ ! (ରାବଣ, ପୃ.-୪୨୮-୪୨୯) । ଲେଖକ ଆର୍ଯ୍ୟ ସଂସ୍କୃତିର ପ୍ରତିଷ୍ଠା ହେତୁ ଉପନ୍ୟାସରେ ରାମ-ରାବଣ ଯୁଦ୍ଧର ଆବଶ୍ୟକତା ଦର୍ଶାଇଛନ୍ତି । ଏତଦ୍‌ବ୍ୟତୀତ ଆର୍ଯ୍ୟ ସଂସ୍କୃତି, ଆର୍ଯ୍ୟ ରାଷ୍ଟ୍ର ସ୍ଥାପନ ପାଇଁ ଉଦ୍ୟମ, ଭିନ୍ନ ଭିନ୍ନ ଆର୍ଯ୍ୟେତର ଗୋଷ୍ଠୀ ମିଶ୍ରଣରେ ମାନବୀୟ ଇନ୍ଦ୍ରଧନୁ ଏବଂ ସଂସ୍କୃତିର ବିକାଶ ହେତୁ ସଙ୍ଘର୍ଷ ଆଦିର ଚିତ୍ର ଉକ୍ତ ଉପନ୍ୟାସରେ ପ୍ରଦତ୍ତ ହୋଇଛି ।

ସମ୍ପୂର୍ଣ୍ଣ ଉପନ୍ୟାସରେ ରାବଣ 'ପାପ-ପୁଣ୍ୟ', ସ୍ୱର୍ଗ-ନର୍କ, ଆସକ୍ତ-ଅନାସକ୍ତ ଓ ଶାନ୍ତି-ଆନନ୍ଦ ପ୍ରତି ଉନ୍ମୁଖ । ଇଷ୍ଟ-ଦ୍ରୋହକୁ ନିଜ ମୁକ୍ତିର ଏକମାତ୍ର ସାଧନ ଭାବେ ଗ୍ରହଣ କରି ନେଇଥିବା ରାବଣର ଅବଚେତନରେ ବୈକୁଣ୍ଠପ୍ରାପ୍ତିର ଅଭୀପ୍‌ସା ହୁଏତ ତା'ର ଅପକର୍ମର ହେତୁ । ଉପନ୍ୟାସ ପଠନ କାଳରେ ମନେହୁଏ ରାବଣ ଯେପରି ଅତି ମାନସିକ ଦ୍ୱନ୍ଦ୍ୱର ଏକ ସାର୍ଥକ ଓ ସାକାର ଅଭିବ୍ୟକ୍ତି କାଳର ନିତ୍ୟ ପ୍ରବାହ ମାନତାରେ ଦେବତ୍ୱ ଓ ଦାନବତ୍ୱର ଯେଉଁ ସଙ୍ଘର୍ଷ ଭାବରୂପ ମନୁଷ୍ୟ ଅନ୍ତରରେ ଚିର ପ୍ରବାହିତ ହୋଇ ଆସିଛି ତା'ର ଏକ ସାର୍ଥକ ଭାବରୂପ ହେଉଛି 'ରାବଣ' ଉପନ୍ୟାସ । ବାସ୍ତବିକ ଔପନ୍ୟାସିକଙ୍କର ଏକ ଅନବଦ୍ୟ ସୃଷ୍ଟି ହେଉଛି ଉପନ୍ୟାସ 'ରାବଣ' ।

ରାମାୟଣକୁ ଆଧାର କରି ଉପରୋକ୍ତ ତିନୋଟି ଉପନ୍ୟାସ ପରେ ସୁରେନ୍ଦ୍ରନାଥଙ୍କ ଚତୁର୍ଥ ଉପନ୍ୟାସ 'ଶର୍ମିଷ୍ଠା' ମହାଭାରତୀୟ ଚରିତ୍ର ଅସୁର ରାଜ ବୃଷପର୍ବାଙ୍କ କନ୍ୟା ଶର୍ମିଷ୍ଠାଙ୍କୁ ନେଇ ସୃଷ୍ଟ । ୨୦୦୦ ମସିହା ବିଦ୍ୟାପୁରୀ ପ୍ରକାଶକଙ୍କ ଦ୍ୱାରା ଉକ୍ତ ଉପନ୍ୟାସର ବିଷୟବସ୍ତୁ ଛଷଠି ଅଧ୍ୟାୟ ବିଶିଷ୍ଟ ଓ ଦୀର୍ଘ ତିନିଶହ ଏକାଅଶୀ ପୃଷ୍ଠାରେ ବ୍ୟାପ୍ତ ।

ମହାଭାରତର ଆଦିପର୍ବ ଅନ୍ତର୍ଗତ ଏକ ଲୋକପ୍ରିୟ ଆଖ୍ୟାନକୁ ନେଇ ରଚିତ 'ଶର୍ମିଷ୍ଠା' ଉପନ୍ୟାସ । ଉକ୍ତ ଉପନ୍ୟାସର ପୃଷ୍ଠଭୂମି ହେଉଛି କାଳିଦାସଙ୍କ 'ଅଭିଜ୍ଞାନ ଶକୁନ୍ତଳଂ' ନାଟକର ଚତୁର୍ଥ ଅଙ୍କସ୍ଥ ସପ୍ତମ ଶ୍ଳୋକରେ ଥିବା ଏକ ଉକ୍ତି ଯେଉଁଥିରେ କଣ୍ୱମୂନି କନ୍ୟା ଶକୁନ୍ତଳାଙ୍କୁ ବିଦାୟ ଦେବା ଅବସରରେ କହିଛନ୍ତି, "ଯଯାତେରିମ ଶର୍ମିଷ୍ଠା ଭର୍ତ୍ତୁର୍ବହୁମତା ଭବ" । ଅର୍ଥାତ୍ ଶର୍ମିଷ୍ଠା ଯେପରି ପତି ଯଯାତିଙ୍କ ଠାରୁ ଖୁବ୍ ସମ୍ମାନ ପାଇଥିଲେ ତୁମେ ଠିକ୍ ସେମିତି ତୁମ ପତିଙ୍କ ଠାରୁ ସମ୍ମାନ ପାଅ । ଏହି ପଦେ କଥା ଲେଖକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଯେ ବ୍ରାହ୍ମଣ କନ୍ୟା

ଦେବଯାନୀଙ୍କୁ ଯଯାତି ଦଶଦିଗପାଳଙ୍କୁ ସାକ୍ଷୀ ରଖି ବିବାହ କରିଥିଲେ । ମାତ୍ର ଦେବଯାନୀଙ୍କ ଆଜୀବନ ଦାସୀ, ନିଷ୍ପେସିତ ଆତ୍ମା, ଅଭିଶପ୍ତ ଜୀବନ ନେଇ ବଞ୍ଚୁଥିବା ଅସୁର ରାଜ ବୃଷପର୍ବାଙ୍କ କନ୍ୟା ଶର୍ମିଷ୍ଠା ଆର୍ଯ୍ୟପୁତ୍ର ଯଯାତିଙ୍କର ପ୍ରିୟତମ ପତ୍ନୀ ହେବାର ସୌଭାଗ୍ୟ ପ୍ରାପ୍ତି କରିବା ସହିତ ପୁରୁରବା ବଂଶର ରାଜମାତା ହୋଇପାରିଥିଲେ । ଅଥଚ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କୁ ଏ ସୌଭାଗ୍ୟ ପ୍ରାପ୍ତି ହୋଇପାରି ନଥିଲା । ଏପରି କେଉଁ ଗୁଣ ଥିଲା ଶର୍ମିଷ୍ଠାଙ୍କ ପାଖରେ ଯାହା ପୁଣି ନଥିଲା ଦେବଯାନୀଙ୍କ ପାଖରେ । କେଉଁ ଗୁଣରେ ଗରୀୟସୀ ଶର୍ମିଷ୍ଠାଙ୍କୁ ମହାକବି ଜଣେ ଆଦର୍ଶ ପତ୍ନୀର ପଦ ମର୍ଯ୍ୟାଦାରେ ଅବତାରଣ କରିଛନ୍ତି । ସେସବୁ ଦ୍ୱନ୍ଦ୍ୱରୁ ସୃଷ୍ଟ 'ଶର୍ମିଷ୍ଠା' ଉପନ୍ୟାସରେ ଲେଖକ ଶର୍ମିଷ୍ଠା, ଦେବଯାନୀ ଓ ଯଯାତିଙ୍କ ତ୍ରିକୋଣୀୟ ପ୍ରେମ ଭାବନା ବର୍ଣ୍ଣନା ମାଧ୍ୟମରେ କିପରି ଦାସୀ ଶର୍ମିଷ୍ଠା ଜଣେ ଆଦର୍ଶ ପତ୍ନୀର ଶ୍ରେଷ୍ଠତାକୁ ଅବତୀର୍ଣ୍ଣ ହୋଇପାରିଛନ୍ତି ସେ ସବୁର ଅନେକ ପ୍ରଶ୍ନ ଓ ତାର ଉତ୍ତରକୁ 'ଶର୍ମିଷ୍ଠା' ଉପନ୍ୟାସ ମଧ୍ୟରେ ଲେଖକ ପ୍ରକାଶ କରିଛନ୍ତି ।

ମହାଭାରତ ପୃଷ୍ଠଭୂମି ଉପରେ ଆଧାରିତ ଔପନ୍ୟାସିକଙ୍କ ପଞ୍ଚମ ଉପନ୍ୟାସ 'କର୍ଣ୍ଣ' ୨୦୦୧ ମସିହା ଦୀର୍ଘ ଚାରିଶହ ସତସ୍ତରୀ ପୃଷ୍ଠା ବିଶିଷ୍ଟ ଅଠାଅଶୀ ଅଧ୍ୟାୟର ଦୀର୍ଘ କଳେବର ନେଇ ଆତ୍ମକଥନ ଶୈଳୀ ମାଧ୍ୟମରେ ପ୍ରକାଶିତ ହୋଇଛି । ମହାଭାରତର ଜଣେ ପରାକ୍ରମୀ ବୀର ଅଥଚ କାଳେ କାଳେ ଅବାଞ୍ଛିତ, ଅପମାନିତ, ଉପେକ୍ଷିତ ଓ ଅବହେଳିତ ଚରିତ୍ରର ଜୀବନାୟନ ହେଉଛି 'କର୍ଣ୍ଣ' ଉପନ୍ୟାସ । ଜୀବନତମାମ ଅପମାନିତ ଓ ଅବାଞ୍ଛିତ ହୋଇ ନିଜ ଅସ୍ତିତ୍ୱ ପାଇଁ ସର୍ବଦା ସଂଘର୍ଷରତ କର୍ଣ୍ଣ ମହାଭାରତର ଏକ ପରାକ୍ରମୀ ଚରିତ୍ର । ମହାଭାରତର ଭୀମ ଭୟଙ୍କର ପରିବେଶରେ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଶରବିଦ୍ଧ ଯନ୍ତ୍ରଣାରେ ଜର୍ଜରିତ କର୍ଣ୍ଣ ତାଙ୍କ ଜୀବନଲିପିର ସ୍ମୃତିଚାରଣ କରିବା ସହିତ କିଛି ବିଶେଷ କାରଣ ପାଇଁ ସେ ତାଙ୍କର ଜୀବନଲିପିକୁ ପ୍ରକାଶ କରିଛନ୍ତି ବୋଲି କହିଛନ୍ତି । ଏବଂ ସେହି ବିଶେଷ କାରଣ ହେଉଛି ଧର୍ମପକ୍ଷ ଛାଡ଼ି ଦୁର୍ଯ୍ୟୋଧନ ଭଳି ଜଣେ ଦୁରାଚାରୀ, ଅଧର୍ମୀର ପକ୍ଷକୁ ସମର୍ଥନ କରିବାର ଚିରବିବଶତା । ନ୍ୟାୟ-ଅନ୍ୟାୟ, ଧର୍ମ-ଅଧର୍ମ, ହିତାହିତ ଜ୍ଞାନ ଥାଇ ସୁଦ୍ଧା କୌରବ ରାଜସଭାରେ ପାଣ୍ଡବ କୂଳବଧୂ ଦ୍ରୌପଦୀଙ୍କୁ ସର୍ବସମ୍ମୁଖରେ ବେଶ୍ୟା କହି ସମ୍ବୋଧନ କରି ଜଣେ ନାରୀକୁ ଅପମାନିତ କରିବାର ଅକ୍ଷମଣୀୟ ଭୁଲ ସହିତ ସବୁଠୁ ବଡ ବିଶେଷ କଥା ହେଉଛି ପରିଚୟ ଥାଇ ସୁଦ୍ଧା ଜୀବନ ତମାମ ଅବାଞ୍ଛିତ ଭାବେ ଅଭିଶପ୍ତ ଜୀବନ ଭୋଗ କରିବା । ତେଣୁ ଏହି ପ୍ରସଙ୍ଗରେ ଉପନ୍ୟାସରେ ଲେଖକ କର୍ଣ୍ଣ ମୁଖରେ ପ୍ରକାଶ କରିବାକୁ ଯାଇ କୁହନ୍ତି, "ଏକ ବିଶେଷ କାରଣ, ଯେଉଁଥିପାଇଁ ଏହି କାହାଣୀଟିକୁ କହିବାକୁ ଯାଉଛି । ଆଗରୁ ତ କହିଛି, ଏହା ଏକ ଅଭିଶପ୍ତ ଜୀବନର କାହାଣୀ – ଏକ ଦଳିତ ପ୍ରାଣର ଆର୍ତ୍ତନାଦର କାହାଣୀ ।" (କର୍ଣ୍ଣ – ପୃ.- ୯) ।

କୁନ୍ତୀ ପୁତ୍ର କର୍ଣ୍ଣ ନିଜ ଅସ୍ତିତ୍ୱ ପାଇଁ, ନିଜ ପୌରୁଷତାର ପ୍ରମାଣ ଦେବା ପାଇଁ ସର୍ବଦା ଚେଷ୍ଟିତ ଥିଲେ ମଧ୍ୟ ଏ ସମାଜ ଦ୍ୱାରା ସୂତପୁତ୍ର ଭାବେ ସମ୍ବୋଧିତ ହୋଇ ଚିର ଅବହେଳିତ ହୋଇ ରହିଯାଇଛନ୍ତି । ଯାହାକୁ ମାରିବାକୁ ଯାଇ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଛଳର ସାହାଯ୍ୟ ନେଇଛନ୍ତି ସେହିଭଳି ଜଣେ ମହାନ ଯୋଦ୍ଧା ଓ ଦାନବୀର କର୍ଣ୍ଣଙ୍କ କାରୁଣ୍ୟ କାହାଣୀର ମର୍ମଲିପି ଉକ୍ତ ଉପନ୍ୟାସର ଉପଜୀବ୍ୟ ବିଷୟ ଅଟେ । ଉକ୍ତ ଉପନ୍ୟାସରେ ଦଳିତ କର୍ଣ୍ଣ ଚରିତ୍ର ମାଧ୍ୟମରେ ଔପନ୍ୟାସିକ ଉଚ୍ଚ-ନୀଚ ବିଭେଦତାକୁ ପ୍ରଶ୍ରୟ ନଦେଇ ନିଜର ଆତ୍ମବିଶ୍ୱାସ ଓ ସଙ୍ଘର୍ଷ ବଳରେ ସମାଜରେ କିପରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ଏହା ମାଧ୍ୟମରେ ଆଗାମୀ ସନ୍ତାନମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

ସୁରେନ୍ଦ୍ରନାଥ ଶତପଥୀଙ୍କ ଷଷ୍ଠ ଉପନ୍ୟାସ 'ଯୋଜନଗନ୍ଧା' ଅଟେ । ଏହା ବିଦ୍ୟାପୁରୀ ପ୍ରକାଶକଙ୍କଦ୍ୱାରା ୨୦୦୨ ମସିହା ଆତ୍ମପ୍ରକାଶ କରେ । ପଂଷଠି ଅଧ୍ୟାୟଭୁକ୍ତ ଏବଂ ଚାରିଶହ ସତୁରୀ ପୃଷ୍ଠା ବିଶିଷ୍ଟ ଦୀର୍ଘ କଳେବର ନେଇ 'ଯୋଜନଗନ୍ଧା' ଉପନ୍ୟାସ ପରିପୁଷ୍ଟ । ମହାଭାରତର ଜଣେ ଦୀପ୍ତିମୟୀ ନାରୀ ଚରିତ୍ର ସତ୍ୟବତୀଙ୍କୁ ନେଇ ତାଙ୍କ ଦୀର୍ଘ ଜୀବନର ସୁଖ-ଦୁଃଖ କାହାଣୀର ସମିଶ୍ରଣରେ 'ଯୋଜନଗନ୍ଧା' ଉପନ୍ୟାସ ଆତ୍ମକଥନ ଶୈଳୀରେ ପରିବେଷିତ । ନିମ୍ନ କୂଳରେ ଧୀବର ପରିବାରରେ ଜନ୍ମିତ ସତ୍ୟବତୀଙ୍କ ସମଗ୍ର ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସମସ୍ତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ସୁଦ୍ଧା ଜୀବନ ସଂଗ୍ରାମରେ ହାର ନ ମାନି ସମାଜର ନିମ୍ନସ୍ତରରୁ କିପରି ଜଣେ ସାଧାରଣ ନାରୀ ଉଚ୍ଚ ସୋପାନକୁ ଅତିକ୍ରମ କରିପାରେ ତାହାର ସ୍ପଷ୍ଟ ପ୍ରମାଣ ମହାଭାରତର ଏହି ନାରୀ ଚରିତ୍ରଟି ମାଧ୍ୟମରେ ପ୍ରଦତ୍ତ । ନିଜକୁ ଅବଳା, ଦୁର୍ବଳା ନ ଭାବି ପୁରୁଷ ସହ ସମତାଳରେ ଗତି କରି ଉଭୟେ ପରସ୍ପରର ସହଯୋଗୀ ହୋଇ ଜୀବନର ପ୍ରଲମ୍ବିତ ପଥକୁ ଅନାୟାସରେ କିପରି ଅତିକ୍ରମ କରାଯାଇପାରେ ତାହାର ସ୍ପଷ୍ଟୋକ୍ତି ଦିଏ 'ଯୋଜନଗନ୍ଧା' ଉପନ୍ୟାସ ।

ନାରୀ ସର୍ବଶକ୍ତିର ଅଧିକାରିଣୀ । ଅସମ୍ଭବକୁ ସମ୍ଭବ କରିବାର କ୍ଷମତା ରଖେ । ପୁଣି ନୂତନ ସୃଷ୍ଟିର ପ୍ରାରମ୍ଭିକ ଯାତ୍ରା ଏଇ ନାରୀ ।

ତେଣୁ ନିଜକୁ କେବେ ଅବଳା ଦୁର୍ବଳା ନ ବିଚାରି ନିଜ ଅନ୍ତର୍ନିହିତ ଚଳତଶକ୍ତି ଓ ସାମର୍ଥ୍ୟକୁ ଚିହ୍ନି ତାକୁ ନିଜର ଲକ୍ଷ୍ୟପ୍ରାପ୍ତି ମାର୍ଗରେ ପ୍ରେରଣା ସ୍ୱରୂପ ମନରେ ଆତ୍ମବିଶ୍ୱାସ ଭରି ଜୀବନଯାତ୍ରାରେ ଆଗକୁ ଆଗେଇ ପାରିଲେ ସେ ହିଁ ହୁଏ ସର୍ବ ଇଚ୍ଛାପୂର୍ତ୍ତିର ଅଧିକାରିଣୀ । ଏହି ପ୍ରସଙ୍ଗରେ ଲେଖକ ଉପନ୍ୟାସରେ ଯୋଜନଗନ୍ଧା ମୁଖରେ କହିଛନ୍ତି, "ସାଧାରଣ ଧୀବର କନ୍ୟାର ଜୀବନଠାରୁ ଆରମ୍ଭ କରି ଜୀଇଁ ଆସିଛି ରାଜରାଣୀ, ରାଜମାତା ଓ ରାଜମାତାମହୀଙ୍କ ଜୀବନ । ବହୁ ଘାତ-ପ୍ରତିଘାତ, ମାନ-ଅପମାନର ହୋଇଛି ମୁହାଁମୁହିଁ । କିନ୍ତୁ ଭାଙ୍ଗି ପଡି ନାହିଁ । ହରାଇ ନାହିଁ ସାହାସ ଓ ଆତ୍ମବିଶ୍ୱାସ । ପଛଘୁଞ୍ଚା ଦେଇ ନାହିଁ କୌଣସି ଲଢ଼େଇରେ । ଲଢ଼ିଛି ବିରାଙ୍ଗନାଭଳି, ହୀନ କୂଳରେ ଜନ୍ମ ନେଇ ମଧ୍ୟ ମୋତେ ଗ୍ରାସ କରି ନାହିଁ ହୀନମନ୍ୟତା । ସବୁବେଳେ ଉଚ୍ଚ ଆଶା, ଉଚ୍ଚ ଅଭିଳାଷ, ମହତ୍ତ୍ୱାକାଂକ୍ଷା ନେଇ ଗଢ଼ି ତୋଳିଛି ମୋର ସଂସାର ।" (ପୃ.-୪୭୦)

'ଯୋଜନଗନ୍ଧା' ଉପନ୍ୟାସର ପ୍ରାରମ୍ଭରୁ ସତ୍ୟବତୀ ଜୀବନର ଶେଷ ସମୟରେ ଅମ୍ବିକା ଅମ୍ବାଳିକାଙ୍କ ସହ ହସ୍ତିନାପୁରରୁ ବିଦାୟ ନେଇ ବାନପ୍ରସ୍ଥ ଗ୍ରହଣ କରି ବ୍ୟାସଦେବଙ୍କ ଆଶ୍ରମରେ ରହି ସେହିଠାରେ ହିଁ ନିଜ ଜୀବନର ସମସ୍ତ ଘଟଣାବଳୀର ସ୍ମୃତିଚାରଣ କରିଛନ୍ତି । ଲେଖକଙ୍କଦ୍ୱାରା ସୃଷ୍ଟ ଉକ୍ତ ଉପନ୍ୟାସ ମାଧ୍ୟମରେ ମାନବ ଜୀବନର ସମଗାନର ସରସ-ମଞ୍ଜୁଳ-ମଧୁର ଅଭିବ୍ୟକ୍ତ ଘଟିଛି । ମହାଭାରତୀୟ ଏହି ମହିମ୍ନ ଚରିତ୍ର ସତ୍ୟବତୀ ଅତୀତର ଚରିତ୍ର କେବଳ ମାତ୍ର ନୁହଁନ୍ତି, ବରଂ ଅକ୍ଷୟକାଳର ଚରିତ୍ର ଜଣେ । ଜୀବନ ତମାମ ମାନ-ଅପମାନ, ସାମାଜିକ ଅବହେଳା ସହିତ ଅତ୍ୟାଚାର ଓ ନାନା ଧର୍ମ ସଙ୍କଟ ମଧ୍ୟ ଦେଇ ସତ୍ୟବତୀ ଚରିତ୍ରଟି ଗତି କରିଥିଲେ ସୁଦ୍ଧା ନା କେବେ ଭାଙ୍ଗି ପଡିଛନ୍ତି ନା କେବେ ନିଜକୁ ଦୁର୍ବଳା ପରି ମାନି ନେଇଛନ୍ତି । ଆତ୍ମବିଶ୍ୱାସ ମନ ନେଇ ଅଗ୍ରସର ହୋଇ ସଫଳ ହୋଇଛନ୍ତି ଜୀବନ-ସଂଗ୍ରାମରେ । ସମାଜର ନୀଚତମ ସ୍ତରରୁ ଉଠି ସାମ୍ରାଜ୍ଞୀ ହେବାର ଅଦମ୍ୟ ଚିରପୋଷିତ ଉଚ୍ଚାଭିଳାଷ ଓ ଅନନ୍ୟ ସାଧନା ବଳରେ । ବାସ୍ତବିକ୍ ଲେଖକ ଉକ୍ତ ଉପନ୍ୟାସ ମାଧ୍ୟମରେ ସମଗ୍ର ନାରୀ ଜାତିକୁ ସତ୍ୟବତୀ କଥା ପ୍ରସଙ୍ଗ ଉତ୍ଥାପନ କରିବା ମାଧ୍ୟମରେ ତାଙ୍କୁ ପ୍ରେରିତ କରିବା ସହିତ ସେମାନଙ୍କୁ ନିଜ ଆଶା ଆକାଂକ୍ଷାର ପକ୍ଷ ଛେଦନ ନକରି ଆତ୍ମବିଶ୍ୱାସର ଡେଣା ମେଲି ନିଜ ଉଚ୍ଚାଭିଳାଷକୁ ପୂର୍ଣ୍ଣ କରିବା ପାଇଁ ଅଦମ୍ୟ ପ୍ରେରଣା ପ୍ରଦାନ କରିଛନ୍ତି ।

ଔପନ୍ୟାସିକଙ୍କର ସପ୍ତମ ସୃଷ୍ଟି 'କୁନ୍ତୀ' ମହଭାରତ ପୃଷ୍ଠଭୂମି ଉପରେ ଆଧାରିତ । ଉକ୍ତ ଉପନ୍ୟାସଟି ୨୦୦୩ ମସିହା ବିଦ୍ୟାପୁରୀ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ । ତେୟାଅଶୀ ଅଧ୍ୟାୟ ବିଶିଷ୍ଟ ଦୀର୍ଘ ପାଞ୍ଚଶହ ବୟାଅଶୀ ପୃଷ୍ଠାର ସମାହାରରେ କୁନ୍ତୀଙ୍କ ଜୀବନାନୁଲିପି ଭାବେ ଆତ୍ମକଥନ ଶୈଳୀରେ ଏହା ସୃଷ୍ଟ । ମହାଭାରତର ଅନ୍ୟ ଏକ ଦିପ୍ତିମୟୀ ନାରୀ ଚରିତ୍ର ପଞ୍ଚସତୀଙ୍କ ମଧ୍ୟରେ ସ୍ଥାନିତ ମାତା କୁନ୍ତୀ, ଯିଏ ତ୍ୟାଗ, ସହନଶୀଳତା, ଅସୀମ ଧୈର୍ଯ୍ୟର ପ୍ରତୀକ ଜୀବନସାରା ସେ ଉପେକ୍ଷିତ ଉପହାସିତ । ଏପିରକି ପିତୃ ଗୃହରୁ ଆରମ୍ଭ କରି ଶ୍ୱଶୁର ଗୃହ ପର୍ଯ୍ୟନ୍ତ ନାନାଦି କାରଣରୁ ସର୍ବଦା ଉପେକ୍ଷିତ ଓ ଉପହାସିତ ।

କୁମାରୀତ୍ୱ ଅବସ୍ଥାରେ ପ୍ରାପ୍ତ ନିଜ ପ୍ରଥମ ସନ୍ତାନ ପାଇଁ ଏ ସମାଜ ଓ ପିତୃକୁଳକୁ ଦୋଷ ନ ଲାଗିବା ଭୟରେ ତାକୁ ନିଜଠାରୁ ଦୂରେଇ ରଖି ଜୀବନ ତମାମ ମାତୃତ୍ୱର ପ୍ରଥମ ସ୍ପର୍ଶର ଅନୁଭବରୁ ବଞ୍ଚିତା କୁନ୍ତୀଙ୍କ ମାତୃତ୍ୱ ପ୍ରତିଟି ମୁହୂର୍ତ୍ତରେ ବିଳପି ଉଠିଛି । ପୁଣି ପରିଣତ ବୟସରେ ନିଜ ନବଜାତ ଶିଶୁର ପରିଚୟ ପାଇ ସୁଦ୍ଧା ତାକୁ ମାତୃତ୍ୱର ସ୍ନେହ ଦେବାରୁ ବଞ୍ଚିତା ହୋଇଛନ୍ତି । ଏପରିକି ନିଜ ଚକ୍ଷୁ ସାମ୍ନାରେ ପ୍ରଥମ ମାତୃତ୍ୱ ପ୍ରାପ୍ତିର ପରମ ସୌଭାଗ୍ୟ ଦେଇଥିବା ସେହି ସନ୍ତାନର ମୃତ୍ୟୁ ଯନ୍ତ୍ରଣା ଗୋଟେ ମମତାମୟୀ ମାଆର ହୃଦୟକୁ ଖିନ୍‌ଭିନ୍ କରି ଦେଇଛି । ହଁ ଏଇ ସେହି କୁନ୍ତୀ ଯିଏ ରାଜରାଣୀ ଓ ରାଜମାତା ହୋଇ ମଧ୍ୟ ବହୁବାର ଭୋଗିଛନ୍ତି ବନବାସର ଦୁଃଖ । ଜୀବନରେ ଅମାପ ଦୁଃଖ, ଦୁର୍ବିସହ ଯାତନା ଭୋଗୀ ମଧ୍ୟ ବିନା ପ୍ରତିବାଦରେ ସମୟ ସର୍ବୋପରି ଜ୍ଞାତି ପରିଜନଙ୍କ ଠାରୁ ପ୍ରାପ୍ତ ପ୍ରତ୍ୟେକ ନିର୍ଦ୍ଦେଶ ଓ ମାନ ଅପମାନକୁ ମୁଣ୍ଡ ପାତି ସ୍ୱୀକାର କରି ନେଇଛନ୍ତି । ଏକାକୀ ଜଣେ ନାରୀ ପାଂଚ ପୁତ୍ରଙ୍କୁ ଶୃଙ୍ଖଳିତ ଜୀବନ ଅତିବାହିତ କରାଇବାର ମାର୍ଗରେ ପରିଚାଳିତ କରାଇ ସେମାନଙ୍କୁ ପାଂଚ ଶରୀର ଗୋଟିଏ ପ୍ରାଣ କରି ଗଢ଼ି ସମସ୍ତଙ୍କୁ ବୀର ରୂପେ ସମାଜରେ ସ୍ୱତନ୍ତ୍ର ପରିଚୟ ଦେବାରେ ନିଜ ଜବୀନକୁ ଉତ୍ସର୍ଗ କରିଛନ୍ତି । ସେହି ମହୀୟସୀ କୁନ୍ତୀଙ୍କ ଆତ୍ମକଥା 'କୁନ୍ତୀ' ଉପନ୍ୟାସରେ ପ୍ରକାଶିତ ହୋଇଛି । ଏତେ ତ୍ୟାଗ ପରେ ବି ସମାଜ ତାଙ୍କ ଉପରେ ଯେଉଁସବୁ କଳଙ୍କ ଓ ଦୋଷ ବାରମ୍ବାର ଲଦି ଦେଇଛି ସେଥିରେ ଅତିଷ୍ଠ କୁନ୍ତୀଙ୍କ ଆତ୍ମା ଦୀର୍ଘ ପାଞ୍ଚହଜାର ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ମଧ୍ୟ ଅତୀତର କବର ଭିତରେ ଥାଇ ଛଟପଟ ହୋଇ ଉଠିଛି । ତାଙ୍କ ଉପରେ ବାରମ୍ବାର ମିଥ୍ୟାଦୋଷ ଆରୋପିତ କରି ତାଙ୍କ ଆତ୍ମା ମନକୁ କଦର୍ଥ କରିବାର ହୀନ ପ୍ରୟାସ ଏ ସମାଜ କରିଚାଲିଛି । ସେହି ଅତୀତର କବର ଭିତରୁ ତାଙ୍କ ଉପରେ ଲାଗିଥିବା ଦୋଷକୁ

ମିଥ୍ୟା ଅପପ୍ରଚାର ବୋଲି କୁନ୍ତୀ ଉପନ୍ୟାସରେ ନିଜର ଜୀବନାନୁଲିପି ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । ଉକ୍ତ ଉପନ୍ୟାସଟିରେ ଲେଖକ ଅତୀତ ଓ ବର୍ତ୍ତମାନର ସଂଯୋଗୀକରଣ କରିଛନ୍ତି ।

ମୁଖ୍ୟତଃ 'କୁନ୍ତୀ' ଉପନ୍ୟାସ ସୃଷ୍ଟି କରିବା ପଛରେ ଲେଖକଙ୍କର ଯେଉଁ ମୁଖ୍ୟ ଉଦ୍ଦେଶ୍ୟ ଦୁଇଗୋଟି ନିହିତ ଅଛି ସେଇ ଉଦ୍ଦେଶ୍ୟକୁ ଉପନ୍ୟାସର ପ୍ରାରମ୍ଭରୁ କୁନ୍ତୀ ମୁଖରେ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ କୁନ୍ତୀ କହିଛନ୍ତି, "ମୋ'ର କଥା କହିବାର ଦୁଇଟି ଆବଶ୍ୟକତା । ପ୍ରଥମରେ ମୋ' ନିଜ ପାଇଁ । ନିଜ ଆତ୍ମସମ୍ମାନ ପାଇଁ । ଯାହା କିଛି ଯଶଃ, କିର୍ତ୍ତି, ସୁନାମ ଅର୍ଜିଛି ଦୀର୍ଘ ଜୀବନରେ, ତାହାର ସୁରକ୍ଷା ପାଇଁ । ମୋ' ନାଁରେ ଅଯଥାରେ ବହୁ ପୁରୁଷସଙ୍ଗିନୀ ନାରୀ ବୋଲି ଓ ଏକ ନିଷ୍ଠୁରା ହୃଦୟହୀନା ମାଆ ବୋଲି ଯେଉଁ ଅପବାଦର ସ୍ୱର ଉଠୁଛି । x x x ଆଉ ଦ୍ୱିତୀୟ ଆବଶ୍ୟକତା ହେଉଛି, ନିଷ୍ଠୁରା ଜନନୀ ବୋଲି ଯେଉଁ ବୃଥା କଳଙ୍କ ରଟୁଛି ମୋ' ନାଁରେ, ତାହାର ଚିର ଅବସାନ କରାଇବା ।" (କୁନ୍ତୀ, ପୃ.- ୨)

ସୁଖ ଦୁଃଖ ଭରା ଏହି ମନସ୍ୱିନୀ ନାରୀଙ୍କ ଜୀବନ କାହାଣୀ ସହିତ ଉପରୋକ୍ତ ଆଭିମୁଖ୍ୟକୁ ନେଇ 'କୁନ୍ତୀ' ଉପନ୍ୟାସ ପ୍ରଲମ୍ବିତ । ଔପନ୍ୟାସିକଙ୍କର ଉକ୍ତ ଉପନ୍ୟାସଟି ଅନ୍ତର୍ଶ୍ଚେତନିକ ମନୋବିଜ୍ଞାନର (ଡେପଥ୍ ସାଇକୋଲଜି) ଓଡ଼ିଆ ଭାଷାରେ ଏକ ନବୀନ ସୃଜନର ପ୍ରୟାସ ।

ସର୍ବଶେଷରେ ଔପନ୍ୟାସିକଙ୍କର ଅଷ୍ଟମ ସନ୍ତାନ ହେଉଛି 'କୃଷ୍ଣା' ଉପନ୍ୟାସ ଯାହା ୨୦୦୪ ମସିହାରେ ଆତ୍ମପ୍ରକାଶ କରିଛି । ପଞ୍ଚାବନ ପୃଷ୍ଠା ଅଧ୍ୟାୟର ସମାହାରରେ ଦୀର୍ଘ ତିନିଶହ ଛଷଠି ପୃଷ୍ଠା ବିମଣ୍ଡିତ । ପଂସତୀଙ୍କ ମଧ୍ୟରେ ସ୍ଥାନିତ ମହାଭାରତର ମୁଖ୍ୟ ନାୟିକା ଦ୍ରୌପଦୀ ଜଣେ ଦୀପ୍ତିମୟୀ ନାରୀ ଚରିତ୍ର । ଏହି ଦୀପ୍ତିମୟୀ ନାରୀଙ୍କ ଜୀବନାନୁଲିପି ଆତ୍ମକଥନ ଶୈଳୀରେ ଉପନ୍ୟାସରେ ପରିପ୍ରକାଶ । ଦ୍ରୌପଦୀ ପରିସ୍ଥିତିର ପ୍ରବାହରେ ବାଧ୍ୟ ହୋଇ ପଞ୍ଚପତି ଗ୍ରହଣ କରିଥିଲେ ସୁଦ୍ଧା ପବିତ୍ର ଅଗ୍ନିର ଦେଦୀପ୍ୟମାନ ଜ୍ୟୋତି ଶିଖା ପରି ତାଙ୍କ ଚରିତ୍ର ଓ ତାଙ୍କର ଚାରିତ୍ରିକ ଗୁଣାବଳୀ ଭାସ୍ୱରିତ । ଦ୍ରୌପଦୀଙ୍କ ଜୀବନର ସମସ୍ତ ଘଟଣା ଏପରିକି ତାଙ୍କ ଜନ୍ମ ରହସ୍ୟଠାରୁ ଆରମ୍ଭ କରି ସ୍ୱର୍ଗାରୋହଣ ପର୍ଯ୍ୟନ୍ତ ସବୁ ବିବରଣୀର ଏକ ମାର୍ମିକ ଆଲେଖ୍ୟ ହେଉଛି 'କୃଷ୍ଣା' ଉପନ୍ୟାସ । କୁନ୍ତୀ ଉପନ୍ୟାସ ପରି ଉକ୍ତ ଉପନ୍ୟାସରେ ମଧ୍ୟ ଲେଖକ ଅତୀତ ଓ ବର୍ତ୍ତମାନର ସଂଯୋଗୀକରଣ କରିଛନ୍ତି । ସମଗ୍ର ପୁରୁଷ ସ୍ଥାନିତ କୌରବ ସଭାରେ ପାଣ୍ଡବ କୂଳବଧୂ ଦ୍ରୌପଦୀଙ୍କୁ ଯେପରି ପଶା ଖେଳରେ ବାଜି ରଖାଯାଇ ତାଙ୍କ ଚରିତ୍ରକୁ ପଶା କାଠିର ଗୋଟି ପରି ଓଲଟ ପାଲଟ କରି ତାଙ୍କର ନାରୀତ୍ୱର ଅପମାନ କରାଯାଇଛି ସେ ପରିସ୍ଥିତିକୁ ଭାବିଲା ମାତ୍ରେ ହିଁ ଲୋମକୂପ ଶିହରୀତ ହୋଇ ଉଠେ । ଏହି ଧୈର୍ଯ୍ୟଶୀଳା ନାରୀ ଯାହାଙ୍କ ଦୀର୍ଘ ସଙ୍ଘର୍ଷମୟ ଜୀବନ ଭାଷାରେ ବ୍ୟକ୍ତ କରିବା ଅସମ୍ଭବ । ତାଙ୍କ ପରି ଆଉ ଜଣେ ସତ୍ୟ, କର୍ତ୍ତବ୍ୟନିଷ୍ଠତା ଉଚ୍ଚଗୁଣସମ୍ପନ୍ନ ନାରୀ ଏ ପୃଥିବୀ ପୃଷ୍ଠରେ ଜନ୍ମ ନେବା ଅଦ୍ୱିତୀୟ । ତଥାପି ତାଙ୍କ ଚରିତ୍ରକୁ ବାରମ୍ବାର ମିଥ୍ୟା କଳଙ୍କର କାଳିମା ବୋଲି ସଂହାର କରାଯାଇଛି । ଅତୀତର ସେ ବସ୍ତ୍ରହରଣ ସିନା ଦ୍ରୌପଦୀଙ୍କ ଆତ୍ମାକୁ ଥରେ ଜର୍ଜରିତ କରିଥିଲା ମାତ୍ର କିଛି ଦୁର୍ଜନ ଖଳ ପ୍ରବୃତ୍ତିର ଲୋକଙ୍କ ମିଥ୍ୟା ଅପପ୍ରଚାର ତାଙ୍କ ମୃତ ଆତ୍ମାକୁ ବାରମ୍ବାର କଷ୍ଟ ଦେଇଚାଲିଛି । ସେଥିପାଇଁ ଅତୀତର ଦିବ୍ୟଜ୍ଞାନୀ ଗୁରୁମାନଙ୍କୁ ନୁହେଁ ବରଂ ପରବର୍ତ୍ତୀ ସମୟର କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ତାଙ୍କ ନାଁକୁ ଯେପରି କଦର୍ଥ କରି ତାଙ୍କ ଚରିତ୍ରକୁ ଅମଳିନ କରିବା ପାଇଁ ବାରମ୍ବାର ହୀନ ପ୍ରୟାସ କରି ଚାଲିଛନ୍ତି ସେଥିରେ ଦ୍ରୌପଦୀଙ୍କ ଆତ୍ମା ମୁକ୍ତି ପାଇ ମଧ୍ୟ ଅମୁକ୍ତପ୍ରାୟ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଘୁରି ବୁଲିଛି ଏବଂ ଅତୀତର କବର ମଧ୍ୟରୁ ତାଙ୍କ ଆତ୍ମା ଆଜି ସେହିମାନଙ୍କ ଉଦ୍ଦେଶ୍ୟରେ ତାଙ୍କ ଭ୍ରମକୁ ଭୁଲ ପ୍ରମାଣିତ କରିବାକୁ ମୁକ୍ତପ୍ରାୟ । ଐତିହ୍ୟ ପ୍ରାଣପ୍ରିୟ ଲେଖକ ଉକ୍ତ ଉପନ୍ୟାସରେ ସତୀତ୍ୱର ପରାକାଷ୍ଠା ବହନ କରୁଥିବା ଏହି ଦୀପ୍ତିମୟୀ ନାରୀ ଚରିତ୍ର ଉପରେ ସଖା କୃଷ୍ଣ ଓ କର୍ଣ୍ଣଙ୍କ ପ୍ରତି ଥିବା ଅପାର ଦୁର୍ବଳତାର ଯେଉଁ ମିଥ୍ୟା କଳଙ୍କ କାଳିମା ଏ ସମାଜ ଲଗେଇ ଦେଇଛି ତାକୁ ଭୁଲ ପ୍ରମାଣିତ କରିବା ହିଁ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହୋଇଛି ଏବଂ ଏହି ମିଥ୍ୟା ଅଭିଯୋଗକୁ ଅସ୍ୱୀକାର କରି ଦ୍ରୌପଦୀ ଉପନ୍ୟାସରେ ପ୍ରତିବାଦ କରି ଉଠିଛନ୍ତି ଯେ କାହାର ଅଧିକାର ନାହିଁ ତାଙ୍କ ଚରିତ୍ରାୟନକୁ କଦର୍ଥ କରିବାରେ । ଏ ଉଦ୍ଦେଶ୍ୟରେ ଲେଖକଙ୍କର ବକ୍ତବ୍ୟ କୃଷ୍ଣା ଚରିତ୍ର ମାଧ୍ୟମରେ ଏହିପରି ପ୍ରକାଶ୍ୟ - "ପ୍ରତିବାଦ ତ ଏକ ପ୍ରତକ୍ରିୟା ମାତ୍ର, କ୍ରିୟା ନୁହେଁ । ମୁଁ ଆଜି କ୍ରିୟାଶୀଳ ହୋଇ ଘୋଷଣା କରୁଛି, ପ୍ରକୃତରେ ମୁଁ କିଏ ମୁଁ କ'ଣ ଥିଲି ? ସତୀ-ସାଧ୍ୱୀ ନାରୀ ନା ଗଣିକା? ମନ୍ତ୍ରପୂତ ପଞ୍ଚଶଯ୍ୟାର ଶାୟିନୀ ନା ଷଷ୍ଠ କିମ୍ବା ସପ୍ତମ ଶଯ୍ୟା ପ୍ରତି ଅଗ୍ରହିଣୀ ? x x x ଏଇ କଥା କହିବା ଅବସରରେ ମୁଁ ଖାଲି ନିଜକଥା ନ କହି କହୁଛି ସମଗ୍ର ନାରୀ ଜାତିର କଥା । ସାରା ବିଶ୍ୱର ନାରୀ ସମାଜର କଥା । ନାରୀକୁ ନେଇ, ତା'ର ଚରିତ୍ରକୁ ନେଇ, ତା'ର ବିଶ୍ୱସନୀୟତାକୁ ନେଇ ଅନ୍ଧ ଦୃଷ୍ଟି ଓ ଦୋଷ ଦୃଷ୍ଟି ଥିବା ପୁରୁଷ ସମାଜର ସାମାନ୍ୟ ଉତ୍ତପ୍ତ

କମ୍ପନ ସୃଷ୍ଟି କରାଇବାର ଯେଉଁ ହୀନ ଉଦ୍ୟମ, ତାହାକୁ ପଦାଘାତ କରୁଛି ବାରମ୍ବାର । x x x ମୋ ନିଜ ମୁହଁରୁ ସବୁକିଛି ଶୁଣିଯାଅ । ଆଉ ଆପଣାର ବିବେକ-ବୁଦ୍ଧି ନେଇ ବିଚାର କର, ମୁଁ କିଏ ?" ! (କୃଷ୍ଣା - ପୃ. ୩)

ଦ୍ରୌପଦୀ ଚରିତ୍ରଟି ଅତୀତର ସ୍ମରଣିକା ମାତ୍ର ନୁହେଁ, ତାହା ଯଥାର୍ଥରେ ବ୍ୟାସଦେବଙ୍କ ଏକ ଅଦ୍ୱିତୀୟ ଯୁଗାନ୍ତକାରୀ ସୃଷ୍ଟି । ଯାହାଙ୍କ ସମକକ୍ଷ କେହି ହେବା ଆଗାମୀ କାଳ କାଳକୁ ଅସମ୍ଭବ, ଯାହାର ଚରିତ୍ରର ସଗୁଣବତା ଆଗାମୀ ଦିନରେ ଦୁର୍ଲଭ । ସାରା ଜୀବନ ଦ୍ୱିଧା-ଦ୍ୱନ୍ଦ୍ୱ, ସମସ୍ୟା-ସଙ୍କଟ, ଦିବ୍ୟ-ଅଦିବ୍ୟ ଭାବନାରେ ମର୍ମାହତ । ପୁଣି ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ ଏହି ନାରୀ ଚରିତ୍ର ନିଜ ଜୀବନରେ ଉତ୍କର୍ଷତାର ସର୍ବୋଚ୍ଚ ଶିଖର ଆରୋହଣ କରିଛନ୍ତି । ଦ୍ରୌପଦୀ ନିଜର ବଳିଷ୍ଠ, ଆତ୍ମବଳ ଏବଂ ଅନନ୍ୟ ଅସାଧାରଣ ଭଗବତ ଚିତ୍‌ଶକ୍ତିର ଅଧିକାରିଣୀ ଅଟନ୍ତି । ସେହି ଦେଦୀପ୍ୟମାନ ନାରୀ ଜୀବନର ଆତ୍ମାନୁଲିପିକୁ ନେଇ ଔପନ୍ୟାସକଙ୍କ 'କୃଷ୍ଣା' ଉପନ୍ୟାସ ପରିକଳ୍ପିତ ।

ଓଡ଼ିଆ କଥାସାହିତ୍ୟର ଜଣେ ବୌଦ୍ଧିକ ଓ ବୁଦ୍ଧିଦୀପ୍ତ ଐତିହ୍ୟ ଓ ସଂସ୍କୃତି ପ୍ରିୟ ଔପନ୍ୟାସିକ ହେଉଛନ୍ତି ସୁରେନ୍ଦ୍ରନାଥ ଶତପଥୀ । ରାମାୟଣ, ମହାଭାରତର ଚିରନ୍ତନ ମାନବୀୟ ମୂଲ୍ୟବୋଧ ଉପରେ ଭାସ୍ୱରିତ ତାଙ୍କ ଉପନ୍ୟାସ ଜଗତ । ରାମାୟଣ ଓ ମହାଭାରତ ପୃଷ୍ଠପଟ୍ଟରୁ କାହାଣୀ ଚୟନ କରି ସାଧାରଣ ମାନବର ଚେତନା ସ୍ତରକୁ ଉର୍ଦ୍ଧ୍ୱାୟିତ କରିବା ଅଭିପ୍ରାୟରେ ତାଙ୍କର ପ୍ରତିଟି ଉପନ୍ୟାସ ହୋଇପାରିଛି ଅନନ୍ୟ ଓ ଅନବଦ୍ୟ ।

ସହାୟକ ଗ୍ରନ୍ଥସୂଚୀ :

(୧) ମନ୍ଥରା - ସୁରେନ୍ଦ୍ରନାଥ ଶତପଥୀ, କଟକ ଷ୍ଟୁଡେଣ୍ଟ ଷ୍ଟୋର, ବାଲୁବଜାର, କଟକ ।

(୨) ଜାନକୀ-ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୩) ରାବଣ - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୪) କୃଷ୍ଣା - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୫) କର୍ଣ୍ଣ - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୬) ଯୋଜନଗନ୍ଧା - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୭) କୁନ୍ତୀ - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୮) କୃଷ୍ଣା - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

ଗବେଷିକା

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,

ବାରିପଦା, ଫୋନ୍- ୮୯୧୭୫୫୩୦୨୩

ISSN -2583-147X (P),Vol.- 9, Issue No.III, June 2023
Bastabatara Pariprakash Prachee
Peer Reviewed and Referred Research Journal

କେନ୍ଦୁଝରର ଗଣ୍ଡ ଜନଜାତିର ପ୍ରଚଳିତ ମକର ପର୍ବ

ଉଜସ୍ୱିନୀ ନାଏକ

କେନ୍ଦୁଝରର ଗଣ୍ଡ ଜନଜାତିର ଲୋକ ସଂସ୍କୃତିରେ ମକର ପର୍ବର ସ୍ଥାନ ଅତି ଉଚ୍ଚରେ । ଏହି ପର୍ବଟି ବହୁ ଆଦିମ କାଳରୁ ବହୁ ଆଡ଼ମ୍ବର ସହକାରେ ଏଠାରେ ପାଳିତ ହୋଇଆସୁଛି । କେନ୍ଦୁଝରର ଲୋକସଂଖ୍ୟାର ନବେଭାଗ ଲୋକ ଆଦିବାସୀ ଓ ହରିଜନ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଗଣ୍ଡ ଜନଜାତି ଅନ୍ୟତମ ଅଟନ୍ତି । ଏହି ଗଣ୍ଡ ଲୋକମାନେ ମୁଖ୍ୟତଃ ଚାଷ ଉପରେ ହିଁ ନିର୍ଭର କରି ଜୀବନଯାପନ କରିଥାନ୍ତି । ଧାନ, ଏମାନଙ୍କର ପ୍ରଧାନ କୃଷିଜାତ ଦ୍ରବ୍ୟ । ଏମାନଙ୍କର ଆର୍ଥିକ ଅବସ୍ଥା ଏହି ଧାନ ଉତ୍ପାଦନ ଉପରେ ହିଁ ନିର୍ଭର କରିଥାଏ । ମାର୍ଗଶୀର ଓ ପୌଷ ମାସରେ ଧାନ ଅମଳ ଶେଷ ହୋଇଥାଏ । ସେତେବେଳେ ସମସ୍ତଙ୍କ ଘରେ କିଛି ନା କିଛି ନା କିଛି ଧାନ ରହିଥାଏ । ନିଜ ଗୃହରେ ଖାଦ୍ୟଦ୍ରବ୍ୟର ପ୍ରାଚୁର୍ଯ୍ୟ ହେତୁ ମନରେ ଆନନ୍ଦ ଥାଏ । ଏହି ଆନନ୍ଦରୁ ଆନୁଷ୍ଠାନିକ ଭାବରେ ଏକ ନିର୍ଦ୍ଦିଷ୍ଟ ଦିବସରେ ସେମାନେ ପରିପ୍ରକାଶ କରିଥାନ୍ତି । ଫଳରେ ମାଘ ମାସର ପ୍ରଥମ ଦିନଟିକୁ ସେମାନେ ମକର ପର୍ବ ଭାବରେ ପାଳନ କରିଥାନ୍ତି । ସମ୍ବଲପୁରର ନୂଆଖିଆ ପର୍ବ ଓ କଟକର ଦୁର୍ଗାପୂଜା କିମ୍ବା ପୁରୀର ରଥଯାତ୍ରା ପରି କେନ୍ଦୁଝରର ମକର ପର୍ବର ଏକ ବିଶେଷ ଗୁରୁତ୍ୱ ରହିଛି । ଓଡ଼ିଶାର ବିଛିନ୍ନ ଜିଲ୍ଲାରେ ଲୋକେ ମକର ବୁଡ଼ ମାରି ତିଲୁଆ ଚୁଡ଼ା ଖାଇ ଏବଂ ମକର ଚାଉଳର ପ୍ରସାଦ ପାଇ ଦିବସଟିକୁ ପାଳନ କରିଥାନ୍ତି । କିନ୍ତୁ କେନ୍ଦୁଝରର ଲୋକେ ଏହାକୁ ତିନିଦିନ ଧରି ବିଶେଷ ତାତ୍ପର୍ଯ୍ୟର ସହ ପାଳନ କରି ଥାଆନ୍ତି । ମକର ପର୍ବ ଆସିବାର ମାସକ ପୂର୍ବରୁ ଏହି ଅଞ୍ଚଳର ପୁରପଲ୍ଲୀର ଲୋକମାନଙ୍କୁ ମନରେ ଏକ ଆନନ୍ଦର ଢ଼େଉ ଖେଳିଯାଏ । ଯିଏବି ସହରକୁ ଯାଇଥାଆନ୍ତି ଜୀବିକା ପାଇଁ ସମସ୍ତେ ପ୍ରାୟ ଘର ମୁହାଁ ହୋଇ ପଡ଼ନ୍ତି ଏହି ଦିନ । ମାସକ ଆଗରୁ ଗାଁକୁ ଫେରିବାର ଉତ୍ସାହ ନେଇ ଚାହିଁ ରହିଥାଆନ୍ତି । ଏହି ଆନନ୍ଦ ଉତ୍ସବର ପର୍ବଟି ପରେ ମଧ୍ୟ ମାସେ ପର୍ଯ୍ୟନ୍ତ ଲୋକଙ୍କ ମନରେ ଲିଭିନଥାଏ । ମକର ପର୍ବଟି କିପରି ଆନନ୍ଦରେ ପାଳନ କରାଯିବ, ଏହା ଗାଁ ଗଣ୍ଡାର ଲୋକମାନଙ୍କର ଗୋଟିଏ ବିଶେଷ ଅଭିଳାଷ ବୋଲି ପ୍ରତୀୟମାନ ହୁଏ । ପୌଷର ଶେଷ ଓ ମାଘ ମାସର ଆଦ୍ୟ ଭାଗରେ କେନ୍ଦୁଝରର ପୁର ପଲ୍ଲୀର ଗଗନ ପବନ ଆନନ୍ଦ ଉତ୍ସବର କୋଳାହଳରେ ମୁଖରିତ ହୋଇଉଠେ ।

ମକର ସଂକ୍ରାନ୍ତିର ଦୁଇଦିନ ଆଗରୁ ଏହି ପର୍ବ ଆନୁଷ୍ଠାନିକ ଭାବରେ ଆରମ୍ଭ ହୁଏ । ପ୍ରଥମ ଦିନଟିକୁ 'ଚାଉଳଧୂଆ' ନାମରେ ପାଳନ କରାଯାଏ । ଏହି ଦିନଟିରେ ଗାଁ ଗଣ୍ଡାର ସ୍ତ୍ରୀ ଲୋକମାନେ ହାଟ ବଜାରରୁ ନୂଆ ଟୋକେଇଟି କିଣି ଆଣିଥାଆନ୍ତି । ସେହି ଟୋକେଇରେ ଅରୁଆ ଚାଉଳ ପୂର୍ଣ୍ଣକରି ଧୋଇ ଥାଆନ୍ତି । ସେହିଦିନ ସକାଳୁ ଚାଉଳ ଧୋଇ ରଖନ୍ତି ଏବଂ ସନ୍ଧ୍ୟା ସମୟରେ ଆଦିବାସୀ ଝିଅ ବୋହୂମାନେ ଢେଙ୍କି (ଢିଙ୍କି) ଶାଳରେ ଏକତ୍ରିତ ହୋଇ ଚୂନା କୁଟନ୍ତି । ଦ୍ୱିତୀୟ ଦିନଟି ହେଉଛି 'ବାହୁଣ୍ଡି' ନାମରେ ଲୋକେ ନାମକରଣ କରିଛନ୍ତି । ଧାନ କଟାହେବା ସମୟରେ ନିଜ ଜମିରେ ଗୋଟିଏ ଧାନମେଣ୍ଟାକୁ ଛାଡ଼ି ଅନ୍ୟ ସମସ୍ତ ଧାନ କାଟି ଆଣନ୍ତି । ପରେ ଆଦିବାସୀ ଗଣ୍ଡ ଚାଷି ଭାଇମାନେ ନିଜ ନିଜ ପରିତ୍ୟକ୍ତ ଧାନ ମେଣ୍ଟାଟିକୁ ଏକ ବିଶେଷ ଆୟୋଜନ ସହକାରେ ମୂଳରୁ ଉପାଡ଼ି ମାଟି ସହ ତାକୁ ଆଣି ଘରେ ରଖିଥାଆନ୍ତି । ବାହୁଣ୍ଡି ଦିନ ସେହି ଧାନ ମେଣ୍ଟାଟିକୁ ତୁଳସୀ ଚଉରା ମୂଳରେ ରଖାଯାଏ ଏବଂ ସେଠାରେ ଯେତେ ପ୍ରକାରର ପାଇ, ପାଇଲା, କଣା, ସେରା, ତେଲଘଡ଼ି, ଘିଅଢ଼ବା ଆଦି ଗୃହରେ ଥାଏ, ସେ ସବୁକୁ ମଧ୍ୟ ସେଠାରେ ସ୍ଥାପନ କରାଯାଏ । ନିଜ ନିଜ ଘରର ସ୍ତ୍ରୀ ଲୋକମାନେ ହଳଦୀ, ତେଲ ଲଗେଇ ନଦୀ, ପୋଖରୀ ତୁଠରୁ ଗାଧୋଇ ଆସି ତୁଳସୀ ଚଉରା ମୂଳରେ ପୂଜା କରିଥାଆନ୍ତି । ଧାନମେଣ୍ଟାର ମାଟି ସହିତ ସିନ୍ଦୂର, ଚନ୍ଦନ ଗୋଳାଇ ଗୃହର ପ୍ରତ୍ୟେକ ବସ୍ତୁରେ ସେଥିରେ ଟୀକା ଲଗାଯାଇଥାଏ । ଏହା 'ବାହୁଣ୍ଡି ବନ୍ଧା' ନାମରେ ନାମିତ । ସନ୍ଧ୍ୟା ସମୟରେ ଆରିସା ପିଠା ଘରେ ଘରେ ହୁଏ । ଏହି ଆରିସା ପିଠାକୁ ମକର ପିଠା ମଧ୍ୟ କୁହାଯାଏ । ତା' ପରଦିନ ଆସି ପହଞ୍ଚିଯାଏ ମହାନ ପବିତ୍ର ମକର ପର୍ବ ।

ମକର ଦିନ ବଡ଼ି ଭୋରୁ ଉଠି ଘରର ବୁଢ଼ୀ ଲୋକମାନେ ଗୋବରକୁ ଘର ଚାରିପାଖ ଲେପ ଦିଅନ୍ତି । ତା'ପରେ ଗୋବର ପାଣି ଘର ଚାରିପାଖ ପକାନ୍ତି । ଝାଡୁ କରି ଚାରିପାଖ ସଫା

କଳାପରେ ଘରର ଅନ୍ୟ ଲୋକମାନେ ବାହାରକୁ ଯାଆନ୍ତି । ସ୍ତ୍ରୀ ଲୋକମାନେ ପୂର୍ବ ରାତିରୁ କଞ୍ଚା ହଳଦୀ, ଅଁଳା, ଗନ୍ଧାକୁ ବାଟି ରଖିଥାଆନ୍ତି । ଏସବୁ ବଟା ସହିତ ତେଲ ମିଶାଇ ନଦୀ, ପୋଖରୀରୁ ବୁଡ଼ଦେଇ ଆସନ୍ତି ଯାହାର ନାଁ ହେଉଛି 'ମକର ବୁଡ଼' । ଗାଁମାନଙ୍କରେ ପୋଖରୀ ହୁଡ଼ାରେ 'ଅଘିରା' ପୋଡ଼ା ଯାଇଥାଏ । ରାତିରୁ ଛୋଟବଡ଼ ପିଲାମାନେ ଉଠି ସ୍ନାନ ସମୟରେ ସେହି ଅଘିରାଗୁଡ଼ିକୁ ପ୍ରଜ୍ୱଳିତ କରିଥାନ୍ତି । ସଂକୀର୍ତ୍ତନ ସହ ସ୍ନାନ ପର୍ବ ଶେଷ ହୁଏ । ତା'ପରେ ଘରକୁ ଆସି ସମସ୍ତେ ନୂଆ ଲୁଗା ପିନ୍ଧିଥାନ୍ତି । ତିଲୁଆ, ଖସାଲଡୁ, ମକର ପିଠା, ମକର ଚାଉଳରେ ଘରେ ଘରେ ପୂଜା ହୁଏ ଏବଂ ତାକୁ ପ୍ରସାଦ ରୂପେ ସମସ୍ତେ ପାଇଥାନ୍ତି ।

ମକର ପର୍ବରେ ଘରେ ଘରେ ବହୁତ ପିଠାପଣା ହୁଏ । ସେଥିମଧ୍ୟରୁ ଅରୁଆ ଚାଉଳ ଓ ଗୁଡ଼ର ଆରିସା ପିଠା ଏବଂ ତିଳ, ନଡ଼ିଆ ପୁରଦିଆ ମଣ୍ଡା ପିଠା ପ୍ରଧାନ । ମକର ପର୍ବଟିକୁ ସାଧାରଣ ଭାବରେ କେବଳ ଖାଇବା ପିଇବା ଓ ମଉଜ ମଜଲିସ୍‌ରେ ସମୟ କଟାଇବାର ପର୍ବ ଭାବରେ ଗ୍ରହଣ କରାଯାଇଥାଏ । ଆଦିବାସୀ ଜନଜୀବନରେ ମଦ, ମାଂସ ହିଁ ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣ କରାଯାଇଥାଏ । ପୁରୁଷମାନେ ମଦ, ମହୁଲିରେ ବୁଡ଼ି ରହି ଥାଆନ୍ତି । ଏହି ମକର ସଂକ୍ରାନ୍ତିରେ କେନ୍ଦୁଝର ଏକାଧିକ ଲୋକ ଆମିଷ ଖାଇଥାଆନ୍ତି । କେବଳ ଆଦିବାସୀ ଲୋକ ନୁହଁନ୍ତି ଅନ୍ୟ ଜାତିର ଲୋକେ ମଧ୍ୟ ଆମିଷ ଭକ୍ଷଣ କରନ୍ତି । ରଜ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତି ଏହି ଦୁଇ ସଂକ୍ରାନ୍ତିରେ ଏହି ଜିଲ୍ଲାର ଲୋକେ ଆମିଷ ଖାଇଥାଆନ୍ତି । ମକର ସଂକ୍ରାନ୍ତିରେ ବର୍ତ୍ତମାନ କେନ୍ଦୁଝରରେ ଅନେକ ସ୍ଥାନରେ ମକର ମେଳା ଅନୁଷ୍ଠିତ ହୋଇଥାଏ । ମୟୂରଭଞ୍ଜରେ ମଧ୍ୟ ଲୋକମାନେ ମକର ସଂକ୍ରାନ୍ତିଟି ପାଳନ କରନ୍ତି ।

ଗଣ୍ଡ ଜାତିର ଝିଅ ବୋହୂମାନେ ସାହି ସାହି ମଧ୍ୟରେ ମକର ଚାଉଳକୁ ପରସ୍ପର ଦିଆନିଆ ହୁଅନ୍ତି । ନିଜ ପସନ୍ଦ ଅନୁସାରେ ଯାହାକୁ ବି ହେଉ ଶାଳପତ୍ରର ଚଉପତୀରେ ମକର ଚାଉଳ, ସିନ୍ଦୂର, ହଳଦୀ, ଦୁବ, ଫୁଲଦେଇ ମକର ବସନ୍ତି । ତା'ପରେ ସେମାନେ ମକର ଡକାଡକି ହୁଅନ୍ତି । ଜୀବନସାରା ଆଉ ନିଜ ମକରମାନଙ୍କର ନାଁ ଧରନ୍ତି ନାହିଁ । ବର୍ତ୍ତମାନ ମକର ମେଳା ହେଉଥିବା କେତେକ ସ୍ଥାନର ନାମ ବାରାହାଟିପୁରା, କେଶିରୀ କଣ୍ଡ, ବାରିଗାଁ, ଧାନବେଣୀ (ବାଇଜାପଡ଼ା), ଧାନବେଣୀ (ପାଟଣା), ବରବେଡ଼ା ପ୍ରଭୃତି ସ୍ଥାନମାନଙ୍କରେ ମକରମେଳା ଅନୁଷ୍ଠିତ ହୋଇଥାଏ । ଏହି ପବିତ୍ର ସ୍ଥାନମାନଙ୍କରେ ହଜାର ହଜାର ସଂଖ୍ୟାରେ ଲୋକ ମିଳିତ ହୋଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥାଆନ୍ତି ଭୀମ କୁଣ୍ଡରେ ମକର ବୁଡ଼ ଦିଆହୁଏ । ଏହି ମକର ପର୍ବରେ ହିନ୍ଦୁମାନେ ଗୁଡ଼ି ଉଡ଼ାନ୍ତି । ସେମାନେ ଏହାକୁ ଗୁଡ଼ି ଉଡ଼ା ପର୍ବ କୁହନ୍ତି । ସେହିପରି କେନ୍ଦୁଝରର ମହାନ୍ତ ସଂପ୍ରଦାୟ ଲୋକମାନେ ଟୁସୁ ଦେବୀଙ୍କର ଆରଧନା କରିଥାଆନ୍ତି । ଏହି ମକର ପର୍ବରେ ଟୁସୁ ଭସାଣୀ ମଧ୍ୟ ହୋଇଥାଏ । ବିଶେଷ ରୂପେ ମହାନ୍ତ ଜାତିର ଅବିବାହିତା ଝିଅମାନେ ଟୁସୁ ଦେବୀଙ୍କର ପୂଜା କରି ପାଣିରେ ବିସର୍ଜନ କରିବା ପାଇଁ ନାନାଦି ପ୍ରକାରର ଟୁସୁ ଗୀତ ଗାଇ ଦଳବଦ୍ଧ ହୋଇ ମେଳା ଗୁଡ଼ିକୁ ଯାଉଥାନ୍ତି ଏବଂ ସେଠାକାର ପବିତ୍ର ଜଳରେ ଟୁସୁ ଦେବୀଙ୍କୁ ବିସର୍ଜନ କରି ଥାଆନ୍ତି । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଦଳଟି ଗୌରବ ମଣ୍ଡିତ ହୋଇଥା'ନ୍ତି ।

କେନ୍ଦୁଝରର ଗଣ୍ଡ ଆଦିବାସୀ ଗୋଷ୍ଠୀର ଲୋକମାନେ ଏକ ବିଶେଷ ପ୍ରକାରର ନାଚ କରିଥାଆନ୍ତି । ଯୁବକ ଯୁବତୀମାନେ ବିଭିନ୍ନ ରଙ୍ଗ ବେରଙ୍ଗରେ ନିଜକୁ ସଜ୍ଜିତ କରି ସାହି ସାହି ବୁଲି ନାଚ ଗୀତ କରି ଧାନ, ଚାଉଳ, ପଇସା ମାଗିଥାଆନ୍ତି । ସମସ୍ତେ ମିଶି ଯାହାସବୁ ମାଗି ଆଣନ୍ତି ତାକୁ ନେଇ ଗାଁ ମୁଣ୍ଡରେ କିମ୍ବା କାହା ଘରେ ଭୋଜିଭାତ କରିଥାଆନ୍ତି । ଏହାଦ୍ୱାରା ସମସ୍ତଙ୍କର ଏକ ପ୍ରକାର ସୁସଂପର୍କଟିଏ ଉଦ୍ରେକ ହୁଏ ମନ ଭିତରେ । କେହି କାହାର ଅନିଷ୍ଟ କରିବା କଥା ଚିନ୍ତା କରନ୍ତି ନାହିଁ । ଘଞ୍ଚ ଅରଣ୍ୟ, ସବୁଜ ବନାନୀ ମଧ୍ୟରେ ଏମାନେ ନିରୀହ, ନିଷ୍କପଟ ଭାବରେ ମିଳିତ ହୋଇ ରହିଥାଆନ୍ତି, ମକର ସଂକ୍ରାନ୍ତିରେ ବାପ ଘରୁ ଝିଅର ଶାଶୁ ଘରକୁ ଭାର ବେଭାର ପଠାଯାଏ । ବନ୍ଧୁ, ପରିଜନମାନଙ୍କ ନିକଟକୁ ମଧ୍ୟ ପିଠାପଣା ପଠାଯାଏ । ସଂପୂର୍ଣ୍ଣ ମାସଟି ବନ୍ଧୁବାନ୍ଧବଙ୍କ ଚର୍ଚ୍ଚାରେ ହିଁ କଟିଯାଏ । ତେଣୁ ଏହି ମାସଟିକୁ କେନ୍ଦୁଝର ବାସିନ୍ଦା 'ମକର ମାସ' ବୋଲି କହିଥାଆନ୍ତି । ଧନୀ, ଦରିଦ୍ର, ଉନ୍ନତ, ଅନୁନ୍ନତ ସମସ୍ତେ ଏହି ପର୍ବଟିକୁ ମାନିଥାଆନ୍ତି ।

ସହାୟକ ଗ୍ରନ୍ଥସୂଚୀ :

ସାହୁ ନାରାୟଣ, ଓଡ଼ିଶାର ପର୍ବପର୍ବାଣୀ, ପ୍ରକାଶକ : ମିତା ପ୍ରକାଶନୀ, ବାଲୁବଜାର, କଟକ, ପ୍ରଥମ ସଂସ୍କରଣ, ୧୯୯୧

ତଥ୍ୟ ସଂଗ୍ରହ :

ମାନସିଂ, ଯଶୋଦା, ଗ୍ରାମ - ବଡ଼ଜିଉଳି, ଜିଲ୍ଲା - କେନ୍ଦୁଝର ।

ନାୟକ, ନିଶାକର, ଗ୍ରା- ଗେବରାବେଡ଼, ଜିଲ୍ଲା - କେନ୍ଦୁଝର

ଗବେଷିକା
ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ISSN -2583-147X (P),Vol.- 9, Issue No.III, June 2023
Bastabatara Pariprakash Prachee
Peer Reviewed and Referred Research Journal

ନାଟ୍ୟକାର ମନ୍ମଥ ଶତପଥୀଙ୍କ ନାଟକରେ ନୂତନ ପରୀକ୍ଷା ଓ ପ୍ରୟୋଗ

ଚିନ୍ମୟ ସାମଲ

ସାହିତ୍ୟ ସମାଜର ପ୍ରତିବିମ୍ବ ସଦୃଶ ନାଟକ ମାଧ୍ୟମରେ ନାଟ୍ୟକାର ସାମସମୟିକ ସମାଜର ଦୋଷତ୍ରୁଟିକୁ ସୁଧାରିବା ସହିତ ସମାଜକୁ ଏକ ସୁବାର୍ତ୍ତା ପ୍ରଦାନ କରିଥାଏ । ନାଟକ କେବଳ ପଠନୀୟ ନୁହେଁ, ଏହା ଦର୍ଶନୀୟ ମଧ୍ୟ । ପଠନ ଏବଂ ଦର୍ଶନର ସୁସମନ୍ୱୟରେ ନାଟକ ଗଠିତ । ତେଣୁ ନାଟକକୁ ମିଶ୍ରକଳା ମଧ୍ୟ କୁହାଯାଇଥାଏ । ନାଟକ ଦୃଶ୍ୟକାବ୍ୟ ହୋଇଥିବାରୁ ଏହା କେବଳ ପାଠ୍ୟ ଅବସ୍ଥାରେ ରହିଗଲେ ସମାଦୃତି ଘଟେ ନାହିଁ, ତେଣୁ ଏହାର ମଞ୍ଚାଭିନୟ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ତେଣୁ ନାଟକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ମନେହୁଏ । ଭାରତୀୟ ନାଟ୍ୟ ସାହିତ୍ୟର ପ୍ରାରମ୍ଭିକ ସମୟରୁ ପୌରାଣିକ ନାଟକ ରଚିତ ହୋଇ ପରବର୍ତ୍ତୀ ସମୟରେ ସାମାଜିକ ବିଷୟବସ୍ତୁ ଆଦରି ଥିଲେ ହେଁ ଓଡ଼ିଆ ନାଟକ ତା'ର ପ୍ରାରମ୍ଭିକ କାଳରୁ ସମାଜ ସଂସ୍କାରକୁ ଗ୍ରହଣ କରିଛି । ଜଗନ୍ମୋହନ ଲାଲଙ୍କ 'ବାବାଜୀ' ନାଟକକୁ ସମାଜ ସଂସ୍କାର ମୂଳକ ନାଟକ ଭାବରେ ଗ୍ରହଣ କରାଯାଏ । ପରବର୍ତ୍ତୀ ସମୟରେ ବିଭିନ୍ନ ଐତିହାସିକ, ପୌରାଣିକ ବିଷୟବସ୍ତୁକୁ ଗ୍ରହଣ କରାଯାଇଥିଲେ ହେଁ ସମାଜିକ ବିଷୟବସ୍ତୁରେ ଜଗନ୍ମୋହନଙ୍କ ସମାଜ ସଂସ୍କାରମୂଳକ ଆଦର୍ଶକୁ ଗ୍ରହଣ କରାଯାଇଥିବାର ଦେଖାଯାଏ । ରାମଶଙ୍କର ରାୟ, ଭିକାରୀଚରଣ ପଟ୍ଟନାୟକ, ଖଡ଼ିଆଳ ରାଜା ବୀର ବିକ୍ରମ ଦେବ, ପାରଳାଅଧିଶ୍ୱର ପଦ୍ମନାଭ ନାରାୟଣ ଦେବ ଏବଂ ଚିକିଟୀ ରାଜା ରାଧାମୋହନ ରାଜେନ୍ଦ୍ରଦେବ ପ୍ରଭୃତି ରାଜନ୍ୟବର୍ଗ ଏବଂ ନାଟ୍ୟକାରମାନେ ବିଶେଷ ପରିମାଣରେ ଜଗନ୍ମୋହନଙ୍କ ନାଟ୍ୟଦର୍ଶରେ ପ୍ରଭାବିତ ହୋଇଥିଲେ । ଜଗନ୍ମୋହନ ତାଙ୍କ ନାଟକରେ ଯେଉଁ ପରମ୍ପରାର ପ୍ରଥମେ ସୂତ୍ରପାତ କରିଥିଲେ, ତାହା ପ୍ରସାରିତ ହୋଇଥିଲା ଜଗନ୍ମୋହନୋର ନାଟ୍ୟକାରମାନଙ୍କ ଦ୍ୱାରା । ଏହି ସବୁ ନାଟ୍ୟକାରମାନେ କଥାବସ୍ତୁରେ ସ୍ୱତନ୍ତ୍ରତା, ମୌଳିକତା ତଥା ନୂତନତା ଏବଂ ଭାବବସ୍ତୁରେ ଅଭିନବତା ଆଣିଥିଲେ ହେଁ ଅଳ୍ପ ବହୁତ ଜଗନ୍ମୋହନଙ୍କ ଆଦର୍ଶରେ ମଧ୍ୟ ଅନୁପ୍ରାଣିତ ଥିଲେ, ଏହା ପ୍ରକାଶ କରିବାରେ ଦ୍ୱିଧା ହେବନାହିଁ । ନାଟକର ମୋଡ ପରିବର୍ତ୍ତନ ହେଲା ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ । ଉଭୟ ଆଙ୍ଗିକ ତଥା ଆତ୍ମିକ ଦିଗରୁ ଓଡ଼ିଆ ନାଟ୍ୟସାହିତ୍ୟର ସମୃଦ୍ଧି ହେବା ସହ ସଂଖ୍ୟା ଦୃଷ୍ଟିରୁ ମଧ୍ୟ ନାଟକର କାନ୍‌ଭାସ୍ ବଢ଼ିବାରେ ଲାଗିଲା । ପରବର୍ତ୍ତୀ ସମୟରେ ଏହା ସମ୍ଭବ ହୋଇପାରିଲା ଦୁଇଜଣ ଦିଗନ୍ତ ସମୃଦ୍ଧଶାଳୀ ନାଟ୍ୟକାରଙ୍କ ଦ୍ୱାରା । ଏ ଦୁଇଜଣ ହେଉଛନ୍ତି କବିଚନ୍ଦ୍ର କାଳୀଚରଣ ଏବଂ ଅଶ୍ୱିନୀକୁମାର । ପୂର୍ବରୁ ସାମାଜିକ ନାଟକ ଅପେକ୍ଷା ଐତିହାସିକ ଓ ପୌରାଣିକ ନାଟକ ଯଥେଷ୍ଟ ପରିମାଣରେ ଥିଲା, ତେଣୁ ପୂର୍ବୋକ୍ତ ନାଟ୍ୟକାରମାନେ ପ୍ରଥମରୁ ପୌରାଣିକ ନାଟକ ରଚନା (ଅଶ୍ୱିନୀକୁମାରଙ୍କ 'ଭୀଷ୍ମ' (୧୯୧୫) ଏବଂ କାଳୀଚରଣଙ୍କ 'ଧ୍ରୁବ' (୧୯୧୮)) କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିଷୟବସ୍ତୁରେ ସମାଜକୁ ଗୁରୁତ୍ୱ ଦେଇଥିଲେ । ମୋଟାମୋଟି ଓଡ଼ିଆ ନାଟକର ଉନ୍ମେଷ କାଳରୁ କାଳୀଚରଣଙ୍କ ସମୟ ପର୍ଯ୍ୟନ୍ତ ଦେଖିବାକୁ ଗଲେ ପରମ୍ପରାକୁ ଆଧାର କରି ସାଧାରଣତଃ ନାଟକ ଲେଖାଯାଉଥିଲା । କବିଚନ୍ଦ୍ର ତାଙ୍କ ନାଟ୍ୟକଳାରେ ନୂତନ ବିଷୟ, ଚରିତ୍ର ସଂଯୋଜନା, ଉଭୟ ନାଟକ ଏବଂ ରଙ୍ଗମର ପରୀକ୍ଷା ନିରୀକ୍ଷା, ପାତ୍ରମୁଖୀ ସଂଳାପ, ଆଲୋକ ସଂପାତରେ ନୂତନତାକୁ ଆଧାର କରି ନାଟକ ଲେଖୁଥିଲେ ମଧ୍ୟ ତାହା ପରମ୍ପରାର ବହିର୍ଭୁକ୍ତ ନଥିଲା ।

୧୯୫୦ ମସିହାରୁ ମନୋରଞ୍ଜନ ଦାସଙ୍କ ନେତୃତ୍ୱରେ ଓଡ଼ିଆ ନାଟକରେ ପରିବର୍ତ୍ତନର ଯେଉଁ ସୂତ୍ରପାତ ହେଲା, ତାହାର ପ୍ରତ୍ୟକ୍ଷ ପ୍ରଭାବ ପ୍ରାୟ ତିନୋଟି ଦଶନ୍ଧି ଧରି ରହିଲା । ନାଟକର ଏହା ଦ୍ୱାରା ଯେ ଲାଭ ହେଲା କି କ୍ଷତି ହେଲା, ସେ ବିଷୟରେ ଚର୍ଚ୍ଚା କରିବା ଅବାନ୍ତର । ତଥାପି ଓଡ଼ିଆ ନାଟକକୁ ଉଭୟ ଆଙ୍ଗିକ ତଥା ଆତ୍ମିକ ଦିଗରୁ ପରିବର୍ତ୍ତନ କରି ବିଶ୍ୱ ନାଟ୍ୟ ଦରବାରରେ ଆସନ ଦେବାରେ ମନୋରଞ୍ଜନ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ସମୟକୁ 'ମନୋରଞ୍ଜନ ଯୁଗ' ନାମରେ ମଧ୍ୟ ଅଭିହିତ କରାଯାଇଥାଏ । ପ୍ରଥମ ପର୍ଯ୍ୟାୟରେ ପାରମ୍ପରିକ ନାଟକମାନ ଲେଖିଥିଲେ ମଧ୍ୟ ପାଶ୍ଚାତ୍ୟ ନାଟ୍ୟକାରଙ୍କ ପ୍ରଭାବରେ ସେ ଏକ ନୂତନ ଶୈଳୀର ନାଟକ ରଚନା କଲେ, ଯାକାହୁ ସମାଲୋଚକ ନୀଳାଦ୍ରିଭୂଷଣ ହରିଚନ୍ଦନ 'ବିମୂର୍ତ୍ତ' ନାଟକର ଆଖ୍ୟା ଦିଅନ୍ତି । ୧୯୫୦ ମସିହାରେ 'ଆଗାମୀ' ନାଟକ ରଚନା କରି ପରମ୍ପରା ମଧ୍ୟରୁ ମୁକ୍ତି ଲୋଡ଼ିବାକୁ ଉଦ୍ୟମ କଲେ ମନୋରଞ୍ଜନ ଏବଂ ଏହା ପରଠାରୁ ସେ ପାଶ୍ଚାତ୍ୟ 'ଆବସର୍ଡ' ଶୈଳୀକୁ ଅବଲମ୍ବନ କରି ନାଟକ ରଚନା କଲେ ଯାହାକୁ ବିଧିବଦ୍ଧ ଭାବରେ ଅନ୍ଧାନୁକରଣ କଲେ ମନୋରଞ୍ଜନ ପରବର୍ତ୍ତୀ ନାଟ୍ୟକାରମାନେ । କେହି କେହି ଆଲୋଚକ 'ଆବସର୍ଡ'ର ଓଡ଼ିଆ ଅନୁବାଦ କରି 'ଉଦ୍ଭଟ' ଶବ୍ଦଟିକୁ ନିଜ ଆଲୋଚନା ପରିସରକୁ ଆଣନ୍ତି । ତଥାପି 'ଉଦ୍ଭଟ' ଅପେକ୍ଷା 'ଆବସର୍ଡ' ଶବ୍ଦଟି ଅଧିକ ଯୁକ୍ତିଯୁକ୍ତ ଅଟେ । ତେବେ ସେ ଯାହା ବି ହେଉ ଏହିପରି ଭାବେ ପରୀକ୍ଷାଧର୍ମୀ ନାଟକ (Experimental play) ରଚନା କରିବା ଦ୍ୱାରା ନାଟକ ଓ ଦର୍ଶକମାନଙ୍କ ମଝିରେ ଏକ ଅଦୃଶ୍ୟ ପାଚେରୀ ଛିଡ଼ା ହେଲା । ଦର୍ଶକମାନେ ଏହି ବିମୂର୍ତ୍ତଧର୍ମୀ ନାଟକକୁ ସହଜରେ ଗ୍ରହଣ କରିବାରେ ଅକ୍ଷମ ହେଲେ । ପରବର୍ତ୍ତୀ ସମୟରେ ନାଟ୍ୟକାରମାନେ ଏଥିପ୍ରତି ସଚେତନ ହୋଇଥିବାର ମଧ୍ୟ ଦେଖାଯାଏ । ଜର୍ମାନ୍ ନାଟ୍ୟକାର ବ୍ରେଖ୍ଟ୍ (Brecht) ଙ୍କ ମତରେ, 'A play is not an integrated structural entity. It is a suggestion of spisodes, set off against one another, expressing the disharmony of existence -'. ମନୋରଞ୍ଜନ ଦାସ ମଧ୍ୟ ଦର୍ଶକୀୟ ରୁଚିକୁ ସମର୍ଥନ କରି ପରବର୍ତ୍ତୀ ସମୟରେ 'ଅମୃତସ୍ୟ ପୁତ୍ରଃ', 'କାଠଘୋଡ଼ା', 'ନନ୍ଦିକା କେଶରୀ' ପରି ନାଟକ ରଚନା କଲେ ଏବଂ ପରବର୍ତ୍ତୀ ନାଟ୍ୟକାରମାନେ ମଧ୍ୟ ଏଥିପ୍ରତି ଦୃଷ୍ଟି ନିକ୍ଷେପ କରିବାରୁ ଓଡ଼ିଆ ନାଟକ ପୂର୍ବପରି ଦର୍ଶକୀୟ ଆଦୃତି ଲାଭ କଲା । ଆବସର୍ଡ ନାଟକର ବୁଦ୍ଧିଦୀପ୍ତ ପରିବେଷଣ, ଯେତେବେଳେ ଆମୋଦନର ସୁକୁମାର ପ୍ରବୃତ୍ତିକୁ କ୍ରମଶଃ ଶୁଷ୍କ କରିଦେବା ନିମନ୍ତେ ଆରମ୍ଭ କଲା, ସେ ଦେଶରେ 'Return to form'ର ସ୍ଲୋଗାନ ପ୍ରକାଶ ପାଇଲା ଷାଠିଏ ଦଶକର ମଧ୍ୟଭାଗରୁ । ସେହିପରି ଓଡ଼ିଆ ନାଟକରେ ମଧ୍ୟ ନୂତନତା ପାଇଁ ଅନ୍ୱେଷଣ ଆରମ୍ଭ ହେଲାବେଳେ ପରମ୍ପରା ବିଷୟ ପ୍ରଥମେ ଆଗକୁ ଆସିଲା । ଦର୍ଶକୀୟ ରୁଚିକୁ ସମର୍ଥନ ଦୃଷ୍ଟିରୁ ତଥା ଓଡ଼ିଆ ନାଟକର ଉଜ୍ଜଳ ଭବିଷ୍ୟତ ପାଇଁ ମନୋରଞ୍ଜନ ପରବର୍ତ୍ତୀ ନାଟ୍ୟକାରମାନେ ଏହି ପରମ୍ପରାକୁ ସ୍ୱାଗତ କରିଥିଲେ ।

ଓଡ଼ିଆ ନାଟକର ଉର ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ (୧୯୭୦-୮୦) ନାଟ୍ୟକାରମାନେ ନାଟକର ବିଭିନ୍ନ ଧାରାକୁ ସ୍ପର୍ଶ କଲେ । ପରୀକ୍ଷାଧର୍ମୀ ନାଟକର ନୈରାଶ୍ୟପୂର୍ଣ୍ଣ ଚିନ୍ତାଧାରା ଓ ଅନାଟକୀୟ ପରିବେଶ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ଅସଫଳ ହେବାରୁ ନାଟ୍ୟକାରମାନଙ୍କୁ ପୁଣିଥରେ ପରମ୍ପରା ପାଖକୁ ଫେରିବାକୁ ପଡ଼ିଲା । ଓଡ଼ିଆ ନବନାଟକରେ ନୂତନ ପରୀକ୍ଷା ନିରୀକ୍ଷା ମଧ୍ୟ ଆରମ୍ଭ ହେଲା । ଓଡ଼ିଆ ମାଟିରେ ରଙ୍ଗସମ ବା ମହାକାବ୍ୟିକ ନାଟ୍ୟଧାରା ଓ ମୁକ୍ତଧାରା ନାଟକର ପରୀକ୍ଷା କରାଗଲା । ଓଡ଼ିଆ ନାଟକର ଉତ୍ତର ପର୍ବର ସମୟ ହେଉଛି ଅନ୍ୟ ଏକ ସନ୍ଧିକ୍ଷଣ । ୧୯୮୦ ବେଳକୁ ଓଡ଼ିଆ ନାଟକ ଯୁବ ନାଟ୍ୟକାରମାନଙ୍କ ହାତରେ ଯେଉଁ ନୂଆ ରୂପ ଓ ଆକାର ପାଇଛି, ଏହା ତା'ର ପ୍ରସ୍ତୁତି ବେଳ । ଏଇ ସମୟ ଭାରତୀୟ ନାଟ୍ୟଧାରା ଓ ଦର୍ଶକ ନିକଟକୁ ଫେରିଯିବା ପାଇଁ କରାଯାଇଥିବା ପ୍ରୟାସର ସମୟ । ମନୋରଞ୍ଜନ ମଧ୍ୟ ଏହି ଅବଧିରେ ଦେଶୀୟା ନାଟ ବ୍ୟବହାର କରି 'ନନ୍ଦିକା କେଶରୀ' ନାଟକ ରଚନା କରିଥିଲେ । ମୁଖ୍ୟତଃ ନାଟକର ସ୍ୱରରେ ଯେଉଁ ପରିବର୍ତ୍ତନଟି ହୋଇଛି, ତାହା ହେଉଛି ପୂର୍ବରୁ ନାଟକରେ ଦେଖାଦେଇଥିବା ସମାଜ ସଚେତନତା ଦୃଷ୍ଟିଭଙ୍ଗୀଟି ସାମାଜିକ ଅଙ୍ଗୀକାରବଦ୍ଧତାରେ ବଦଳି ଯାଇଛି । ନାଟକ ପ୍ରତି ଦର୍ଶକମାନଙ୍କ ବିରକ୍ତି ଫଳରେ ନାଟ୍ୟକାରମାନେ ସମାଜ ଓ ପରମ୍ପରାକୁ ଆଖି ପକାଇଥିଲେ । ଏହି ପର୍ଯ୍ୟାୟର ନାଟ୍ୟକାରମାନଙ୍କ ମଧ୍ୟରୁ ମନ୍ମଥ କୁମାର ଶତପଥୀ ଅନ୍ୟତମ । ନାଟ୍ୟକାର ମନ୍ମଥ ଶତପଥୀ ଓଡ଼ିଆ ନାଟକରେ ଏକ ଜଣାଶୁଣା ତଥା ଲୋକପ୍ରିୟ ନାମ । ବିଭିନ୍ନ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା କରି ଓଡ଼ିଆ ନାଟକକୁ ଅଭିବୃଦ୍ଧି କ୍ଷେତ୍ରରେ ଅଗ୍ରସର କରାଇବାରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ତେବେ ତାଙ୍କ

ନାଟକରେ ସେ କିଭଳି ପରୀକ୍ଷା ନିରୀକ୍ଷା କରିଛନ୍ତି, ଆଲୋଚନା ପୂର୍ବରୁ ତାଙ୍କ ବିଷୟରେ କିଞ୍ଚିତ ଆଲୋକପାତ କରାଯାଇପାରେ ।

ଶ୍ରୀ ମନ୍ମଥ ଶତପଥୀଙ୍କ ଜନ୍ମ ହୁଏ ଗଞ୍ଜାମ ଜିଲ୍ଲାର ଭଞ୍ଜନଗରରୁ ୧୨ କି.ମି. ଦୂରବର୍ତ୍ତୀ ବାସୁଦେବପୁର ଶାସନରେ । ପିତା ପଣ୍ଡିତ ଶ୍ରୀଧର ମହାନ୍ତି ବହୁ ଶାସ୍ତ୍ରବିତ୍ ତଥା ତନ୍ତ୍ର, ମନ୍ତ୍ର, ବେଦ କର୍ମକାଣ୍ଡ ଉପରେ ପଣ୍ଡିତମାନଙ୍କ ମେଳରେ ଚର୍ଚ୍ଚା କରନ୍ତି । ଶ୍ରୀ ଶତପଥୀଙ୍କ ଜନ୍ମ ହେବାର ଛ'ମାସ ବୟସରେ ଭାଇମାନଙ୍କ ମୃତ୍ୟୁ ଘଟେ । ଏହା ପରେ ସ୍ଥାନ ପରିବର୍ତ୍ତନ କରିବା ନିମିତ୍ତ ସେଠାକାର ବାସିନ୍ଦାମାନେ ପରାମର୍ଶ ଦେଲେ । ଯାହା ଫଳସ୍ୱରୂପ ନାଟ୍ୟକାରଙ୍କ ବାପା ତାଙ୍କୁ ନେଇ ରସୁଲକୁଣ୍ଡା ଚାଲିଗଲେ । ଏହି ସମୟରେ ଇଂରେଜମାନଙ୍କ ଶାସନ (୧୯୪୪) ଚାଲିଥିଲା ଏବଂ ଏହିଠାରେ ହିଁ ଲେଖକଙ୍କର ବାଲ୍ୟଶିକ୍ଷା । ବିଂଶ ଶତାବ୍ଦୀର ଷାଠିଏ ଦଶକରେ ନାଟ୍ୟକାର ଶ୍ରୀ ଶତପଥୀ ନାଟକକୁ ପ୍ରବେଶ କଲେ । ସେହି ସମୟରେ ଭଞ୍ଜନଗରରେ ମନାଟକ ବୋଲି କେହି ବୁଝୁ ନଥିଲେ । କବିଚନ୍ଦ୍ର କାଳୀଚରଣଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଆ ଥିଏଟର (୧୯୩୯) ଏବଂ ଅନ୍ନପୂର୍ଣ୍ଣା ଥିଏଟର ('ଏ' ଏବଂ 'ବି') (୧୯୪୫)କୁ ହିଁ ସେମାନେ ମନାଟକର ଆଖ୍ୟା ଦେଉଥିଲେ । ତଥାପି ସେତେବେଳର ଭଞ୍ଜୀନଗର ଲୋକନାଟକ ପାଇଁ ପ୍ରସିଦ୍ଧ (Famous for Folk Drama) ଥିଲା । ଶ୍ରୀ ଶତପଥୀ ପିଲାବେଳୁ ବିଭିନ୍ନ ପ୍ରକାର ଦଣ୍ଡନାଟ ଏବଂ ଯାତ୍ରା ନାଟକରେ ଅଭିନୟ କରୁଥିଲେ । ୧୯୬୭-୬୮ ମସିହାରେ ଭଞ୍ଜୀନଗରରେ ପ୍ରତିଷ୍ଠିତ ହୁଏ 'ତରୁଣ କଳାକାର ସଂସ୍ଥା' ନାମକ ଏକ ଆମେଚର୍ ଥିଏଟର (Amaeture theatre) ଏବଂ ଏହି ସୌଖିନ ରଙ୍ଗମ ଦ୍ୱାରା ଶ୍ରୀ ଶତପଥୀ ତାଙ୍କର ପ୍ରଥମ ନାଟକ 'ପରଦାର ଅନ୍ତରାଳେ' (୧୯୭୦) ଅଭିନୟ କରାଇଥିଲେ ଏବଂ ଏହି ମ ହିଁ ତାଙ୍କ ନାଟ୍ୟକାର ପ୍ରତିଭାକୁ ପ୍ରଜ୍ୱଳିତ କରିଥିଲା । ପ୍ରାୟ ୧୯୭୧ ମସିହା ପର୍ଯ୍ୟନ୍ତ ସେ ତରୁଣ କଳାକାର ସଂସ୍ଥା ସହ ସଂପୃକ୍ତ ଥିଲେ । ଶ୍ରୀ ଶତପଥୀ କେବଳ ଯେ ନାଟକ ଲେଖୁଥିଲେ ତାହା ନୁହେଁ ସରକାରୀ କର୍ମଚାରୀ (Auditor) ଭାବେ ମଧ୍ୟ କାର୍ଯ୍ୟରତ ଥିଲେ । ତାଙ୍କ ବଦଳି କଟକ ହୋଇଯିବା ହେତୁ ସେ ସପରିବାର କଟକ ଚାଲିଆସିଥିଲେ । ତାଙ୍କ ନାଟ୍ୟରଚନା ଏବଂ ମଭିନୟ ଏବେ ମଧ୍ୟ ସକ୍ରିୟ । ଅଧୁନା ଶ୍ରୀ ଶତପଥୀ ଓଡ଼ିଶା ସରକାରଙ୍କର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପ-ସଭାପତି ଭାବେ କାର୍ଯ୍ୟରତ ।

ନାଟ୍ୟକାର ଶ୍ରୀ ଶତପଥୀ ଏ ପର୍ଯ୍ୟନ୍ତ ଦଶଖଣ୍ଡ ନାଟକ ଲେଖି ପ୍ରକାଶ କରିଛନ୍ତି ଏବଂ ଆହୁରି ପାଂଚଖଣ୍ଡ ନାଟକ ପ୍ରକାଶ ଅପେକ୍ଷାରେ ଅଛି । ସେ ତାଙ୍କ ନାଟକରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ ହେଁ ମୁଖ୍ୟତଃ ପାରମ୍ପରିକ ନାଟକର ସେ ପକ୍ଷପାତୀ । ମନସ୍ତାତ୍ତ୍ୱିକ ବିଶ୍ଲେଷଣ ତଥା ସାମାଜିକ ସମସ୍ୟାର ରୂପାୟନ ଆଦି ନାଟକରେ ପରିସ୍ଫୁଟ ହୋଇଛି ଯାହା ତାଙ୍କୁ ନାଟ୍ୟକାର ରୂପେ ପ୍ରତିଷ୍ଠା ଦେଇଛନ୍ତି ।

କେହି କେହି ସମାଲୋଚକ 'ଅନ୍ଧକାରର ସୂର୍ଯ୍ୟ'କୁ ନାଟ୍ୟକାରଙ୍କ ଆଦ୍ୟକୃତି ଭାବେ ଆଲୋଚନା କରିଥାନ୍ତି, ତଥାପି ତାଙ୍କ ସହ ଏକ ସାକ୍ଷାତକାର ନେବା ସମୟରେ ସେ କୁହନ୍ତି 'ପରଦାର ଅନ୍ତରାଳେ' ହିଁ ତାଙ୍କ ନାଟ୍ୟ ଜୀବନର ଆଦ୍ୟକୃତି । ଯାହା ଭଞ୍ଜନଗର ସ୍ଥିତ 'ତରୁଣ କଳାକାର ସଂସ୍ଥା' ଦ୍ୱାରା ଅଭିନୀତ ହୋଇଥିଲା, ମାତ୍ର ଏହା ଅଦ୍ୟାବଧି ଅପ୍ରକାଶିତ ଭାବେ ପାଣ୍ଡୁଲିପି ଅବସ୍ଥାରେ ରହିଅଛି ।

ନାଟ୍ୟକାରଙ୍କ ଦ୍ୱିତୀୟ ନାଟକଟି ହେଉଛି 'ଅନ୍ଧକାରର ସୂର୍ଯ୍ୟ' (୧୯୭୦) । ଭଞ୍ଜନଗରର ତରୁଣ କଳାକାର ସଂସ୍ଥା ଦ୍ୱାରା ମଧ୍ୟ ଏହା ଅଭିନୀତ । ଏହା ଗୋଟିଏ ସେଟ୍‌ର ନାଟକ । ସମଗ୍ର ନାଟକର କାହାଣୀ ଦୁଇ ଦିନ ମଧ୍ୟରେ ସୀମାବଦ୍ଧ ଏବଂ ଏହି ଦୁଇ ଦିନର ଘଟଣା ବର୍ଣ୍ଣିତ ହୋଇଛି ଦୃଶ୍ୟବିହୀନ ଦୁଇଟି ଅଙ୍କରେ । ଏହା ଏକ ଦୁଃଖାନ୍ତ ନାଟକ । ଏଥିରେ ସାଧାରଣତଃ ପାରିବାରିକ ଜୀବନରେ ଗୋପନୀୟତା କିଭଳି ଭୟଙ୍କର ଅବସ୍ଥା ସୃଷ୍ଟିକରି ଏହାକୁ ଧୂଳିସାତ୍ କରିଦିଏ, ତାହା ଦେଖାଇ ଦିଆଯାଇଛି । ନାଟ୍ୟକାର ଶ୍ରୀ ଶତପଥୀଙ୍କ ଉକ୍ତ ନାଟକ ଲେଖା ହେଲା ବେଳକୁ ବ୍ୟବସାୟୀ ବିଲୁପ୍ତ ହୋଇସାରିଥିଲା । ଏହି ନାଟକରେ ତଥାପି ନାଟ୍ୟକାର ବିଷୟ ବିନ୍ୟାସରେ, ସଂଳାପ ପରିକଳ୍ପନାରେ, ରସ ସଂଯୋଜନାରେ ଯେପରି ମୌଳିକତା ଦେଖାଇ ପାରିଛନ୍ତି, ତାହା ସ୍ୱାଗତଯୋଗ୍ୟ । ନାଟ୍ୟକାର କୁହନ୍ତି, 'ଏହି ନାଟକରେ ଅଭିନୟ କରିଥିବା ପ୍ରତ୍ୟେକ କଳାକାର ଆଜିର ସମୟରେ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ।'

ସେହି ବର୍ଷ (୧୯୭୦) ସ୍ୱରାଷ୍ଟ୍ର ବିଭାଗ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଶ୍ରୀ ଶତପଥୀଙ୍କ ଅନ୍ୟତମ ନାଟକ ତିମିରେ ଜ୍ୟୋସ୍ନା ଅଭିନୀତ ହୁଏ । ଏଥିରେ ନାଟ୍ୟକାର ଏକ ନୂତନ ପରୀକ୍ଷା କରିଛନ୍ତି । ଏହି ନାଟକକୁ ଅପରାଧମୂଳକ ପ୍ରେତତାତ୍ତ୍ୱିକ ବୋଲି କୁହାଯାଇଛି । ନାଟ୍ୟକାରଙ୍କ ମତରେ, 'ଏଥିରେ ପ୍ରେତତ୍ତ୍ୱର ଉପାଦାନ ରହିଛି, ଅଥଚ ପ୍ରେତ ନାହିଁ ।' ଏଥିରେ ଦୁଇଟି ଅଙ୍କ ଏବଂ ପନ୍ଦରଟି ଦୃଶ୍ୟ ରହିଛି । ଏହା ସାଧାରଣତଃ ଯୌତୁକ ସମସ୍ୟାକୁ ଆଧାର କରି ଲିଖିତ । ଯୌତୁକ ପ୍ରଥା ଏବଂ ତାର କୁପରିଣାମ ଦର୍ଶାଇବା ପାଇଁ ନାଟକର ପରିକଳ୍ପନା, ତଥାପି ଏଥିରେ ରହସ୍ୟ ରୋମାର କିଛିଟା ସ୍ପର୍ଶ ରହିଛି । ପାରମ୍ପରିକ ଶୈଳୀରେ ରଚିତ ଏହି ନାଟକ ତେଣୁ ସେ ସମୟର ରୀତି ଅନୁସାରେ ଫର୍ମୁଲାଧର୍ମୀ ହୋଇଛି । ଏହା ସାଧାରଣତଃ ବ୍ୟବସାୟିକ ମଂଚ ଉଦ୍ଦେଶ୍ୟରେ ଲେଖାଯାଉଥିଲା । ବ୍ୟବସାୟୀ ମଂଚରେ ଏ ନାଟକ ବେଶ୍ ଚହଳ ପକାଇଥିଲା ।

ଯୌବନର ତୀର୍ଥ (୧୯୭୧) ଭଞ୍ଜ ସାହିତ୍ୟ ପରିଷଦ; ଭଞ୍ଜନଗର ଦ୍ୱାରା ଅଭିନୀତ । ଏହା ଦୁଇଟି ଅଙ୍କ ଏବଂ ଚଉଦଟି ଦୃଶ୍ୟରେ ବିଭାଜିତ । ଏହି ନାଟକକୁ ମଧ୍ୟ ଉତ୍କଣ୍ଠାପୂର୍ଣ୍ଣ ପ୍ରେତ ତାତ୍ତ୍ୱିକ ବୋଲି କୁହାଯାଇଛି । ଆଦିବାସୀ ଅଧ୍ୟୁଷିତ ଏକ ନିର୍ଜନ ଡାକବଙ୍ଗଳାରେ ଘଟୁଥିବା ଘଟଣାକୁ ନେଇ ନାଟକର ପରିକଳ୍ପନା । ଆଧୁନିକ ଭୋଗବାଦୀ ସଭ୍ୟ ମଣିଷର ଦେହଜ କ୍ଷୁଧା ସେ ଅଳର ସାମାଜିକ ଜୀବନର ଯେଉଁ ବିଶୃଙ୍ଖଳା ସୃଷ୍ଟିକରେ, ତାହାହିଁ ଏହି ନାଟକରେ ଦେଖାଇ ଦିଆଯାଇଛି । ଏହା ପ୍ରେତତାତ୍ତ୍ୱିକ ନାଟକ ହେଲେ ମଧ୍ୟ କୌଣସି ଭୌତିକ ପରିବେଶ ଏଥିରେ ସୃଷ୍ଟି କରାଯାଇପାରି ନାହିଁ । କେବଳ ଅଭିନୟରେ ଏକ ଛାୟା ମାଧ୍ୟମରେ Illusion ସୃଷ୍ଟି କରାଯାଇଛି । ତାହା ମଧ୍ୟ ସ୍ୱଳ୍ପ ସମୟ ପାଇଁ ।

ଆଜିର ମଣିଷ (୧୯୭୨) ପ୍ରଥମେ ଅଭିନୀତ ହୁଏ ତରୁଣ କଳାକାର ସଂସ୍ଥା, ଭଞ୍ଜନଗର ଦ୍ୱାରା । ଏହି ନାଟକ ମଧ୍ୟ ଆଦିବାସୀ ସମସ୍ୟା ଆଧାରିତ । ଏଥିରେ 'ଜନାର୍ଦ୍ଦନ' ଚରିତ୍ରଟି ଜଣେ ନିଷ୍ପେଷିତ ଆଦିବାସୀର ବାସ୍ତବ ଜୀବନ କାହାଣୀ ଆଧାରିତ । ନାଟ୍ୟକାରଙ୍କ ମତରେ, 'ଆଜିର ମଣିଷ' ଆଉ କିଛି ନୁହେଁ । ଜନାର୍ଦ୍ଦନର ଜୀବନର କେତେକ ଅଭିବ୍ୟକ୍ତି ଓ ମୋର କଳ୍ପନାର ରୂପରେଖ ମାତ୍ର । ଏହି ନାଟକର କୌଣସି ଅଙ୍କର ପରିକଳ୍ପନା ନ କରାଯାଇ 'ତରଙ୍ଗ' ନାମଧେୟ ପାଟି ଦୃଶ୍ୟ ରହିଛି । ନାଟକର ଅନ୍ୟ ଏକ ନୂତନତା ଦୃଷ୍ଟିକୋଣରୁ 'ବରଗଛ' ଚରିତ୍ରର କଳ୍ପନା କରାଯାଇଛି । ଏହା ସାମ୍ୟ, ମୈତ୍ରୀ ଓ ପ୍ରୀତିର ପ୍ରତୀକ । ମଣିଷର ସର୍ବଗ୍ରାସୀ କ୍ଷୁଧା ନିକଟରେ ଯାହାକୁ ବଳୀ ସ୍ୱରୂପ ଅର୍ପଣ କରାଯାଇଛି ନାଟକର ଶେଷରେ । ଏହି ଆଦିବାସୀ ସମାଜକୁ ଯଥାର୍ଥରେ ଉଦ୍ଧାର କରିବାକୁ କେହି ନାହାନ୍ତି, ନାଟ୍ୟକାର ଏହା ହିଁ ନାଟକ ମାଧ୍ୟମରେ ପ୍ରମାଣ କରିଛନ୍ତି ।

କାହାଣୀ ନୁହେଁ, ନାଟକ (୧୯୭୪) ଅଭିନୀତ ହୋଇଥିଲା ତରୁଣ କଳାକାର ସଂସ୍ଥା, ଭଞ୍ଜନଗର ଦ୍ୱାରା । ଏଥିରେ ଦୁଇଟି ଅଙ୍କ ଓ ଚାରୋଟି ଦୃଶ୍ୟ ରହିଛି । ଏହାର ବିଷୟବସ୍ତୁରେ ମଧ୍ୟ ଆଦିବାସୀ ସମସ୍ୟାଟିକୁ ଗ୍ରହଣ କରାଯାଇଛି । ଏଥିରେ ବର୍ଣ୍ଣିତ ହୋଇଛି ଏକ ଆଦିବାସୀ ଯୁବତୀର କାହାଣୀ, ଯେ ପରବର୍ତ୍ତୀ ସମୟରେ ରୂପାନ୍ତରିତ ହୋଇଛି ଉତ୍ତମ କଳାକାରରେ ଏବଂ ତାକୁ ଘେରି ସଭ୍ୟ ମଣିଷ ସମାଜର ଯେଉଁ ସ୍ୱାର୍ଥପର ଗୁଞ୍ଜନ, ସେଥିରେ ଅତିଷ୍ଠ ହୋଇ ପୁନର୍ବାର ନିଜର ଛାଡି ଆସିଥିବା ସ୍ୱାମୀର ହାତଧରି ଜଙ୍ଗଲକୁ ଫେରିଯାଇଛି । ଏହି ନାଟକରେ ବିଶେଷ କରି ଉଦର ଜ୍ୱାଳାରେ ଧର୍ମାନ୍ତରିତ ଆଦିବାସୀ ସମ୍ପ୍ରଦାୟ ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରିଛନ୍ତି । ଏଥିରେ ଦର୍ଶକମାନଙ୍କର ଅଂଶଗ୍ରହଣ (Audience participation)କୁ ଗୁରୁତ୍ୱ ଦିଆଯାଇଛି । ନାଟକଟି ପାରମ୍ପରିକ ଶୈଳୀରେ ହିଁ ରଚିତ ।

ଶ୍ରୀ ଶତପଥୀଙ୍କ ନୂତନ ପରୀକ୍ଷାଧର୍ମୀ ନାଟକ 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍' (୧୯୭୫) ମଞ୍ଚସ୍ଥ ହୁଏ ସଚ୍ଚିବାଳୟ ସାଂସ୍କୃତିକ ସଂସ୍ଥା, ଭୋପାଳଠାରେ । ଏଥିରେ ଅଙ୍କହୀନ ତରଙ୍ଗ ନାମଧେୟ ସାତୋଟି ଦୃଶ୍ୟ ରହିଛି । ଏଠାରେ ନାରୀ ମନସ୍ତତ୍ତ୍ୱର ବିଶ୍ଳେଷଣ ଅତି ଚମତ୍କାର ଭାବେ କରାଯାଇଛି । ଏହି ନାଟକଟି ଭୋପାଳଠାରେ ପୁରସ୍କୃତ ହୋଇଥିଲା । ଏକ ଯଥାର୍ଥ ପରୀକ୍ଷାଧର୍ମୀ ନାଟକ ଭାବରେ ନାଟ୍ୟକାରଙ୍କ ଉକ୍ତ ନାଟକଟି ସାର୍ଥକ ଅଟେ ।

ତାଙ୍କ ଅନ୍ୟତମ ନାଟକ 'ଅରଣ୍ୟ ବହ୍ନି' (୧୯୮୨) ତରୁଣ କଳାକାର ସଂସ୍ଥା, ଭଞ୍ଜନଗରଠାରେ ମଞ୍ଚସ୍ଥ ହୁଏ । ଏଥିରେ ମଧ୍ୟ ଅଙ୍କର ବ୍ୟବସ୍ଥା ନ କରାଯାଇ 'ତରଙ୍ଗ' ନାମଧେୟ ବାରୋଟି ଦୃଶ୍ୟ ବ୍ୟତୀତ 'ପୂର୍ବାଭାସ' ନାମରେ ଏକ ପ୍ରତୀକାତ୍ମକ ଦୃଶ୍ୟଟି ରହିଛି । ଏହି ନାଟକରେ ବର୍ଣ୍ଣିତ ହୋଇଛି ଏକ ଅଭିଶପ୍ତ ଶିକ୍ଷକ ପରିବାରର ଦୟନୀୟ କାହାଣୀ । ନାଟକଟି ସାମସମୟିକ

ସମାଜ ଜୀବନର ଏକ ମାର୍ମିକ ପ୍ରତିଛବି । ଚରିତ୍ର ଗୁଡିକ ସାମସମୟିକ ସମାଜ ଜୀବନରୁ ଗ୍ରହଣ କରାଯାଇଛି । ସଂଳାପ ମଧ୍ୟ ପାତ୍ରୋପଯୋଗୀ ।

ନାଟ୍ୟକାରଙ୍କର ଅନ୍ୟାନ୍ୟ ପ୍ରକାଶିତ ନାଟକ ଗୁଡିକ ଭିତରେ ଜୀଅନ୍ତା ଶବ (୧୯୭୨), ମ୍ୟୁଜିୟମ୍ (୧୯୭୪), ସତ୍ୟମେବ ଜୟତେ (୧୯୭୬) ଅନ୍ୟତମ ।

ନାଟ୍ୟକାରଙ୍କର ପ୍ରଥମ ପର୍ଯ୍ୟାୟର ନାଟକ ସବୁ ନାରୀଚରିତ୍ର ବିବର୍ଜିତ ନାଟକ । ନାରୀର ସମସ୍ୟାକୁ ଭିତ୍ତିକରି ନାଟକ ଲେଖା ହୋଇଛି ସତ କିନ୍ତୁ ନାରୀ ଚରିତ୍ରର ଷ୍ଟେଜ୍‌ରେ ଆବଶ୍ୟକ ପଡି ନାହିଁ । କାରଣ ଏଥିରେ ପ୍ରତିବନ୍ଧକ ସାଜେ ଅର୍ଥ ସମସ୍ୟା । ନାଟ୍ୟକାର ତାଙ୍କ ସାକ୍ଷାତ୍‌କାରରେ କୁହନ୍ତି ଯେ, ସେ ମାତ୍ର ପାଂଚଶହ ଟଙ୍କାରେ ମଧ୍ୟ ନାଟକ କରାଇଛନ୍ତି । ତଥାପି ସେ ପ୍ରଥମ ନାରୀ ଚରିତ୍ର (ଜ୍ୟୋସ୍ନା ଦାସ)ଟିକୁ ମଂଚରେ ସ୍ଥାନ ଦେଇଛନ୍ତି ତାଙ୍କ 'ଜୀଅନ୍ତା ଶବ' ନାଟକ ମାଧ୍ୟମରେ । ତାଙ୍କର ଏହି ନାଟକଟି ମଧ୍ୟ ପ୍ରଥମ ପ୍ରକାଶିତ ନାଟକ ବୋଲି ସେ କୁହନ୍ତି । ଏହି ନାଟକଟି ସେ ସମୟରେ ଏତେ ଜନାଦୃତ ଲାଭ କରିଥିଲା ଯେ ଏହା ବହୁ ରଜନୀ ଅଭିନୀତ । 'ଜୀଅନ୍ତା ଶବ'ର ପରର୍ବୀ ନାଟକଗୁଡିକରେ ନାଟ୍ୟକାର ନାରୀ ଚରିତ୍ରଟିର ସଂଯୋଜନା କରିଥିଲେ ହେଁ ତାଙ୍କର ଅଧିକାଂଶ ନାଟକରେ ଗୋଟିଏ ନାରୀ ଚିରତ୍ର ଥିବାର ଦେଖାଯାଏ । ନାଟ୍ୟକାରଙ୍କର ଏକମାତ୍ର ଉଦ୍ଦେଶ୍ୟ ଖୁବ୍ କମ୍ ଅର୍ଥରାଶିରେ କିପରି ଏକ ଭଲ ନାଟକଟିଏ ମଂଚସ୍ଥ କରାଯାଇପାରିବ । ତେଣୁ ନାଟ୍ୟକାରଙ୍କର ପ୍ରତ୍ୟେକ ନାଟକରେ ଦର୍ଶକୀୟ ରୁଚିକୁ ପ୍ରାଧାନ୍ୟ ଦିଆଯାଇଛି ଏବଂ ତାଙ୍କ ନାଟକରେ ଅଳ୍ପ ପୁରୁଷ ଚରିତ୍ର ଏବଂ ଏକ ନାରୀ ଚରିତ୍ର ଥିବାର ସୌଖୀନ ନାଟ୍ୟସଂସ୍ଥାଗୁଡିକ ଏହିପରି ନାଟକ ମଂଚସ୍ଥ କରାଇବାକୁ ମନ ବଳାଇଥାନ୍ତି । ନାଟ୍ୟକାର ଶ୍ରୀ ଶତପଥୀଙ୍କ ପ୍ରତ୍ୟେକ ନାଟକରେ ନୂତନତା ବାରି ହୋଇପଡେ ଏବଂ ସେ ତାଙ୍କ ନାଟ୍ୟାଦର୍ଶ ଭାବରେ କବିଚନ୍ଦ୍ର କାଳୀଚରଣଙ୍କୁ ଗ୍ରହଣ କରିଥାନ୍ତି ।

ନାଟ୍ୟକାର ଶ୍ରୀ ଶତପଥୀ ସମାଜ ପ୍ରତି ଏକ ସମ୍ବେଦନଶୀଳ ଦୃଷ୍ଟିକୋଣ ନେଇ ଲେଖନୀ ଚାଳନା କରନ୍ତି । ସମସାମୟିକ ବିଷୟବସ୍ତୁକୁ ହିଁ ନାଟକର ଆଧାର ଭାବେ ଗ୍ରହଣ କରିଥାନ୍ତି । ଅଧିକାଂଶ ସ୍ଥଳରେ ନାଟ୍ୟକାର ତାଙ୍କ ନାଟକରେ କୌଣସି ସମସ୍ୟାର ସମାଧାନ ନ କରି ତାହା ଦର୍ଶକମାନଙ୍କ ବିଚାର ନିମନ୍ତେ ଛାଡି ଦେଇଥାନ୍ତି । ଯେଉଁଠି ବା ସେ ସମସ୍ୟାର ସମାଧାନ କରିଥାନ୍ତି, ତାହା ବିପ୍ଳବର ଚମକପ୍ରଦ ମାର୍ଗ ରୂପେ ଆତ୍ମପ୍ରକାଶ କରିଛି । ସମାଜ ପ୍ରତି ନାଟ୍ୟକାରଙ୍କ ଦୃଷ୍ଟି ସମ୍ବେଦନଶୀଳ । ସମାଜର ଦୁଃଖଯନ୍ତ୍ରଣା ତାଙ୍କ ସୃଷ୍ଟି ଭୂମିକୁ ବିଷାଦିତ କରିଛି । ଫଳରେ ତାଙ୍କ ଦୃଷ୍ଟିକୋଣ ସାଧାରଣତଃ 'ନେତିବାଚକ' । ନିକଟରେ ଶ୍ରୀ ଶତପଥୀଙ୍କ ତା ୦୮/୦୧/୨୦୨୩ରିଖ ନବୀନ ବର୍ଣ୍ଣାଳୀ, ଭୁବନେଶ୍ୱର ନାଟ୍ୟ ସଂସ୍ଥା ଦ୍ୱାରା 'ସ୍ୱାଭିମାନୀ ଗଜପତି' ନାମକ ଏକ ଐତିହାସିକ ତଥା ଓଡ଼ିଶାର ପ୍ରବାଦ ପୁରୁଷ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ଉପରେ ଆଧାରିତ ନାଟକ ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର ଠାରେ ମଂଚସ୍ଥ ହୋଇଛି । ଏହି ନାଟକର ନିର୍ଦ୍ଦେଶନା ଶ୍ରୀ ନବୀନ କୁମାର ପରିଡା ଦେଇଥିଲେ । ଆଶା ଶ୍ରୀ ଶତପଥୀ ଭବିଷ୍ୟତରେ ଅନେକ ନାଟକ ଲେଖିବେ, ମଂଚସ୍ଥ କରିବେ ଏବଂ ଓଡ଼ିଶା ନାଟ୍ୟସାହିତ୍ୟର ଭଣ୍ଡାରକୁ ଆହୁରି ସମୃଦ୍ଧ କରିବେ ।

ସହାୟକ ଗ୍ରନ୍ଥସୂଚୀ :

(୧) ଦାସ, ହେମନ୍ତ କୁମାର: ଓଡ଼ିଆ ନାଟକ କୋଷ, ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରକାଶ କାଳ – ୧୯୯୬ ।

(୨) ଦାସ, ହେମନ୍ତ କୁମାର: ଓଡ଼ିଆ ନାଟକର ବିକାଶଧାରା (ଚତୁର୍ଥ ଖଣ୍ଡ) ଆଧୁନିକ ପର୍ବ, ସାଥୀ ମହଲ, ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶ – ୧୯୮୮ ।

(୩) ଦାସ, ହେମନ୍ତ କୁମାର: ଓଡ଼ିଆ ନାଟକର ଉର ଆଧୁନିକ ପର୍ବ (୧୯୮୦-୨୦୦୬), ବିଦ୍ୟାପୁରୀ, ବାଲୁବଜାର, କଟକ, ପ୍ରଥମ ପ୍ରକାଶ – ଜାନୁୟାରୀ ୨୦୦୮, ISBN : ୮୧-୭୪୧୧-୬୪୪-୩ ।

(୪) ଦାସ, ହେମନ୍ତ କୁମାର : ନୂତନ ଧରାତଳର ନାଟକ, ଦିବ୍ୟଦୂତ ପ୍ରକାଶନୀ, କଟକ, ପ୍ରାପ୍ତିସ୍ଥାନ - ଅଗ୍ରଦୂତ, ବାଙ୍କାବଜାର, କଟକ, ପ୍ରଥମ ସଂସ୍କରଣ – ୧୯୯୪ ।

(୫) ଦାସ, ହେମନ୍ତ କୁମାର : ଓଡ଼ିଆ ମଂଚ ପରିକ୍ରମା, ଏସ୍‌ବି ପବ୍ଲିକେଶନ, ଭରତିଆ ଟାୱାର, ବିନୋଦ ବିହାରୀ, କଟକ-୨, ପ୍ରଥମ ସଂସ୍କରଣ – ୧୯୯୬, ISBN : ୮୧-୭୪୦୪-୦୨୯-୩ ।

(୬) ରାଉତ, ଭୋଳାନାଥ: ଓଡ଼ିଆ ସାହିତ୍ୟ - ତତ୍ତ୍ୱ ଓ ତଥ୍ୟ, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ-୨୦୨୦ ।

(୭) ଶତପଥୀ, ମନ୍ମଥ କୁମାର: ଯୌବନର ତୀର୍ଥ, ସୁଜାତା ପ୍ରକାଶନୀ, ଭଞ୍ଜନଗର, ୧୯୭୧ ।

(୮) ଶତପଥୀ, ମନ୍ମଥ କୁମାର: କାହାଣୀ ନୁହେଁ, ନାଟକ, ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୧୯୭୪ ।

(୯) ଶତପଥୀ, ମନ୍ମଥ କୁମାର: ଆଜିର ମଣିଷ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୭୨ ।

(୧୦) ଶତପଥୀ, ମନ୍ମଥ କୁମାର: ମ୍ୟୁଜିୟମ୍, ଓଡ଼ିଆ ବୁକ୍ ଷ୍ଟୋର୍, କଟକ, ୧୯୭୫ ।

(୧୧) ଶତପଥୀ, ମନ୍ମଥ କୁମାର: ଅରଣ୍ୟ ବହ୍ନି, ସୁଜାତା ପ୍ରକାଶନୀ, ଭଞ୍ଜନଗର, ୧୯୮୨ ।

(୧୨) ସାମନ୍ତରାୟ, ରମାକାନ୍ତ: ଅଶୀପରର ଓଡ଼ିଆ ନାଟକ (ଉତ୍ତର ପର୍ବର ଦ୍ୱିତୀୟ ପର୍ଯ୍ୟାୟ), ପ୍ରାପ୍ତି ସ୍ଥାନ- ରମାକାନ୍ତ ସାମନ୍ତରାୟ, ପ୍ଲଟ ନଂ.୨୩୯୫, ଲେନ୍ ନଂ.୭, ଗୌରୀନଗର, ଭୁବନେଶ୍ୱର-୨ ।

(୧୩) ହରିଚନ୍ଦନ, ନୀଳାଦ୍ରିଭୂଷଣ: ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା, ବିଦ୍ୟାପୁରୀ, ବାଲୁବଜାର, କଟକ, ଦ୍ୱିତୀୟ ସଂସ୍କରଣ- ଡିସେମ୍ବର ୨୦୦୭, ISBN- ୯୭୮-୮୧-୭୪୧୧-୬୩୭-୬୧ ।

(୧୪) ନାଟ୍ୟକାରଙ୍କ ସହ ସାକ୍ଷାତକାର – ୨୧/୦୭/୨୦୨୨

(୧୫) Chinmaya Samal "Absurd' the theaterical term used as 'Udbhata' in Odia Drama: An unsolved question' published in International Journal of Trend in Scientific Research and Development (ijtsrd), ISSN: 2456-6470, Vol.7/Issue-1, Feb.2023, PP.704-706, URL:www.ijtsrd.com/papers/ijtsrd52758.pdf

ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ବିଶ୍ୱଭାରତୀ
ଶାନ୍ତିନିକେତନ, ପଶ୍ଚିମବଙ୍ଗ ୭୩୧୨୩୫

ISSN -2583-147X (P), Vol.- 9, Issue No.III, June 2023
Bastabatara Pariprakash Prachee
Peer Reviewed and Referred Research Journal

ଗୋଇନ୍ଦା ଉପନ୍ୟାସର ନାମକରଣଗତ ବୈଚିତ୍ର୍ୟ

ପ୍ରତୀଚୀ ନନ୍ଦ

ଉପନ୍ୟାସର କଳାପାକ୍ଷିକ ଉପଦାନଗୁଡ଼ିକ ମଧ୍ୟରୁ ନାମକରଣ ବୈଚିତ୍ର୍ୟ ଅନ୍ୟତମ ଉପାଦାନ । ନାମକରଣ ସ୍ୱାତନ୍ତ୍ର୍ୟ ଓ ଉକୃଷ୍ଟତା କୌଣସି ଦେବାଳୟର ନାଟମଣ୍ଡପ ପରି । ଯାହା ପାଠକକୁ ଆକର୍ଷଣେ ଅନ୍ତସ୍ଥ କଥାବସ୍ତୁ ପଠନ ନିମିତ୍ତ । ନାମକରଣ ମଧ୍ୟ ଏକ ଲେଖକୀୟ କୌଶଳ । ଯାହା କଥାକାରକୁ ପାରମ୍ପାରିକତାରୁ ମୁକ୍ତକରି ସ୍ୱତନ୍ତ୍ର ସ୍ଥାନୀୟ କରାଇପାରେ । ତେଣୁ ରଚନାର ନାମକରଣ ମଧ୍ୟ ଏକ ଆୟସସାଧ୍ୟ ବ୍ୟାପାର । ବହୁତ ଚିନ୍ତା ଭାବନା କରି ନାମକରଣ କରିବାକୁ ପଡ଼ିଥାଏ । ଏହି ନାମକରଣ ସାର୍ଥକତା ପ୍ରତିପାଦନ କରୁଥିବା ଆବଶ୍ୟକ । କଥାବସ୍ତୁ ସହିତ ଭାବ ସାମ୍ୟବାଦ ପ୍ରତ୍ୟକ୍ଷ ପରୋକ୍ଷ ସମ୍ପୃକ୍ତି ଆବଶ୍ୟକ । ଯାଦୃଚ୍ଛିକ ନାମକରଣ ଫଳରେ ରଚନା ମାନ ହାନି ଘଟିପାରେ । ରଚିତ ବିଷୟରୁ କଥାବସ୍ତୁ, ଭାବ ବା ଉଦ୍ଦେଶ୍ୟ ବାବଦରେ ନାମକରଣରୁ ହିଁ ଆଭାଷ ମିଳିଥାଏ ।

କେତେକ କ୍ଷେତ୍ରରେ ନାମକରଣରେ ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନାମକରଣ ସିଧାସଳଖ ବା ସରଳ ନ ହୋଇ ହୋଇଥାଏ ଭାବବ୍ୟଞ୍ଜକ, ପ୍ରତୀକାତ୍ମକ । ନାମକରଣର ଆଭିଧାନିକ ଅର୍ଥ ପ୍ରକାଶ ନପାଇ ପ୍ରତୀକ, ଚିତ୍ରକଳ୍ପ, ବ୍ୟଞ୍ଜନା, ଲକ୍ଷଣାର୍ଥ ଗୁରୁତ୍ୱ ଲଭେ । ଯାହା ଲେଖକୀୟ ପାରଦର୍ଶୀତାକୁ ଅଧିକ ସ୍ୱଷ୍ଟ ଭାବରେ ବ୍ୟକ୍ତ କରେ । ଚିତ୍ତଚଞ୍ଚଳ ନାମକରଣଟେ ମଧ୍ୟ ଆଗ୍ରହୀ କରାଇପାରେ ପାଠକକୁ ବିଷୟବସ୍ତୁ ଅଧ୍ୟୟନ ନିମନ୍ତେ ।

ଓଡ଼ିଆର ହାସ୍ୟରୋମାଞ୍ଚ ଧର୍ମୀ ଉପନ୍ୟାସ ରଚନାର ଗାଠନିକ ଦିଗରେ ନାମକରଣ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସାଧାରଣତଃ ସମ୍ଭ୍ରାନ୍ତ ସାହିତ୍ୟର ବିଭିନ୍ନ ବିଭାଗରେ ରଚିତ ବିଷୟବସ୍ତୁର ନାମକରଣ ତୁଳନାରେ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ ଦିଗରେ ସ୍ୱାଦ ଭିନ୍ନତା ବେଶ୍ ବାରି ହୋଇପାଡ଼େ । ନାମକରଣ ଅଧ୍ୟୟନ ମାତ୍ରେ ହିଁ ତାହା ଯେ ଓଡ଼ିଆର ହାସ୍ୟରୋମାଞ୍ଚଧର୍ମୀ ଉପନ୍ୟାସଏହା ବୁଝିବାରେ ଦ୍ୱିଧା ଉପୁଜେ ନାହିଁ । ସାଧାରଣତଃ ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନସ୍ୟାଗୁଡ଼ିକ ଅପରାଧ, ଅପରାଧି ଓ ତତ୍‌ସମ୍ପର୍କୀତ ରହସ୍ୟରୁ ଆଧାର କରି ରଚିତ ହେଉଥିବାରୁ ନାମକରଣରେ ମଧ୍ୟ ଏକ ଅପରାଧ ପ୍ରବଣତା, ବିଭତ୍ସତା ନାରକୀୟତାର ଗନ୍ଧ ସ୍ୱଷ୍ଟ ବାରି ହୋଇପଡ଼େ । ନାମକରଣ କରିବା ସମୟରେ ରହସ୍ୟ ଔପନ୍ୟାସିକମାନେ ବେଶ୍ ସତର୍କତାର ସହିତ କାର୍ଯ୍ୟ କରିଥାନ୍ତି । ଯଦ୍ୱାରା ନାମ ପଠନ ମାତ୍ରକେ ଅପରାଧର ଏକ ଚିତ୍ରପଟ୍ଟ ମାନସଲୋକରେ ଝଲସି ଉଠେ ।

ଓଡ଼ିଆରହାସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ ବିଭିନ୍ନ ଦୃଷ୍ଟିକୋଣକୁ କେନ୍ଦ୍ରକରି କରାଯାଇଛି । କେତେକ ଉପନ୍ୟାସରେ ଘଟଣା ନାମକରଣର ଆଧାର ହୋଇଥିବାବେଳେ, କେତେକ ସ୍ଥଳରେ ଘଟଣା ଘଟୁଥିବା ସ୍ଥାନକୁ ନେଇ ରହସ୍ୟ ଉପନ୍ୟାସର ନାମକରଣ କରାଯାଏ । କେତେକ ସ୍ଥଳେ ମୁଖ୍ୟ ଚରିତ୍ରର ନାମାନୁଯାୟୀ, ତା'ର ଗୁଣାଗୁଣ ଅନୁରୂପ ନାମକରଣ କରାଯାଏ । ଘଟିତ ଘଟଣାର ସମୟ ବା କାଳଖଣ୍ଡକୁ ନେଇ ମଧ୍ୟ ଉପନ୍ୟାସ ନାମିତ । ଏପରି ଅନେକ ରହସ୍ୟ ଉପନ୍ୟାସ ରହିଛି ଯେଉଁଥିରେ ଅପରାଧି ଛାଡ଼ି ଯାଇଥିବା ଅଥବା ଅନୁସନ୍ଧାନକାରୀ ଖୋଜି ପାଇଥିବା କ୍ଲୁ ବା ଉତ୍ସକୁ ଆଧାର କରି ରହସ୍ୟ ଉପନ୍ୟାସର ନାମକରଣ କରାଯାଇଛି । ପ୍ରତୀକାତ୍ମକ ଓ ବିବରଣାତ୍ମକ ନାମକରଣ ମଧ୍ୟ ଏ ଧରଣର ଉପନ୍ୟାସ ନାମକରଣରେ ପରିଲକ୍ଷିତ ହୁଏ । ସେଗୁଡ଼ିକ ନିମ୍ନରେ ଆଲୋଚ୍ୟ-

୧) ସ୍ଥାନ ଭିତ୍ତିକ ନାମକରଣ-

ଉପନ୍ୟାସର କଥାବସ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଘଟିତ ଘଟଣାକୁ ଆଧାର କରି ଗତି କରିଥିଲେ ବା କଥାବସ୍ତୁର ମୁଖ୍ୟ ଘଟଣାଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଘଟୁଥିଲେ ସେହି ସ୍ଥାନକୁ

ଭିତ୍ତିକରି ଉପନ୍ୟାସର ନାମକରଣ ମଧ୍ୟ ତଦ୍‌ଅନୁରୂପ କରାଯାଇଥାଏ । ଏହି ପ୍ରକାରର ନାମକରଣ କରାଯାଇଥିବା ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ନାମିତ ସ୍ଥାନ କଥାବସ୍ତୁର ପ୍ରାଣକେନ୍ଦ୍ର ହୋଇଥାଏ । ଯେପରି – କସ୍ତୁରିଚରଣ ଦାସଙ୍କ ଦ୍ୱାରା ରଚିତ 'ନୀଳନିଳୟ' ଉପନ୍ୟାସରେ 'ନୀଳନିଳୟ' ନାମକ ସୁରମ୍ୟ ପ୍ରାସାଦରେ ଦୁଇ ଦୁଇଟି ହତ୍ୟା ହୁଏ । ହତ୍ୟାକୁ କେନ୍ଦ୍ରକରି ସମ୍ପୂର୍ଣ୍ଣ କଥାବସ୍ତୁ ଗତିକରେ । ଅନୁସନ୍ଧାନ ହୁଏ, ଦୋଷୀ ଧରାପଡ଼େ । କେବଳ ନୀଳନିଳୟରେ ରହଣିକାଳରେ ହିଁ ହତ୍ୟା ହୁଏ । ତେଣୁ ପାଠକ ମନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନୀଳନିଳୟକୁ ନେଇ ଏକ ସଂଶୟ କାର୍ଯ୍ୟ କରେ । ତେଣୁ ଏହି ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଏପରି ନାମକରଣ କରାଯାଇଛି । ସେହିପରି – ବାସୁଦେବ ମିଶ୍ରଙ୍କ 'ପାନ୍ଥ ନିବାସ'(୧୯୩୩), ଆଶୁତୋଷ ରାୟଙ୍କ 'ରଙ୍ଗକୋଠିର ରହସ୍ୟ'(୧୯୫୨), 'ସୁନ୍ଦରବନରେ ଦସ୍ୟୁ'(୧୯୫୩), 'ହାଇଦ୍ରାବାଦର ଷଡ଼ଯନ୍ତ୍ର'(୧୯୫୪), ଯମେଶ୍ୱର ମିଶ୍ରଙ୍କ 'ତୋଫାନ୍‌ମେଲ୍' (୧୯୫୫), ଜୟକୃଷ୍ଣ ରାୟଙ୍କ 'ମାଡ୍ରାସମେଲରେଖୁଣ୍'(୧୯୫୫), କସ୍ତୁରୀଚରଣ ଦାସଙ୍କ 'ମିଡନାଇଟ ହୋଟେଲ'(୧୯୫୭), ହରିହର ପ୍ରସାଦ ପଟ୍ଟନାୟକଙ୍କ 'ଅପସରା ଭୁବନରେ ହତ୍ୟା'(୧୯୫୯), ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ପ୍ରେତପୁରୀର ଚିଠି'(୧୯୫୯), ଜଗନ୍ନାଥ ରଥଙ୍କ 'କଳାଘର'(୧୯୫୯) ଗୁଇନ୍ଦା ସାହେବଙ୍କ 'ଭୂତକୋଠିରେ ତାଣ୍ଡବ'(୧୯୬୦), 'ଗନ୍ତାଘରର ବିଭୀଷିକା' (୧୯୬୦), 'ମାନସପୁରୀର ଭୂତ'(୧୯୬୦), ଏସ ଏ ସମଦ୍‌ଙ୍କ 'ଗାର୍ଲସ୍ ହଷ୍ଟେଲ'(୧୯୬୨), ଅକ୍ଷୟ କୁମାର ମହାନ୍ତିଙ୍କ 'ନାଗାଲାଣ୍ଡରେ ଦୀପକ' (୧୯୬୬), 'ରତ୍ନଦ୍ୱୀପରେ ତାରଜନ'(୧୯୬୭) ଆଦି ପରି ଅନେକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର କଥାବସ୍ତୁ ମଧ୍ୟରେ ଘଟିତ ଘଟଣାର ସ୍ଥାନ ମହତ୍ତ୍ୱ ଲଭିଛି । ତେଣୁ ତାହାକୁ ଉପଜୀବ୍ୟ କରି ଉପନ୍ୟାସର ନାମକରଣ ସ୍ଥାନ ଭିତ୍ତିକ ହୋଇଛି ।

ସ୍ଥାନ ଭିତ୍ତିକ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସରେ ଘଟିତ ସମସ୍ତ ଅପରାଧର ପେଣ୍ଠସ୍ଥଳି ଉକ୍ତ ସ୍ଥାନ ହୋଇଥାଏ । ଅଥବା ଭିନ୍ନ ଭିନ୍ନ ସ୍ଥାନରେ ହତ୍ୟା ଘଟୁଥିଲେ ହେଁ ତାହାର ନାମକରଣ ବା ସମ୍ବନ୍ଧ ଉକ୍ତ ସ୍ଥାନ ସହ ରହିଥାଏ । ଏପରି ମଧ୍ୟ କେତେକ ଉପନ୍ୟାସରେ ଦେଖାଯାଏ ଯେ, ସମସ୍ତ ଅପରାଧର ମୁଖ୍ୟ ଅଭିଯୁକ୍ତର ଗୁପ୍ତଘାଟି ହେଉଛି ଏକ ନିର୍ଦ୍ଦିଷ୍ଟ ସ୍ଥାନ । ଯେଉଁଠାରେ ଛଦ୍ମବେଶରେ ନିଶାର୍ଦ୍ଧ ରାତ୍ରିରେ ଯୋଜନା ପ୍ରସ୍ତୁତ ହୁଏ ସମସ୍ତ ଅପରାଧ ଘଟାଇବା ଉଦ୍ଦେଶ୍ୟରେ । ଏପରି ସ୍ଥଳରେ କଥାବସ୍ତୁର ସମସ୍ତ ଶାଖା, ପ୍ରଶାଖା ପ୍ରକାରାନ୍ତରେ ଉକ୍ତ ସ୍ଥାନ ସହିତ ନିଜର ସଂପୃକ୍ତି ଜାରି ରଖନ୍ତି । ଯଦ୍ୱାରା ପାଠକର ମାନସ ଚକ୍ଷୁରେ ଉକ୍ତ ନିର୍ଦ୍ଦିଷ୍ଟ ସ୍ଥାନ ବାରମ୍ବାର ସମ୍ମୁଖୀକୃତ ହୁଏ । ଫଳତଃ ସ୍ୱତଃ ସେହି ସ୍ଥାନଟିର ଭୂମିକା କଥାବସ୍ତୁକୁ ଅଧିକ ପ୍ରାଣବନ୍ତ ଓ ଚିତ୍ତାକର୍ଷକ କରାଏ । ତେଣୁ ପଠନ କଳାରେ ପାଠକ କଥାବସ୍ତୁକୁ ଆସ୍ୱାଦନ କରିବା ସହିତ ନାମକରଣଗତ ଯଥାର୍ଥତାକୁ ହୃଦ୍‌ବୋଧ କରିପାରେ । ଉପନ୍ୟାସ ବର୍ଣ୍ଣିତ ସ୍ଥାନଟି ଏତେ ମହତ୍ତ୍ୱପୂର୍ଣ୍ଣ ହୋଇଉଠେ ଯେ, କଥାବସ୍ତୁରୁ ଉକ୍ତ ସ୍ଥାନଟିକୁ ବାଦ୍ ଦେଲେ ହୁଏତ ଉପନ୍ୟାସ ନିଜର ଗୌରବ ହରାଇ ବସିବ । ଏ ଧରଣର ଉପନ୍ୟାସରେ ବର୍ଣ୍ଣିତ ଘଟଣା ସ୍ଥାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

୨) କାଳଭିତ୍ତିକ ନାମକରଣ-

ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଏପରି କେତେକ ନାମକରଣ ହୋଇଥିବାର ଦେଖାଯାଏ, ଯାହା ସମୟ ବା କାଳଖଣ୍ଡ ଆଧାରିତ । ଯେପରି– ଆଶୁତୋଷ ରାୟଙ୍କ 'କାଳରାତ୍ରି'(୧୯୫୨), କସ୍ତୁରୀ ଚରଣ ଦାସଙ୍କ 'ଦିନେ ରାତିରେ'(୧୯୫୪), ଯମେଶ୍ୱର ମିଶ୍ରଙ୍କ 'ନୀଳରାତିର ଉଲ୍‌କା', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'କାଳରାତ୍ରିର ବିଭୀଷିକା' ଆଦି ପରି ଉପନ୍ୟାସଗୁଡ଼ିକର ନାମକରଣ ଉକ୍ତ କଥାବସ୍ତୁର କାଳକୁ ଭିତ୍ତିକରି କରାଯାଇଛି ।

ସମଗ୍ର ଉପନ୍ୟାସର କଥାବସ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ କାଳଖଣ୍ଡ ବା ସମୟ ମଧ୍ୟରେ ଘଟେ । ଅଥବା ଗୋଟିଏ ସମୟରେ ଏକାଧିକ ଘଟଣା ଘଟେ ବା ବର୍ଣ୍ଣିତ କଥାବସ୍ତୁରେ ଉକ୍ତ କାଳ ବା ସମୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ କଥାବସ୍ତୁକୁ ବଳିଷ୍ଠ କରିବା ଦିଗରେ । ଏପରି କ୍ଷେତ୍ରରେ ଉକ୍ତ ବା ସମୟ ଓ କାଳଖଣ୍ଡର ଅପରିହାର୍ଯ୍ୟତାକୁ ଆଖି ଆଗରେ ରଖି କଥାକାର ଉପନ୍ୟାସର ନାମକରଣ କାଳଭିତ୍ତିକ କରିଥାନ୍ତି । କସ୍ତୁରୀ ଚରଣ ଦାସଙ୍କ ଦ୍ୱାରା ଲିଖିତ 'ଦିନେ ରାତିରେ' ଉପନ୍ୟାସରେ ଦିନେ ରାତିରେ ହତ୍ୟା ହୁଏ । ହତ୍ୟା ଭାରି ରହସ୍ୟଜନକ ଭାବରେ ଘଟେ । ହତ୍ୟାକାରୀର ଉଦ୍ଦେଶ୍ୟ ଧନଚୋରୀ, ପ୍ରତିଶୋଧ ଆଦି ପରି ଲାଗେ ନାହିଁ । ଶବର ଦେହରେ ହତ୍ୟାର କୌଣସି ଚିହ୍ନ ନଥାଏ, ଗଳାରେ କେବଳ ଦୁଇଟି ବିଚିତ୍ର ଦନ୍ତାଘାତର ଚିହ୍ନ । ହଠାତ୍ ଗୋଟେ କଳାଛାୟିସରଣାନ୍ତକ ଆକ୍ରମଣ କରି ଖସି ପଳାଏ । ତାହାର ପଶ୍ଚାତ୍‌ଧାବନ କରୁ କରୁ ପହଞ୍ଚେ ଗୋଟେ ଘରେ । ଭିତରକୁ ଯିବା ପରେ ସେ ଘର ଅଦ୍‌ଭୁତ ଲାଗେ । ଦିନରେ ଘରର ପରିବେଶ

ଅଲଗା ପ୍ରକାର ହେଲେ ରାତ୍ରି ହେଲେ ବଦଳି ଯାଏ ସବୁ କିଛି । ପରେ ଅପରାଧୀ ଧରାପଡ଼େ ।ବାସ୍ତବିକ କିନ୍ତୁ ହତ୍ୟା ହୁଏ ଗୋଟିଏ ବଣ ବିଲେଇ ଦ୍ୱାରା । ଯାହା ନିର୍ଦ୍ଦେଶରେ ହୁଏ ସେ ହିଁ ମୁଖ୍ୟ ଅପରାଧୀ । ଏ ସମସ୍ତ ଘଟଣା କିନ୍ତୁ ଘଟେ ରାତିରେ । ତେଣୁ ଉପନ୍ୟାସର ନାମକରଣ 'ଦିନେ ରାତିରେ' ହୋଇଛି ।

ୗ) ଚରିତ୍ରଭିତ୍ତିକ ନାମକରଣ-

ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ କ୍ଷେତ୍ରରେ ଚରିତ୍ରଭିତ୍ତିକ ନାମକରଣ ହୋଇଥିବାର ନିଦର୍ଶନ ସର୍ବାଧିକ । ରହସ୍ୟ ଉପନ୍ୟାସରେ ଚରିତ୍ରଙ୍କର ବେଶ୍ ଗୁରତ୍ୱ ରହିଥାଏ କଥାବସ୍ତୁକୁ ପରିଣତି ପର୍ଯ୍ୟନ୍ତ ଗତି କରାଇବାରେ । ସେଥିମଧ୍ୟରେ ରହିଥାନ୍ତି ଅନୁସନ୍ଧାନକାରୀ, ଅଭିଯୁକ୍ତ, ଦୁର୍ଘଟଣାର ଶୀକାର ହୋଇଥିବା ବ୍ୟକ୍ତି ଅଥବା ଅସାଧ୍ୟ ସାଧନ କରିପାରୁଥିବା କୌଣସି ଦୁଃସାହାସିକ ଚରିତ୍ର । ଯାହାର କାର୍ଯ୍ୟ ଆଇନତଃ ଦଣ୍ଡନୀୟ ହେଲେ ହେଁ ଉଦ୍ଦେଶ୍ୟ ଜନହିତକର । ତେଣୁଏହି ଧରଣର ଚରିତ୍ରଙ୍କୁ ମଧ୍ୟ ଅଧିକ ଉପଯୁକ୍ତ ଓ ସାର୍ଥକ ମନେ ହୋଇଥାଏ ।

ଏହି ଧରଣର ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସରେ ସମଗ୍ର କଥାବସ୍ତୁ ଉକ୍ତ ନିର୍ଦ୍ଦିଷ୍ଟ ଚରିତ୍ରର କାର୍ଯ୍ୟାବଳୀ, ଅନୁସନ୍ଧାନ ବା ଦୁଃସାହାସିକ ଦକ୍ଷତା ଚିତ୍ରାୟନ ପୂର୍ବକ ପୂର୍ଣ୍ଣତା ଲାଭ କରିଥାଏ । କଥାବସ୍ତୁ ମଧ୍ୟରୁ ଉକ୍ତ ଚରିତ୍ରଟିକୁ ବାଦ ଦେଲେ ଉପନ୍ୟାସର ସମଗ୍ର କଥାବସ୍ତୁ ତାର ଗତିଶୀଳତା ଓ ଶୈଳ୍ପିକ ଗୌରବ ହରାଇ ବସିବ । ଚରିତ୍ରଭିତ୍ତିକ ନାମକରଣ କରାଯାଇଥିବା ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ଗୁଡ଼ିକରେ ଯେଉଁ ଧରଣର ଚରିତ୍ରଙ୍କୁ ଭିତ୍ତିକରି ନାମକରଣ କରାଯାଇଛି ସେମାନେ ହେଲେ-

କ) ଅନୁସନ୍ଧାନକାରୀ-

ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଅପରାଧ ଘଟିବା ପରେ କଥାବସ୍ତୁ ଗତିକରେ ଅନୁସନ୍ଧାନକାରୀ ବା ଗୋଇନ୍ଦା ଚରିତ୍ର ମାଧ୍ୟମରେ । ତେଣୁ ଉକ୍ତ ଚରିତ୍ରର ଧୀଶକ୍ତି, ବିଶ୍ଳେଷଣ ଦକ୍ଷତା, ଦୂରଦୃଷ୍ଟି, ପାରଙ୍ଗମତା ଆଦି ଦ୍ୱାରା ଅପରାଧୀର ମୂଳବିନ୍ଦୁ ଆବିଷ୍କାରିବା ଦ୍ୱାରା କଥାବସ୍ତୁ ପରିଣତି ଲାଭ କରେ । ତେଣୁ କେତେକ ରହସ୍ୟ ଉପନ୍ୟାସର ନାମକରଣ ଅନୁସନ୍ଧାନକାରୀ ବା ଗୋଇନ୍ଦାଙ୍କ ନାମ ବା ପଦବୀ ଅନୁସାରେ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ଗୋବିନ୍ଦ ତ୍ରିପାଠୀଙ୍କ 'ଗୋଇନ୍ଦା ଗଦାଧର', 'ଚତୁର ଗଦାଧର', ଜୟକୃଷ୍ଣ ରାୟଙ୍କ 'ଆଦର୍ଶ ଗୋଇନ୍ଦା', ଯମେଶ୍ୱର ମିଶ୍ରଙ୍କ 'ୟଙ୍ଗ ଡିଟେକ୍‌ଟିଭ', କସ୍ତୁରୀ ଚରଣ ଦାସଙ୍କ 'ସି.ଆଇ.ଡ଼ି' ଆଦି ଉପନ୍ୟାସ ଅନ୍ୟତମ ।

ଗୋବିନ୍ଦ ତ୍ରିପାଠୀଙ୍କ 'ଗୋଇନ୍ଦା ଗଦାଧର' ଓ 'ଚତୁର ଗଦାଧର' ଦୁଇଟି ପର୍ଯ୍ୟାୟକ୍ରମିକ ଉପନ୍ୟାସହୋଇଥିବାରୁ ଏଥିରେ ଅନୁସନ୍ଧାନକାରୀ ଗଦାଧର ଚରିତ୍ରସ୍ଥିର ।ଚୋରୀ ଓ ହତ୍ୟାକୁକେନ୍ଦ୍ରକରି କଥାବସ୍ତୁ ପରିକଳ୍ପିତହୋଇଥିଲେହେଁ ଗଦାଧରଙ୍କକଳ୍ପନା ପ୍ରବଣତା ଓ ଆନୁମାନିକତା ବେଶ୍‌ଚକ୍‌କୃତକରେ ।ତେଣୁତାଙ୍କ ନାମାନୁସାରେ ଉପନ୍ୟାସର ନାମକରଣଏହି ପ୍ରକାରହୋଇଛି ।

ଖ) ଅଣନାୟକ-

କେତେକ ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଗୋଇନ୍ଦା ଚରିତ୍ର ତୁଳନାରେ କୌଣସି ଦୁଃସାହାସିକ ଚରିତ୍ରର କାର୍ଯ୍ୟାବଳୀ ଓ ଦର୍ପ କଥାବସ୍ତୁର କେନ୍ଦ୍ରବିନ୍ଦୁ ହୋଇଥାଏ । ଏଥିରେ ଚରିତ୍ର ଦ୍ୱାରା କୃତକାର୍ଯ୍ୟ ଗୁଡ଼ିକ ସାମ୍ବିଧାନର ନୀୟମାବଳି ଅନୁଯାୟୀ ଅପରାଧ ପର୍ଯ୍ୟାୟଭୁକ୍ତ ହୋଇଥିଲେ ହେଁ ସମାଜରେ ସେ ପୂଜ୍ୟ । ଚୋରୀ, ଡକାୟତି ପରି କାର୍ଯ୍ୟ କରୁଥିଲେ ମଧ୍ୟ ତା ପଛରେ ସମାଜ କଲ୍ୟାଣ ପରି ଏକ ମହତ ଉଦ୍ଦେଶ୍ୟ ନିହିତ ଥିବାରୁ ସେ ଉପନ୍ୟାସରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି । ତେଣୁ ଉକ୍ତ ଚରିତ୍ରକୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଚରିତ୍ରର ନାମାନୁଯାୟୀ ଉପନ୍ୟାସର ନାମକରଣ କରିଥାନ୍ତି ଉପନ୍ୟାସକାର ।

ଓଡ଼ିଆ ସାହିତ୍ୟରେ ନାୟକ ଗୁଣ, ଧର୍ମ, କର୍ମ ଓ ସଂଜ୍ଞା ଯାହା ଆମେ ପଢ଼ିଛେ ସେହି ଦୃଷ୍ଟିକୋଣରୁ ଉପନ୍ୟାସର କଥାବସ୍ତୁରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ହେଁ ଏହି ପ୍ରକାର ଚରିତ୍ର ନାୟକ ପର୍ଯ୍ୟାୟଭୁକ୍ତ ନୁହେଁ । ପାଶ୍ଚାତ୍ୟ ସାହିତ୍ୟର ବ୍ୟାଖ୍ୟା ଅନୁଯାୟୀ ଏ ଧରଣ ଚରିତ୍ର ମୁଖ୍ୟ ଚରିତ୍ର ହୋଇଥିଲେ ହେଁ ଅଣନାୟକ ଭାବରେ ଅଲୋଚ୍ୟ । ଦ୍ୱାରିକାନାଥ ଦାସଙ୍କ 'ରବିନ୍ ସରିଜ୍'ର ପ୍ରତ୍ୟେକ ଖଣ୍ଡ, ଅକ୍ଷୟ କୁମାର ମହାନ୍ତିଙ୍କ 'ତାରଜନ ସିରିଜ୍'ର ପ୍ରତ୍ୟେକ ଖଣ୍ଡ, ଆଶୁତୋଷ ରାୟଙ୍କ 'ସୁନ୍ଦର ବନର ଦସ୍ୟୁ', ଭୂପେନ୍ ଗୋସ୍ୱାମୀଙ୍କ 'ଟାରଜନ ସିରିଜ'ର ପ୍ରତ୍ୟେକ ଖଣ୍ଡ ଆଦି ପରି ଉପନ୍ୟାସଗୁଡ଼ିକରେ ଅଣନାୟକ ନାମାନୁସାରେ ଉପନ୍ୟାସର ନାମକରଣ କରାଯାଇଛି ।

ଏ କ୍ଷେତ୍ରରେ ନାରୀ ଚରିତ୍ର ଅର୍ଥାତ୍ ଅଣନାୟିକାର ନାମାନୁସାରେ ମଧ୍ୟ ନାମକରଣ କରାଯାଇଥିବାର ନିଦର୍ଶନ ଦୁର୍ଲଭ ନୁହେଁ । ଏ କ୍ଷେତ୍ରରେ ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ମୀରାସିରିଜ'ର ପ୍ରତ୍ୟେକ ଖଣ୍ଡ, ରାଜେନ୍ଦ୍ର ବର୍ମାଙ୍କ 'ଚନ୍ଦ୍ରାସିରିଜ'ର ପ୍ରତ୍ୟେକ ଖଣ୍ଡ, ବିଜୟ କୁମାର ରଣାଙ୍କ 'ଫୁଲନ୍‌ସିରିଜ'ର ପ୍ରତ୍ୟେକ ଖଣ୍ଡର ନାମକରଣ ଅଣନାୟିକାର ନାମାନୁସାରେ ଔପନ୍ୟାସିକ ଉପନ୍ୟାସ ନାମକରଣ କରିଥିବା ଲକ୍ଷ୍ୟ କରାଯାଏ ।

'ମୀରାସିରିଜ'ରେ ଏଗାର ଖଣ୍ଡ ଉପନ୍ୟାସ ରହିଛି । ଏଥିରେ ଦସ୍ୟୁ ନାୟିକା ମୀରା ଯାବତୀୟ ଦୁଃସାହସିକ କାର୍ଯ୍ୟକରି ଗରିବ, ଦୁଃଖୀ ବା ନିସହାୟଙ୍କ ଉପକୃତ ନିମନ୍ତେ ବ୍ୟୟ କରିଥାନ୍ତି । ତେଣୁ ଉପନ୍ୟାସଗୁଡ଼ିକର ନାମକରଣ ତଦ୍ ଅନୁରୂପ ହୋଇଛି ।

ଗ) ଅଭିଯୁକ୍ତର ନାମ ଅନୁଯାୟୀ-

ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର କଥାବସ୍ତୁ ଗତି କରିବା ନିମିତ୍ତ ଲୋଡ଼ା ପଡେ଼ ଘଟଣା ଓ ଘଟଣା ଘଟାଉଥିବା ଚରିତ୍ର । ଦୁର୍ଘଟଣା ଘଟିବା ପରଠାରୁ କଥାବସ୍ତୁରେ ସମାଧାନ, ଗ୍ରନ୍ଥିମୋଚନ ପର୍ଯ୍ୟନ୍ତ ଅପରାଧୀ ବା ମୁଖ୍ୟ ଅଭିଯୁକ୍ତ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଅନ୍ୟ ଘଟଣାମାନ ଘଟାଇ ଚାଲେ । ସହକର୍ମୀ, ଚାକ୍ଷୁସ ପ୍ରମାଣ ଆଦିକୁ ନଷ୍ଟ କରିବାର ଚେଷ୍ଟା, ଅପରାଧୀ ପାଖରେ ପହଞ୍ଚିବା ପାଇଁ ସମ୍ଭାବନାର ସବୁ ରାସ୍ତା ବନ୍ଦ କରିବାର ବୌଦ୍ଧିକ ପ୍ରୟାସ କରେ । ତାହା ହିଁ ଉନ୍ମାଦକ ସୃଷ୍ଟି କରେ ପାଠକ ମନରେ । ଫଳତଃ ଅଭିଯୁକ୍ତ ଚରିତ୍ରଟି ଅଧିକ ଗ୍ରହଣୀୟ ହୋଇପଡ଼େ । ତେଣୁ କେତେକ ଉପନ୍ୟାସରେ ରହସ୍ୟ କଥାକାରମାନେ ମୁଖ୍ୟ ଅବିଯୁକ୍ତର ନାମ ଅନୁଯାୟୀ ନାମକରଣ କରିଥାନ୍ତି । ସେହିପରି କେତେକ ଉପନ୍ୟାସ ହେଲା- ବାମ ଚରଣ ମିତ୍ରଙ୍କ 'ନରଛଞ୍ଚାଣ', ଲକ୍ଷ୍ମୀପ୍ରସାଦ ଗରଡ଼ିଆଙ୍କ 'ଦସ୍ୟୁ ଟିଉସନ୍ ମାଷ୍ଟର', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ନର ରାକ୍ଷାସ', ରଘୁନାଥ ମହାନ୍ତିଙ୍କ 'ଜାପାନୀ ଡ଼ାକୁ', ମଦନ ମୋହନଙ୍କ 'ଦାନବୀ ମିସ୍‌ମାଲା', ଅଦୈତ ପ୍ରସାଦ ଦାଶଙ୍କ 'କାବୁଲି ଡ଼ାକୁ', ଅଶୁତୋଷ ରାୟଙ୍କ 'ଓରଫ ହରମାନ ସିଂ', ପ୍ରମୋଦ କିଶୋର ପଣ୍ଡାଙ୍କ 'ରାକ୍ଷାସୀ ଗ୍ରେଚନା' ଆଦି । କେତେକ କ୍ଷେତ୍ରରେ ମୁଖ୍ୟ ଅପରାଧୀ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ନିଜର ପ୍ରକୃତ ପରିଚୟ ଗୋପନ ରଖି କୌଣସି ଛଦ୍ମ ନାମରେ (ସାଂକେତିକ ଶବ୍ଦ)ର ବ୍ୟବହାର କରିଥାନ୍ତି । ସେହିପରି ଛଦ୍ମନାମ ଅନୁସାରେ ମଧ୍ୟ ଉପନ୍ୟାସର ନାମକରଣ ହୋଇଥାଏ । ବାମଚରଣ ମିତ୍ରଙ୍କ 'ନରଛଞ୍ଚାଣ' ଉପନ୍ୟାସର ମୁଖ୍ୟ ଅଭିଯୁକ୍ତର ଛଦ୍ମନାମ ହେଉଛି 'ନରଛଞ୍ଚାଣ' । ନିଜର ପ୍ରକୃତ ନାମ, ପରିଚୟ ଓ ଚେହେରାକୁ ଆବୃତ୍ତ ରଖି 'ନରଛଞ୍ଚାଣ' ନାମରେ ଜଗତରେ ପରିଚିତ ହୋଇଥିଲେ । ତେଣୁ ଉପନ୍ୟାସର ନାମକରଣ ତଦ୍ ଅନୁରୂପ ହୋଇଛି ।

ଘ) ସହଯୋଗୀ ଅଭିଯୁକ୍ତର ନାମାନୁଯାୟୀ-

କଥାବସ୍ତୁ ଘଟଣାକ୍ରମ ଦେଇ ଗତ କରିବା ନିମିତ୍ତ ମୁଖ୍ୟଚରିତ୍ର ଓ ଗୌଣ ଚରିତ୍ରଙ୍କ ଆବଶ୍ୟକତା ରହିଛି । ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସସ୍ଥ କଥାବସ୍ତୁ ଉପସ୍ଥାପନା କାଳରେ କେତେକ କ୍ଷେତ୍ରରେ କୌଣସି ସହଯୋଗୀ ଚରିତ୍ର ବା କାହାଣୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅନୁସନ୍ଧାନକାରୀର ସନ୍ଦେହ ଘେରରେ ରହୁଥିବାରୁ ଚରିତ୍ର ଅଥବା ବାରମ୍ବାର ପାଠକଙ୍କୁ ସନ୍ଦେହ ଆକର୍ଷଣ କରୁଥିବା ଚରିତ୍ର ସ୍ମରଣୀୟ ହୋଇଯାଏ । ଏପରି କ୍ଷେତ୍ରରେ ଔପନ୍ୟାସିକ ନାମକରଣ କ୍ଷେତ୍ରରେ ଦୁଃସାହସିକତା ପ୍ରଦର୍ଶନ କରି ଉକ୍ତ ସହଯୋଗୀ ଚରିତ୍ରର ନାମ ଅନୁସାରେ ଉପନ୍ୟାସର ନାମକରଣ କରିଥାନ୍ତି । ଯେପରି- କସ୍ତୁରୀ ଚରଣ ଦାସଙ୍କ 'ମିସ୍ ଅଳକାନନ୍ଦା', 'ନିଶିଗନ୍ଧା', 'ବିଚିତ୍ର ବର୍ଣ୍ଣନା' ଗୁଇନ୍ଦା ସାହେବଙ୍କ 'ବ୍ରାଞ୍ଚ ମ୍ୟାନେଜର', ଅକ୍ଷୟ କୁମାର ମହାନ୍ତିଙ୍କ 'ନିଲୋଫରହଜାରିକା', ପ୍ରମୋଦ କିଶୋର ପଣ୍ଡାଙ୍କ 'ଚୀନା ସୁନ୍ଦରୀ ସାନି', ଗିରିଧାରୀ ମହାରଣାଙ୍କ 'ବିଉଟି କୁଇନ୍' ଆଦି ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ଗୁଡ଼ିକରେ ସହଯୋଗୀ ଅଭିଯୁକ୍ତର ନାମକୁ କେନ୍ଦ୍ରକରି ନାମକରଣ କରାଯାଇଛି ।

କେତେକ କ୍ଷେତ୍ରରେ ସହଯୋଗୀ ଅଭିଯୁକ୍ତ ଚରିତ୍ର ହୋଇନଥିଲେ ମଧ୍ୟ ଅପରାଧୀର ଷଡ଼ଯନ୍ତ୍ରର ଅଂଶ ବା ଲକ୍ଷ୍ୟ ହୋଇଥାଏ । ଅଥବା କୌଣସି ଅପରାଧର ଅଜ୍ଞାତ ସାକ୍ଷୀ ହୋଇଥାଏ । ମାତ୍ର କଥାବସ୍ତୁରେ ଅଧିକାଂଶ ଥର ପାଠକ ସମ୍ମୁଖୀକୃତ ହେବା ଦ୍ୱାରା ମୁଖ୍ୟଚରିତ୍ର ଅପେକ୍ଷା ଉକ୍ତ ଗୌଣ ଚରିତ୍ରଟି ସଂଶୟ ଓ ସନ୍ଦେହର କେନ୍ଦ୍ର ପାଲଟିଯାଏ । ତେଣୁ ଉପନ୍ୟାସର ନାମକରଣ ଉକ୍ତ ଗୌଣଚରିତ୍ର ଅନୁଯାୟୀ କରାଗଲେ ମଧ୍ୟ ତାହା ପାଠକକୁ ଯଥାର୍ଥ ମନେହୁଏ ।

୪) ଘଟଣା ଅନୁଯାୟୀ-

ସାଧାରଣତଃ ଘଟଣା ପ୍ରଧାନ ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସଗୁଡ଼ିକରେ ଘଟଣାକୁ କେନ୍ଦ୍ରକରି ଔପନ୍ୟାସିକ ଉପନ୍ୟାସର ନାମକରଣ କରିଥାନ୍ତି । ଏଥିରେ ଉପନ୍ୟାସସ୍ଥ କଥାବସ୍ତୁର ଆମୂଳଚୂଳ ଗତିଶୀଳତା ଏକ ନିର୍ଦ୍ଦିଷ୍ଟ ଘଟଣା ବା ଅଘଟଣକୁ କେନ୍ଦ୍ର କରିଥାଏ । ଏଥିରେ ଚରିତ୍ର ତୁଳନାରେ ଘଟଣା ବା ଘାଟନିକ ରହସ୍ୟ ଅଧିକ ମହତ୍ତ୍ୱ ଲାଭ କରିଥାଏ । ତେଣୁ ଘଟଣା ଅନୁଯାୟୀ ଉପନ୍ୟାସର ନାମକରଣ କରାଯାଇଥାଏ । ଯେପରି- ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ଶ୍ମଶାନରେ ନରହତ୍ୟା', ଜୟକୃଷ୍ଣ ରାୟଙ୍କ 'ମାଡ୍ରାସ ମେଲ୍‌ରେ ଖୁନ୍', ଗୋବିନ୍ଦ ଗୋପାଳ ଦାସଙ୍କ 'ଖୁନିର ପ୍ରତିଶୋଧ', ଆଶୁତୋଷ ରାୟଙ୍କ 'ମୌନ ପାହାଡ଼ର ବିଭୀଷିକା', ଭୂପେନ ଗୋସ୍ୱାମୀଙ୍କ 'ଆତ୍ମହତ୍ୟା', ଗିରିଧାରୀ ମହାରଣାଙ୍କ 'ଅନ୍ଧକାରର ଆଗନ୍ତୁକ', 'ନିଖୋଜ ସ୍ୱପ୍ନା', ପଦ୍ମଚରଣ ମିଶ୍ରଙ୍କ 'ରଞ୍ଜନାର ହତ୍ୟା', ଅମଳା କରଙ୍କ 'ଉପତ୍ୟାକାର ଆତଙ୍କ' ଆଦି ଉପନ୍ୟାସର ନାମକରଣ ଏହି ଧରଣର ।

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ କୌଣସି ସଂଖ୍ୟାକୁ ନେଇ କରାଯାଇଥିବାର ନଜିର ହୁଏ । ଏହି ସଂଖ୍ୟା ରୁମ୍ ନଂ., ଲକର ନଂ, ବେଡ଼ ନଂ, ଶବ ସଂଗ୍ରହାଳୟର ଷ୍ଟାକ ନମ୍ବର, ତାସକାର୍ଡ଼ର ନମ୍ବରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ଉପନ୍ୟାସସ୍ଥ କଥାବସ୍ତୁ ମଧ୍ୟରେ । ଏହାଦ୍ୱାରା ମୁଖ୍ୟ ଅଭିଯୁକ୍ତ ନିକଟରେ ପହଞ୍ଚିପାରେ ଅନୁସନ୍ଧାନକାରୀ । ତେଣୁ ନାମକରଣରେ ସ୍ୱତନ୍ତ୍ରତା ତଥା ଉକ୍ତ ସଂଖ୍ୟାକୁ ହାଇଲାଇଟ୍ କରାଯିବା ଉଦ୍ଦେଶ୍ୟରେ ଔପନ୍ୟାସିକ ଉକ୍ତ ସଂଖ୍ୟା ଅନୁଯାୟୀ ନାମକରଣ କରିଥିବାର ଦେଖାଯାଏ । ଯେପରି- ରତ୍ନାକର ନାୟକଙ୍କ 'ନାଇଣ୍ଟିଟୁ', କସ୍ତୁରୀ ଚରଣ ଦାସଙ୍କ '୩୦୩ ରିଭାଲଭାର', 'ଏକ ଦୁଇତିନ', ମୃତ୍ୟୁଞ୍ଜୟ ମିଶ୍ରଙ୍କ 'ଗୋଲଡ଼ ମେଡ଼ାଲ୍ ୦୦୯', ଗିରିଧାରୀ ମହାରଣାଙ୍କ 'ଲକର ୭୧୭', କୁମାରୀ ସବର୍ଣ୍ଣଙ୍କ 'ଫର ଫ୍ଲାଟ', ପ୍ରମୋଦ କିଶୋର ପଣ୍ଡାଙ୍କ 'ରବର୍ଟ ଏଇଟ ୱାନ', କିଶାନ ପଟ୍ଟନାୟକଙ୍କ 'ଡବଲ ଜିରୋ', ବି. ଏନ୍. ଶ୍ରୀକାନ୍ତ ପଟ୍ଟନାୟକଙ୍କ 'ସ୍ମଗଲିଂଏଜେଣ୍ଟ ବାରଶହ ତିନି' ଆଦି ଉପନ୍ୟାସଗୁଡ଼ିକଏହି ପର୍ଯ୍ୟାୟଭୁକ୍ତ ।

ନାମକରଣ ହିଁ ଉକ୍ତ ସଂଖ୍ୟାର ଉପନ୍ୟାସ ବର୍ଣ୍ଣିତ ହତ୍ୟା ବା ଅପରାଧ ରହସ୍ୟ ସହ ସଂପୃକ୍ତ ବ୍ୟକ୍ତି ହୋଇଥାଏ । ଯଦ୍ୱାରା ପାଠକ ମନରେ ଅଧିକ ବ୍ୟଗ୍ରହତା ଫୁଟିଉଠେ ଅନୁସନ୍ଧାନକାରୀର କ୍ରିୟା ପ୍ରକ୍ରିୟା ଓ ଅପରାଧୀକୁ ଖୋଜି ବାହାର କରିବା ଭିତରର କଥାବସ୍ତୁ ଜାଣିବା ପାଇଁ ।

୬) ସାଂକେତିକ ନାମକରଣ-

ଓଡ଼ିଆ ସାହିତ୍ୟରେ ଅନ୍ୟାନ୍ୟ ଉପନ୍ୟାସ ତୁଳନାରେ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ କ୍ଷେତ୍ରରେ ସାଂକେତିକ ନାମକରଣର ସୁଯୋଗ ରହିଥାଏ । ଏଥିରେ କଥାବସ୍ତୁ ଏପରି ଗତି କରିଥାଏ ଯେ, ଅପରାଧୀର କାର୍ଯ୍ୟଧାରା ଅନୁମୋଦିତ ସଂକେତ ବାରମ୍ବାର ପ୍ରାପ୍ତ ହୋଇଥାଏ । ନିଜର ବୌଦ୍ଧିକତା ଓ ପରାକାଷ୍ଠାକୁ ବ୍ୟକ୍ତ କରିବା ପାଇଁ ଯେପରି ଅନୁସନ୍ଧାନକାରୀକୁ ଅପରାଧୀ ଚ୍ୟାଲେଞ୍ଜ ଦିଏ । ମାତ୍ର ନାମକରଣ କ୍ଷେତ୍ରରେ ଏ ଧରଣର ନାମ ବିଷୟବସ୍ତୁ ପଠନ ପୂର୍ବରୁ ହିଁ ଏକ ଚେତାବନୀ ବା ସତର୍କ ବାର୍ତ୍ତା ପରି ମନେହୁଏ । ରହସ୍ୟ ଉପନ୍ୟାସର ନାମକରଣ ପଠନ ମାତ୍ରେ ହିଁ ମନେହୁଏ ଯେପରି କିଛି ଗୋଟେ ଅଘଟଣ ଘଟିବାର ଅଛି । କୌଣସି ଘଟଣା ଅପରାଧ ବା ଅନ୍ୟ କୌଣସି ଏକ ଜଟିଳ ପରିସ୍ଥିତି ଘଟିବା ଅପେକ୍ଷାରେ ରହିଛି । ସେହି ଧରଣର ଉପନ୍ୟାସ ମଧ୍ୟରୁ- ଚନ୍ଦ୍ରମଣି ଦାସଙ୍କ 'ନରବଳି' କକ୍ଷ୍ମୀ ନାରାୟଣ ମହାନ୍ତିଙ୍କ 'ହରଣଚାଲ', କସ୍ତୁରୀ ଚରଣ ଦାସଙ୍କ 'ରକ୍ତ ତାଣ୍ଡବ', ଆଶୁତୋଷ ରାୟଙ୍କ 'ମୃତ୍ୟୁର ଡାକ', ମଦନ ମୋହନ ପଣ୍ଡାଙ୍କ 'ସପ୍ତର୍ଷିମଣ୍ଡଳରେ ବିଭ୍ରାଟ', ଗିରିଧାରୀ ମହାରଣାଙ୍କ 'ସତର୍କଘଣ୍ଟି', 'ସତର୍କ ପ୍ରହରୀ', ପରି ସତର୍କସିରିଜ ଅନ୍ୟ ଖଣ୍ଡଗୁଡ଼ିକ, ଭୂପେନ ଗୋସ୍ୱାମୀଙ୍କ 'ମାୟାଚକ୍ର', ରମେଶ ଚନ୍ଦ୍ର ମିଶ୍ରଙ୍କ 'ମୃତ୍ୟୁମଣ୍ଡପ' ଆଦି ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ଅନ୍ୟତମ ।

ଏହି ଧରଣର ନାମକରଣ ବିଶିଷ୍ଟ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ ହିଁ ଏକ ସ୍ପଷ୍ଟ ଇଙ୍ଗିତ ରହିଥାଏ କଥାବସ୍ତୁ ମଧ୍ୟରେ ଘଟିଥିବା ବା ଘଟିବାକୁ ଯାଉଥିବା କୌଣସି ଅଘଟଣ, ବା ଅପରାଧ ଉଦ୍ଦେଶ୍ୟରେ । ଏ ଧରଣର ନାମକରଣ ଦ୍ୱାରା ସ୍ପଷ୍ଟ ଅସ୍ପଷ୍ଟର ଏକ ମାୟାଘେରା ଚିତ୍ରପଟ୍ଟ ସୃଷ୍ଟି ହୁଏ । ଯାହା ଉତ୍କଣ୍ଠା ଓ ଦ୍ୱନ୍ଦ୍ୱ ଜନ୍ମାଏ ଏବଂ ପ୍ରବାହିତ ହୋଇଚାଲେ କଥାବସ୍ତୁର ତାଳେତାଳେ ପରିସମାପ୍ତି ପର୍ଯ୍ୟନ୍ତ ।

୭) ଇଂରାଜୀ ନାମକରଣ-

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ରଚନାର ଧାରା ଯେ ପାଶ୍ଚାତ୍ୟ ସଂଶ୍ରବଣ ହେତୁ ଉଦ୍‌ଭୁତ । ଏକଥା ସମସ୍ତଙ୍କୁ ଜଣା । ପାଶ୍ଚାତ୍ୟ ସାହିତ୍ୟରେ ରହସ୍ୟ ଉପନ୍ୟାସର ସୁବର୍ଣ୍ଣ ଯୁଗ କାଳରେ ଓଡ଼ିଆ ସାହିତ୍ୟରେ ତାହାର ଜନ୍ମ । ତେବେ ପାଠକୀୟ ରୁଚି କରାଇବା ପାଇଁ ଓ ପାଶ୍ଚତ୍ୟ ସମକକ୍ଷ ଉପନ୍ୟାସ ରଚନା କରିବାର ଚେଷ୍ଟା ଫଳରେ ଉପନ୍ୟାସର ନାମକରଣରେ ତାର ପ୍ରଭାବ ସ୍ପଷ୍ଟ ଦେଖିବାକୁ ମିଳେ । ତେଣୁ ଓଡ଼ିଆ ରହସ୍ୟ ଉପନ୍ୟାସକାରଙ୍କ ନାମକରଣ ପାଶ୍ଚତ୍ୟ ସାହିତ୍ୟ ପରି ଇଂରାଜୀରେ ହୋଇଛି । ଯେପରି- ବାସୁଦେବ ତ୍ରିପାଠୀଙ୍କ 'ବ୍ଲାଙ୍କ ଫାୟାର', ଯମେଶ୍ୱର ମିଶ୍ରଙ୍କ 'ଷ୍ଟ୍ରେଞ୍ଜ 'ଟୋଗ୍ରାଫର', ସୁରେନ୍ଦ୍ର ଚୌଧୁରୀଙ୍କ 'ଡେଞ୍ଜର ସିଗନାଲ୍', କୃଷ୍ଣଚନ୍ଦ୍ର ମହାନ୍ତିଙ୍କ 'ଗୁଡ଼ବାୟ', ସଚ୍ଚିଦାନନ୍ଦ କରଙ୍କ 'ବ୍ଲାକ ମାର୍କେଟ', ମଦନ ମୋହନଙ୍କ 'ବ୍ଲଡ ଆକ୍ଟର', ପ୍ରଫୁଲ୍ଲ କୁମାର ନନ୍ଦଙ୍କ 'ଷ୍ଟ୍ରେଞ୍ଜଗାର୍ଲ', ବସନ୍ତ କୁମାର ପଟ୍ଟନାୟକଙ୍କ 'ଡେଡ୍‌ବଡ଼ି', ଭୂପେନ ପଣ୍ଡାଙ୍କ 'ଡକ୍ଟର ଏକ୍ସ', ବୃନ୍ଦାବନ ମିଶ୍ରଙ୍କ 'ଦୋ ସୁଟ', ପି. ଦେବେନ୍ଦ୍ର ନାଥଙ୍କ 'ହାର୍ଟଫେଲ', ଗୌରାଙ୍ଗ ଅଧିକାରୀଙ୍କ 'ଆଡଭାନସ୍ ଲେଡି', ପ୍ରମୋଦ କିଶୋର ପଣ୍ଡାଙ୍କ 'ମର୍ଡର ଇନ୍ ହ୍ୟାଣ୍ଡ', 'କ୍ରାଇମି କିଙ୍ଗ', 'ଦର୍ମଜି ମିଷ୍ଟ୍ରି', 'ଅପରେସନ୍ ଡେଥ' ଆଦି ପରି ଉପନ୍ୟାସର ନାମକୁ ଦେଖିଲେ ଏହା ଯେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବତାହା ସ୍ପଷ୍ଟ ବୁଝାପଡ଼େ ।

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ରଚନାକାରମାନେ ଏହି ଧାରାକୁ ଅଧିକ ପରିପୁଷ୍ଟ, ପାଠକ ଗ୍ରାହ୍ୟ ଓ ବିଶ୍ୱ ସାହିତ୍ୟ

ଉନ୍ମୁଖ କରାଇବା ଉଦ୍ଦେଶ୍ୟରେ କରିଥିବା ଉଦ୍ୟମ ହେତୁ ଖୁବ ଅଳ୍ପକାଳ ମଧ୍ୟରେ ଏହି ଧାରାର ଉପନ୍ୟାସ ଅନେକ ପ୍ରସିଦ୍ଧି ଓ ଲୋକପ୍ରିୟତା ସାଉଁଟି ପାରିଛି ।

୮) ପ୍ରଶ୍ନସୂଚକ ନାମକରଣ-

ନାମକରଣରେ ସ୍ୱାତନ୍ତ୍ର୍ୟ ଏକ ଆକର୍ଷଣ ସୃଷ୍ଟିକରେ ଅନ୍ତସ୍ଥ କଥାବସ୍ତୁ ଜାଣିବା ପାଇଁ । ତେଣୁ ନାମକରଣରେ ସ୍ୱତନ୍ତ୍ରତା ଓ ପାଠକକୁ ଜିଜ୍ଞାସୁ କରାଇବା ଉଦ୍ଦେଶ୍ୟରେ ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ ପ୍ରଶ୍ନସୂଚକ କରାଯାଇଥାଏ । ଏ ପ୍ରଶ୍ନ କେବଳ କଥାବସ୍ତୁ ଅନୁସନ୍ଧାନକାରୀ ପାଇଁ ନୁହେଁ ବରଂ ଏହି ପ୍ରଶ୍ନ ଆମ ସମସ୍ତଙ୍କ ପାଇଁ । ଆମ ଚେତନାରେ ଲୁଚି ରହିଥିବା ଗୋଇନ୍ଦାପଣ ବା ଅନୁସନ୍ଧାକାରୀକୁ ଜାଗ୍ରତ କରାଇବା ପାଇଁ ଏ ପ୍ରଶ୍ନ । ତେଣୁ ଉପନ୍ୟାସ ପଠନ କାଳରେ ପାଠକ ମଧ୍ୟ ଉତ୍ତର ଖୋଜୁଥାଏ ଏକକାଳୀନ । ଆନୁମାନିକତା ଆଗତ କଥାବସ୍ତୁ ସହ ସାମ୍ୟ ରକ୍ଷାକଲେ ପାଠକ ଆନନ୍ଦ ଲାଭ କରେ । ଉଲ୍ଲସିତ ହୁଏ ନିଜର ପାରଦର୍ଶିତାରେ ।

ତେଣୁ ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଏଥିରେ ନାମକରଣ କରାଯାଇଥିବାର ନିଦର୍ଶନ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା- କାଶୀନାଥ ସାହୁଙ୍କ 'ଅଦୃଶ୍ୟ ହତ୍ୟାକାରୀ କିଏ ?', ଭୂପେନ ଗୋସ୍ୱାମୀଙ୍କ 'ସଇତାନ', ରମେଶଚନ୍ଦ୍ର ମିଶ୍ରଙ୍କ 'କିଏ ହତ୍ୟାକାରୀ' ଆଦି ।

ପ୍ରତ୍ୟେକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର କଥାବସ୍ତୁରେ ପ୍ରଶ୍ନ ଉତ୍ତରର ଲୁଚକାଳି ଖେଳ ଅନ୍ତରାଳରେ ଗତି କରୁଥିଲେ ହେଁ ଗୋଟେ ବିଶେଷ ଓ ସର୍ବସାଧାରଣ ପ୍ରଶ୍ନକୁ କେନ୍ଦ୍ରକରି ଉପନ୍ୟାସର ନାମକରଣ କରାଯାଇଥାଏ । ପରିଣତି ହିଁ ନିହାତି ଥାଏ ବା ଖୋଜି ବାହାର କରାଯାଇଥାଏ ।

୯)ଭୌତିକ ନାମକରଣ-

ଓଡ଼ିଆ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସସ୍ଥ କଥାବସ୍ତୁରେ ଚିତ୍ତଚଞ୍ଚଳ ଉଦ୍‌ବେଳନ ଅନୟନ ନିମନ୍ତେ ଭୌତିକ ଚରିତ୍ର, କ୍ରିୟାକଳାପ ବା ଏକ ଅଦୃଶ୍ୟ ସତ୍ତାର ଅବତାରଣା କରାଇଥାନ୍ତି । ତାହା ଭୂତପ୍ରେତ, ଡାହାଣି ବା କୌଣସି ଅଦୃଶ୍ୟ ଶକ୍ତି ହୋଇପାରେ । ଏପରି ମଧ୍ୟ ହୋଇଥାଏ ଯେ ଦୀର୍ଘଦିନ ଧରି ଅଦୃଶ୍ୟ ଶକ୍ତି ବା ପ୍ରେତାତ୍ମା ବୋଲି ମନେକରି ଭୟ କରାଯାଉଥିବା ଚରିତ୍ର ବାସ୍ତବରେ ଏକ ଛଦ୍ମ ବେଶଧାରୀ ଅପରାଧୀ । ଯେ ନିଜକୁ ଓ ନିଜର ପ୍ରକୃତ ପରିଚୟକୁ ଲୁଚାଇବା ପାଇଁ ଭୌତିକ କାଣ୍ଡ କରୁଥାଏ । ତେବେ ଏପରି କଥାବସ୍ତୁ ସମ୍ବଳିତ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ କେତେକ କ୍ଷେତ୍ରରେ ନାମକରଣ ମଧ୍ୟ ଭିନ୍ନ ପ୍ରକାରର ରଖାଯାଇଥାଏ । ଯେପରି- ଯମେଶ୍ୱର ମିଶ୍ରଙ୍କ 'ଭୌତିକ ରଙ୍ଗମଞ୍ଚ', ଆଶୁତୋଷ ରାୟଙ୍କ 'ପ୍ରେତାତ୍ମାର ପ୍ରତିହିଂସା', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ପ୍ରେତପୁରୀରର ଚିଠି', ଗୁଇନ୍ଦା ସାହେବଙ୍କ 'ଭୂତକୋଠୀର ତାଣ୍ଡବ', 'ମାନବପୁରୀର ଭୂତ', ଗିରିଧାରୀ ମହାରଣଙ୍କ 'ପ୍ରେତପୁରୀର ଚକ୍ରାନ୍ତ', ନାରାୟଣ ଚନ୍ଦ୍ର ଶତପଥୀଙ୍କ 'ଅତୃପ୍ତ ଆତ୍ମା', 'ପ୍ରେତର ପ୍ରତିହିଂସା', 'ପ୍ରେତ କନ୍ୟାର ଦୀର୍ଘଶ୍ୱାସ', ବଂଶୀଧର ଓଝାଙ୍କ 'ପ୍ରେତିନୀର ଶେଷ ଇଚ୍ଛା' ଆଦି ଉପନ୍ୟାସ ।

ଏହି ଧରଣର ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ କଥାବସ୍ତୁ ଗତି କରିବା ଦିଗରେ କୌଣସି ପ୍ରେତାତ୍ମାର ଭୌତିକ କ୍ରିୟାକଳାପ ବା ଅଦୃଶ୍ୟ ଏକ ଚରିତ୍ରର କାରସାଦୀ ପାଠକକୁ ବିସ୍ମିତ କରେ । ଅପରାଧ ଘଟେ ମାତ୍ର ଅପରାଧୀ ସଶରୀର ହେଲେ ଅନୁସନ୍ଧାନ ଓ ଦଣ୍ଡ ବିଧାନ ହୋଇପାରିବ । ମାତ୍ର ଅପରାଧୀ ଯେତେବେଳେ ଅଦୃଶ୍ୟ ଅଶରୀରି ହୁଏ ସେ ପରିପ୍ରେକ୍ଷୀରେ କାହାଣୀ ଅଧିକ ରୋମାଞ୍ଚକ ଓ ଭୀତସଂକୂଳ ପରିସ୍ଥିତି ଉପୁଜାଇବାରେ ସଫଳହୁଏ ।

୧୦) ଉତ୍ସମୂଳକ ନାମକରଣ-

ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସରେ ଦୁର୍ଘଟଣା ବା ଅପରାଧ ଘଟି ସାରିବା ପରେ ଦୋଷୀ ଅସଚେତନତାରେ ଛାଡ଼ି ଯାଇଥିବା ବା ଅନୁସନ୍ଧାନ ପରେ ହସ୍ତଗତ ହୋଇଥିବା ଅଥବା ଅନୁସନ୍ଧାନକାରୀ ବୌଦ୍ଧିକ ଚାତୁର୍ଯ୍ୟ ଓ ପାରଦର୍ଶିତାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ଛାଡ଼ି ଯାଇଥିବା ଉତ୍ସକୁ ଆଧାର କରି ଅପରାଧୀ ନିକଟରେ ପହଞ୍ଚିବାର ଚେଷ୍ଟା କରାଯାଏ । ତେବେ ଏହି ଛୋଟ ଛୋଟ ଉତ୍ସର ଖିଅ ଯୋଡ଼ି ମୁଖ୍ୟ ଅପରାଧୀକୁ ଆବିଷ୍କାର କରିବାର ଉଦ୍‌ବେଗ ଜନକ କାହାଣୀ ବେଶ ସୁଖପାଠ୍ୟ । କେତେକ ଉପନ୍ୟାସର କଥାବସ୍ତୁ ଏହିସବୁ ଉତ୍ସଗୁଡ଼ିକୁ ନେଇ ଅଗ୍ରଗତି କରେ ।ଏହି ଉତ୍ସ ବା ଉପାଦାନ ଗୁଡ଼ିକୁ ପରିହାର କଲେ ଉପନ୍ୟାସ ତାର ଚମତ୍କାରିତା ହରାଇ ବସିବ । କାହାଣୀରେ ଏ ଉତ୍ସଗୁଡ଼ିକ ଉପାଦାୟତା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯେପରି- କସ୍ତୁରୀ ଚରଣ ଦାସଙ୍କ 'ଲାଲସିରିଜ'ର ପ୍ରଥମ ପର୍ଯ୍ୟାୟରେ ଲାଲ୍‌ମହଲକୁ ଲକ୍ଷ୍ୟ କରାଯାଇଛି । ସେଥିରେ ଘଟିତ ସମସ୍ତ କ୍ରିୟାକୁ ପର୍ଯ୍ୟବେକ୍ଷଣ କରାଯାଇଥିବାରୁ ପ୍ରଥମ ଖଣ୍ଡର ନାମକରଣ ହୋଇଛି 'ଲାଲମହଲ' । ସେଠାରୁ ଲାଲ ପରି ବିଷୟର ସୂଚନା ମିଳିଛି । ଲାଲପରୀକୁ ଖୋଜୁ

ଖୋଜୁ ମିଳିଛି ଲାଲ ସଂକେତ । ଏହିପରି ଗୋଟିଏ ସଂକେତର ଅନୁସନ୍ଧାନ କରୁ କରୁ ଦୃଷ୍ଟିଗୋଚର ହୋଇଛି ଅନ୍ୟ ଗୋଟିଏ ସଂକେତ । ପୁଣି ତାହାକୁ କେନ୍ଦ୍ରକରି କଥାବସ୍ତୁ ଗତି କରିଛି । ପରେ ଅପରାଧୀ ଧରାପଡ଼ିଛି । ତେଣୁ ପ୍ରତ୍ୟେକ ଖଣ୍ଡରେ ଯେଉଁ ସଂକେତକୁ କଥାବସ୍ତୁ ଗତିକରିଛି ସେହି ଅନୁସାରେ ଉପନ୍ୟାସର ନାମକରଣ ସେହି ଅନୁରୂପ ହୋଇଛି । ଯଥାକ୍ରମେ – 'ଲାଲମହଲ', 'ଲାଲପରୀ', 'ଲାଲ ସଂକେତ', 'ଲାଲମୁସାଫିର', 'ଲାଲମଙ୍କଡ଼ସା', 'ଲାଲ ଫିତା', 'ଲାଲମୋହର' ପରି ନାମକରଣ ହୋଇଛି ।

ଏପରି ସ୍ଥିତିରେ ଔପନ୍ୟାସିକ କଥାବସ୍ତୁରେ ଉଲ୍ଲେଖିତ ଉସ୍ତକୁ କେନ୍ଦ୍ରକରି ଉପନ୍ୟାସର ନାମକରଣ କରିଥାନ୍ତି । ସେହି ଉସ୍ତକୁ କେନ୍ଦ୍ରକରି କଥାବସ୍ତୁର ସମଗ୍ର ଅନୁସନ୍ଧାନ କରାଯାଇଥାଏ । ସେହି ଧରଣ ଅନ୍ୟ କେତୋଟି ଉପନ୍ୟାସ ହେଉଛି– ବାସୁଦେବ ମିଶ୍ରଙ୍କ 'ତମ୍ବା ମୁଦି ରହସ୍ୟ', ଦ୍ୱାରିକାନାଥ ଦାସଙ୍କ 'ରକ୍ତ କୁସୁମ', ଭୂପେନ ଗୋସ୍ୱାମୀଙ୍କ 'ନାଗମଣି', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ଦୁଇଧାର ରକ୍ତ', ଚିନ୍ତାମଣି ଜେନାଙ୍କ 'ରକ୍ତ କଇଁ', ରମେଶ ଚନ୍ଦ୍ର ମିଶ୍ରଙ୍କ 'ରକ୍ତ କମଳ', ପ୍ରମୋଦ କିଶୋର ପଣ୍ଡାଙ୍କ 'କାଳିଗଡ଼ର କ୍ୟାପସୁଲ', 'ଡାଇମଣ୍ଡ ନେକଲେସ୍', ଭୂପେନ ଗୋସ୍ୱାମୀଙ୍କ 'ପ୍ରେମର କଙ୍କଣ', 'ବିଷାକ୍ତ ଚକଲେଟ୍', ରମେଶ ଚନ୍ଦ୍ର ମିଶ୍ରଙ୍କ 'ଲାଲ ବୁର୍ଖାର ମାଳିକ', ବିଜୟ କୁମାର ରଣାଙ୍କ 'ତୋନୋଟି ରତ୍ନ' ଆଦି ।

୧୧) ରଙ୍ଗ ଆଧାରିତ ନାମକରଣ-

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଅନ୍ୟ କେତେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ ଯାହା ବାସ୍ତବିକ ଆଲୋଚନା ଯୋଗ୍ୟ । କେତେକ ଉପନ୍ୟାସରେ ନାମକରଣ କୌଣସି ନିର୍ଦ୍ଦିଷ୍ଟ ରଙ୍ଗକୁ ନେଇ କରାଯାଇଥାଏ । କେତେକ କ୍ଷେତ୍ରରେ ଏ ରଙ୍ଗର ସଂପୃକ୍ତି ସିଧାସଳଖ କାହାଣୀ ସହ ଥାଇପାରେ ବା ନ ଥାଇପାରେ । ମାତ୍ର ପରୋକ୍ଷ ସଂପୃକ୍ତି ନିଶ୍ଚିତ ରହେ । ସାଧାରଣତଃ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଚାରି ପ୍ରକାରର ରଙ୍ଗକୁ ଆଧାରକରି ନାମକରଣ କରାଯାଇଥିବାର ଦେଖିବାକୁ ମିଳେ । ସେଗୁଡ଼ିକ ହେଲା– ଲାଲ, ନୀଳ, କଳା, ସୁବର୍ଣ୍ଣ ।

କ) ଲାଲ– ଲାଲ ରଙ୍ଗକୁ କେତେକ କ୍ଷେତ୍ରରେ ପ୍ରେମର ରଙ୍ଗ ଗ୍ରହଣ କରାଯାଏ । ମାତ୍ର ନାଟ୍ୟଶାସ୍ତ୍ର ପ୍ରଣେତା ଭରତ ମୁନିଙ୍କ ମତ ଅନୁସାରେ ରସ ଗୁଡ଼ିକର ଗୋଟିଏ ଗୋଟିଏ ବର୍ଣ୍ଣ ରହିଛି । ପ୍ରାଚ୍ୟ ସାହିତ୍ୟତତ୍ତ୍ୱରେ ରସ ପ୍ରସଂଗ ଆଲୋଚନା କାଳରେ ବର୍ଣ୍ଣଚର ବିଚାର ମଧ୍ୟ ଆସିଥାଏ । ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣ ଅନୁସାରେ ଲୋହିତ ବା ଲାଲରଙ୍ଗ ହେଉଛି ରୌଦ୍ର ରସର ପ୍ରତୀକ । ରକ୍ତ ବର୍ଣ୍ଣ ଅନେକାଂଶରେ ଦ୍ୱେଷ, ତିରସ୍କାର, କ୍ରୋଧ, ଉତ୍ତେଜନା, ଯୁଦ୍ଧ, ଲୋମହର୍ଷଣକାରୀ ସଂଘର୍ଷର ସୂଚକ ଭାବରେ ବ୍ୟବହାର କରାଯାଇଛି । ଏହାର ପ୍ରୟୋଗ ପ୍ରଗତିବାଦୀ କାଳିନ ସାହିତ୍ୟରେ ଅଧିକ ଦେଖିବାକୁ ମିଳେ । ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଅପରାଧ ପ୍ରବଣତା ଯୁକ୍ତ ଘଟଣାଗୁଡ଼ିକ କଥାବସ୍ତୁ ଆକାରରେ ବ୍ୟକ୍ତ କରାଯାଉଥିବାରୁ ହୁଏତ ରକ୍ତ ବର୍ଣ୍ଣ ଅଧିକ ଗୁରୁତ୍ୱ ଲଭିଛି । ଏହା ହୋଇପାରେ ପ୍ରଗତିବାଦୀ ସାହିତ୍ୟର ପ୍ରଭାବ । କାରଣ ଉକ୍ତ କାଳଖଣ୍ଡରେ ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ଧାରା ଲୋକପ୍ରିୟତାର ଶିଖରରେ ଥିଲା । ତେଣୁ କେତେକ ଉପନ୍ୟାସର ନାମକରଣ ଲାଲବର୍ଣ୍ଣକୁ ଆଧାର କରି କରାଯାଇଛି । ଯେପରି – ପ୍ରହଲ୍ଲାଦ ଜେନାଙ୍କ 'ଲାଲମହଲ', ରାଧାଗୋବିନ୍ଦ ପଟ୍ଟନାୟକଙ୍କ 'ଲାଲ ଦସ୍ୟୁ', ନଗେନ୍ଦ୍ରନାଥ ନନ୍ଦଙ୍କ 'ଲାଲ ସମାଧି', ରମେଶ ଚନ୍ଦ୍ର ମଲ୍ଲିକଙ୍କ 'ଲାଲବୁର୍ଖାର ମାଳିକ', ଭୂପେନ ଗୋସ୍ୱାମୀଙ୍କ 'ଲାଲ ବୁଲେଟ', ପ୍ରମୋଦ କିଶୋର ପଣ୍ଡାଙ୍କ 'ଲାଲକୋଠି', 'ଲାଲ ପୁରୀ' ଆଦି ଉପନ୍ୟାସ । ଏତଦ୍ ବ୍ୟତୀତ କସ୍ତୁରୀ ଚରଣ ଦାସଙ୍କ 'ଲାଲସିରିଜ'ର ଉପନ୍ୟାସଗୁଡ଼ିକର ନାମକରଣ ଲାଲକୁ କେନ୍ଦ୍ରକରି ହୋଇଛି ।

ଖ) ନୀଳ– ନୀଳରଙ୍ଗ ଶାନ୍ତି, ସ୍ଥିରତା, ପ୍ରେରଣାମୟୀ, ବିଶ୍ୱାସନୀୟତାର ଓ ଶୃଙ୍ଗାରିକତାର ପ୍ରତୀକ ଭାବରେ ଗ୍ରହଣ କରାଯାଉଛି । ତେବେ ପ୍ରାଚ୍ୟ ସାହିତ୍ୟତତ୍ତ୍ୱବିତ୍ ମାନଙ୍କ ମତରେ ବିଭତ୍ସ ରସର ପ୍ରତୀକ ବର୍ଣ୍ଣ ହେଉଛି ନୀଳ । ଏହାର ଅଧିଦେବତା ହେଉଛନ୍ତି ମହାକାଳ । ଗଳିତ ମଳିତ ଦୁର୍ଗନ୍ଧଯୁକ୍ତ ମାଂସ, ରକ୍ତ ଆଦି ଏହାର ଅଲମ୍ବନ ବିଭବ । ଅତେଏବ ମନରେ ଜାତ ଘୃଣାରୁ ଏହି ରସର ଉଦ୍ଭବ ଘଟିଥାଏ । ତେଣୁ ନୀଳବର୍ଣ୍ଣ ରକ୍ତାକ୍ତ, ଘୃଣା ଓ ବିଭତ୍ସତାକୁ ବ୍ୟକ୍ତ କରେ । ତେଣୁ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ବିଭତ୍ସ କାଣ୍ଡ, ହତ୍ୟା ଆଦିକୁ ଆଧାର କରି କଥାବସ୍ତୁ ରଚିତ ହେଉଥିବାରୁ କେତେକ ଉପନ୍ୟାସର ନାମକରଣ ଉକ୍ତ ବର୍ଣ୍ଣ ଅନୁସାରେ ରଖାଯାଇଛି । ତେବେ କେତେକ ଉପନ୍ୟାସସ୍ଥ କଥାବସ୍ତୁରେ ନୀଳ ଆଲୋକର ପ୍ରୟୋଗ ହତ୍ୟା କାଳରେ ବା ଏକ ବିଶେଷ ସମୟରେ ପ୍ରୟୋଗ ହୋଇଥିବାର ଦେଖାଯାଏ । ତେଣୁ ମଧ୍ୟ ନାମକରଣ ଉକ୍ତ ବର୍ଣ୍ଣ ଅନୁଯାୟୀ ହୋଇଥାଏ । ଯେପରି– କସ୍ତୁରୀଚରଣ ଦାସଙ୍କ 'ନୀଳ ନୀଳୟ', ଜଗନ୍ନାଥ ରଥଙ୍କ 'ନୀଳକୋଠୀରେ ବନ୍ଦୀ', ଯମେଶ୍ୱର ମିଶ୍ରଙ୍କ 'ନୀଳ ରାତିର

ଉଲ୍‌କା’, ଗୁଇନ୍ଦା ସାହେବଙ୍କ ‘ନୀଳ ଦରିଆର ଟାପୁ’, ପ୍ରମୋଦ କୁମାର ରଥଙ୍କ ‘ନୀଳ ବନରେ ଖୁନ୍’, ରମେଶ ଚନ୍ଦ୍ର ମିଶ୍ରଙ୍କ ‘ନୀଳ କଙ୍କାଳ’, ‘ନୀଳ ଆଲୋକରେ ହତ୍ୟା’, ଆଶୁତୋଷ ରାୟଙ୍କ ‘ନୀଳ ଦର୍ପଣ’, ରାଜେନ୍ଦ୍ର ବର୍ମାଙ୍କ ‘ନୀଳକୋଠୀର ସାହଜାଦୀ’, ବିଜୟ କୁମାର ରଣାଙ୍କ ‘ନୀଳ ପରୀର ମୃତ୍ୟୁ’, ‘ନୀଳବନର ନାଗୁଣୀ’ ଆଦି ଅନ୍ୟତମ ।

ଗ) କଳା– କଳାବର୍ଣ୍ଣ ଏକ ବିପରୀତ ଉର୍ଜାର ପ୍ରତୀକ । ଏହା ଭୟ, ରହସ୍ୟ, ଔପଚାରିକତା, ଆସୁରିକତା, ମୃତ୍ୟୁ ଆଦିକୁ ସୂଚିତ କରେ । କୌଣସି ଘଟଣା ଦୃଶ୍ୟ ବା ଶ୍ରାବ୍ୟ ହେବା ଦ୍ୱାରା ମନରେ ଜାତ ଭୟରୁ ଭୟାନକ ରସର ଉତ୍ପତ୍ତି ହୋଇଥାଏ । ରସବାଦୀମାନଙ୍କ ମତରେ ଭୟାନକ ରସର ଅଧିଦେବତା ହେଉଛନ୍ତି ଭୂତପ୍ରେତ । ଏହାର ବର୍ଣ୍ଣ କୃଷ୍ଣବର୍ଣ୍ଣ । ସମସ୍ତ ଅପକର୍ମ ପ୍ରାୟତଃ ଅନ୍ଧକାରରେ ହିଁ ହୋଇଥାଏ । ଏଥିପାଇଁ କୃଷ୍ଣବର୍ଣ୍ଣ ଶ୍ରବଣ ମାତ୍ରକେ ଏକ ପ୍ରତିକୂଳ ବା ଅପକର୍ମର ଆଭାସ ମିଳେ । ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଅପରାଧ ପ୍ରବଣତା ତଥା ଭୂତପ୍ରେତ ପରି ଭୌତିକ କଥାବସ୍ତୁ ସ୍ଥାନ ଅଧିକାର କରୁଥିବାରୁ କୃଷ୍ଣବର୍ଣ୍ଣ ଆଲୋଚନାର ପର୍ଯ୍ୟାୟବାଚୀ ହେବା ଅସ୍ୱାଭାବିକ ନୁହେଁ । ମାତ୍ର ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ କ୍ଷେତ୍ରରେ ମଧ୍ୟ ଉକ୍ତ ବର୍ଣ୍ଣ ଗ୍ରହଣ କରାଯାଇଥିବାର ଦେଖିବାକୁ ମିଳେ । ଯଥା– ଉପେନ୍ଦ୍ର ନାଥ ଘୋଷଙ୍କ ‘କଳାରାତିର ସର୍ଦ୍ଦାର’, ମହେଶ୍ୱର ରାଉତଙ୍କ ‘ଚମ୍ବଲର କଳାଘୋଡ଼ା’, ବିଜୟ କୁମାର ରଣାଙ୍କ ‘କଳାଘୋଡ଼ା ରହସ୍ୟ’, ଶୁସାନ୍ତ କୁମାର ମଲ୍ଲିକଙ୍କ ‘ବ୍ଲାକ ଡ୍ରାଗନ’ ଆଦି ଉପନ୍ୟାସର ନାମକରଣ ତତ୍ ପର୍ଯ୍ୟାୟବାଚୀ ।

ଘ) ସୁବର୍ଣ୍ଣ– ସାମ୍ରାଜ୍ୟ ଓ ଐଶ୍ୱର୍ଯ୍ୟର ସୂଚକ ହେଉଛି ସୁବର୍ଣ୍ଣ ରଙ୍ଗ । ଅତ୍ୟାଧିକ, ଚାକଚକ୍ୟ, ବ୍ୟର୍ଥ ଖର୍ଚ୍ଚ, ଧନାଢ୍ୟ, ଚମତ୍କାର ଓ କାଞ୍ଚନିକତାର ପରିବ୍ୟକ୍ତ କରିଥାଏ ସୁବର୍ଣ୍ଣ ରଙ୍ଗ । ଏହା ହେଉଛି ମାୟା ଓ ଛଳନାର ରଙ୍ଗ । ମାତ୍ର ପ୍ରାଚ୍ୟ ସାହିତ୍ୟତତ୍ତ୍ୱବିତ୍ ମାନଙ୍କ ମତରେ ବୀରରସର ବ୍ୟକ୍ତ ବର୍ଣ୍ଣ ହେଉଛି ସୁବର୍ଣ୍ଣରଙ୍ଗ । ଯାହାର ଅଧିବେତା ହେଉଛନ୍ତି ସ୍ୱୟଂ ଦେବରାଜ ଇନ୍ଦ୍ର । ଉତ୍ସାହ ଏହାର ସ୍ଥାୟୀ ଭାବ । ତେବେ ଏହି ମାୟାର ଶିକାର ହୋଇ ପ୍ରଲୋଭିତ ବ୍ୟକ୍ତି ଅପରାଧ କରେ । ତେଣୁ ଏପରି କଥାବସ୍ତୁକୁ ନେଇ ରଚିତ କେତେକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣରେ ଏହି ବର୍ଣ୍ଣର ପ୍ରାଧାନ୍ୟ ଦେଖିବାକୁ ମିଳେ । ଯେପରି – ରମାକାନ୍ତ ମିଶ୍ରଙ୍କ ‘ସୁନେଲି ମାୟା’, ଭୂପେନ ଗୋସ୍ୱାମୀଙ୍କ ‘ଗୋଲଡ଼େନ ପ୍ରିନସ୍’, ପ୍ରମୋଦ କିଶୋର ପଣ୍ଡାଙ୍କ ‘ଗୋଲଡ଼େନ ରକେଟ୍’, ଗିରିଧାରୀ ମହାରଣାଙ୍କ ‘ସୁବର୍ଣ୍ଣ କଙ୍କଣ’ ଆଦି ଉକ୍ତ ପର୍ଯ୍ୟାୟବାଚୀ ।

୧୨) କାବ୍ୟିକ ନାମକରଣ–

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀକେତେକ ଉପନ୍ୟାସର ନାମକରଣରେ କାବ୍ୟିକତା ପରିଲକ୍ଷିତ ହୋଇଥାଏ । ଏହା ନାମକରଣ ଦିଗରେ ସ୍ୱାତନ୍ତ୍ର ସୃଷ୍ଟି କରୁଥିବା ବେଳେ ପାରମ୍ପାରିକ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସ ନାମକରଣର ଧାରାରେ ଭିନ୍ନତା ପ୍ରଦର୍ଶନ କରେ । ନାମକରଣରେ ନିଯୁକ୍ତ ଶକ୍ତି ମଧ୍ୟରେ ପ୍ରବାହିତ ଲାଳିତ୍ୟ ଓ ଉଚ୍ଚାରିତ ବ୍ୟଞ୍ଜନ ପ୍ରତ୍ୟାଶା ହିଁ କାବ୍ୟିକତା ବ୍ୟକ୍ତକରେ । ଯାହା ଏକ କାବ୍ୟଗତ ଛାଟକୁ ବ୍ୟକ୍ତ କରେ । ଯେପରି– ରମେଶ ଚନ୍ଦ୍ର ମିଶ୍ରଙ୍କ ‘ଥରେ ହେଲେ କହିଯାଅ’, ଭୂପେନ ଗୋସ୍ୱାମୀଙ୍କ ‘ମୁଁ ମହାକାଳ, ମୁଁ ଦୁର୍ବାର’, ‘ପଳାଶ ଫୁଲର ଚିତାବାଘ’, ଆଶୁତୋଷ ରାୟଙ୍କ ‘ତିଷାର ସମାଧି ତଳେ’, ‘ଅଭିନେତ୍ରୀର ଶେଷରାତ୍ରି’, ପ୍ରମୋଦ କିଶୋର ପଣ୍ଡାଙ୍କ ‘ଜଳନ୍ତା ରାତ୍ରିର ଚଳନ୍ତା ଛାଇ’, ବିଜୟ କୁମାର ରଣାଙ୍କ ‘ଦୁଇଟି ଭିନ୍ନ ସଂଳାପ’, କୈଳାଶ ତ୍ରିପାଠୀଙ୍କ ‘ଅନ୍ଧଗଳିର ରାଜା’ ଆଦି ଏହି ଧରଣର ଉପନ୍ୟାସ । ଉପନ୍ୟାସର କଥାବସ୍ତୁ ବର୍ଣ୍ଣନାରେ କାବ୍ୟିକତା ବା ଲାଳିତ୍ୟ ନଥିଲେ ହେଁ ପାଠକୀୟ ଆକର୍ଷଣ ସୃଷ୍ଟି ନିମନ୍ତେ ହୁଏତ ଏପରି ନାମକରଣ କରାଯାଇଛି ।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ବିଶ୍ୱଭାରତୀ ଶାନ୍ତିନିକେତନ,
ପଶ୍ଚିମବଙ୍ଗ–୭୩୧୨୩୫
ଦୂରଭାଷ : ୭୦୬୪୫୧୫୭୬୪

ISSN -2583-147X (P), Vol.- 9, Issue No.III, June 2023
Bastabatara Pariprakash Prachee
Peer Reviewed and Referred Research Journal

ହୃଷୀକେଶ ମଲ୍ଲିକଙ୍କ କାବ୍ୟମାନସ: ଏକ ଆକଳନ

କନକପ୍ରଭା ମନ୍ତ୍ରୀ

ଉତ୍ତର ଅଶୀ ଓଡ଼ିଆ କବିତା ଧାରାରେ ପଲ୍ଲୀପ୍ରାଣତା, ଗ୍ରାମ୍ୟ ଭାବ ଓ ଗାଉଁଲି ଚିତ୍ରକୁ ନେଇ କବିତା ଲେଖିବାରେ ଧୂରୀଣ କବି ହୃଷୀକେଶ ମଲ୍ଲିକ । ତାଙ୍କର ପ୍ରଥମ କବିତା ସଂକଳନ 'ଧାନ ସାଉଁଟା ଝିଅ' ୧୯୮୭ ମସିହାରେ ପ୍ରକାଶିତ । ଏହି କବିତା ସଂକଳନ ପାଇଁ କବି ବହୁଚର୍ଚ୍ଚିତ ହୋଇଛନ୍ତି । ଧାନ ସାଉଁଟା ଝିଅ ଆଣି ଦେଇଛି ହୃଷୀକେଶଙ୍କୁ ଏକ ସ୍ୱତନ୍ତ୍ର କବିର ପରିଚୟ । ପ୍ରଥମ କବିତା ସଂକଳନ ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ୧୯୮୮ ମସିହାରେ ପୁରସ୍କୃତ ହୋଇଛନ୍ତି । ୨୦୨୧ ମସିହାରେ 'ସରି ଯାଇଥିବା ଅପେରା' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ହୃଷୀକେଶଙ୍କ ସୃଜନ କଳାର ନାନ୍ଦନିକତା ଓ ଗମ୍ଭୀରତାକୁ ଆକଳନ କରିବାକୁ ହେଲେ ତାଙ୍କ ଭାବନାର ଚେତନା ଗହ୍ୱରକୁ ଯାଇ ଜୀବନ ଦୃଷ୍ଟି ଓ କାବ୍ୟବୋଧର ସାମ୍ନାସାମ୍ନି ହେବାକୁ ପଡ଼ିବ । ନିଜ ଗାଁ, ମାଟି, ପାଣି, ପବନ, ଧାନକ୍ଷେତ, ବରଗଛ ଓ ବୋଉକୁ ତଥା ତାଙ୍କ ସୁନେଲି ସ୍ୱପ୍ନକୁ ସାଇତି ରଖନ୍ତି ତାଙ୍କ କବିତାରେ ହୃଷୀକେଶ ଜୀବନକୁ ଭଲପାଇବା ସହ ପ୍ରକୃତିର ଗୁଣଗାନ କରି ମାନବ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେମକୁ ଉପସ୍ଥାପନ କରିଛନ୍ତି ।

କବି ହୃଷୀକେଶ ମଲ୍ଲିକଙ୍କ କବିତା ମାଟି ଓ ମଣିଷର କଥା କହୁ କହୁ, ଉଜୁଡ଼ା କ୍ଷେତର ଗୀତରେ ଆଖିରୁ ଲୁହ ଝରାଏ, କୁହେ ଜୀବନର ଅସହାୟତା, ନିଃସଙ୍ଗତା କବିଙ୍କ କାବ୍ୟଯାତ୍ରାରେ ସାରସ୍ୱତ ସାଧନାର ମାଇଲଖୁଣ୍ଟ ପରି ମନେ ହେଉଥିବା କବିତା ସଂକଳନଗୁଡ଼ିକ ହେଲା ଧାନ ସାଉଁଟା ଝିଅ (୧୯୮୭), ଉଜୁଡ଼ା କ୍ଷେତର ଗୀତ (୧୯୯୧), ଘଟ ଆକାଶ (୧୯୯୮), ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ (୨୦୦୩), ଧର୍ମପତ୍ନୀ (୨୦୦୦), ଜୀବନ ନାମା (୨୦୦୦), ବସୁକ୍ଷେଣ (୨୦୦୬), ଜେଜେ ଦେଖି ନଥିବା ଭାରତ (୨୦୧୫), ରେବତୀ (୨୦୧୬) ଓ ସରିଯାଇଥିବା ଅପେରା (୨୦୨୧) । ଏ ସମସ୍ତ ସଂକଳନ ତାଙ୍କ କାବ୍ୟ ଜୀବନକୁ ବେଶ୍ ଆଗକୁ ନେଇଯାଇ ପାରିଛି ।

ଗାଉଁଲି ମଣିଷର ଭାଷା କ୍ରମଶଃ ଲୋପପାଇ ଯାଇଥିବାକୁ ଅନୁଭବ କରି କବି ହୃଷୀକେଶ ଓଡ଼ିଆ କବିତାରେ ସାମିଲ କରିଛନ୍ତି ଗାଉଁଲି ମଣିଷର ଭାଷାକୁ ଯାହାକି ଆଧୁନିକ ଓଡ଼ିଆ କବିତାରେ ଶବ୍ଦ, ଭାବ ଓ ଶୈଳୀରେ ନୂଆ ଚମକ ଆଣି ଦେଇଛି । ଯାହାକି ପାଠକ ପ୍ରାଣକୁ ବିମୁଗ୍ଧ କରିଛି । ଉତ୍ତର ଅଶୀ ଓଡ଼ିଆ କାବ୍ୟଧାରାରେ ଏହି ନୂଆ ପ୍ରୟାସ କବିଙ୍କ ସ୍ୱତନ୍ତ୍ର ପ୍ରୟାସ ବୋଲି ଦେଖାଯାଏ । ଏହାର ଉଦାହରଣର ନିଚ୍ଛକ ରୂପ 'ଧାନ-ସାଉଁଟା-ଝିଅ' ଏହି କବିତା ସଂକଳନ ପ୍ରାୟ ସମସ୍ତ କବିତାର ମାନ ଗାଉଁଲି ଶବ୍ଦ, ଯଥା 'ଝିଅ ଓ ଛେଳି ଗୋଠ', ନଈତୁଠ, ଧାନବିଲ, ଗୋଟିଏ ଗାଁର ଦୃଶ୍ୟ ଇତ୍ୟାଦି କବିତାରେ ଗାଉଁଲି ଶବ୍ଦର ବ୍ୟବହାର ପ୍ରାୟତଃ ଦେଖିବାକୁ ମିଳେ । 'ଧାନ ସାଉଁଟା ଝିଅ' କବିତାରେ ସେ ଝିଅର ଜୀବନଚର୍ଯ୍ୟା ଭିତରେ ଉକୁଟି ଉଠୁଥିବା ରୂପ, ଗୁଣ ଓ ଭାବର ପରିପ୍ରକାଶ ଦେଖିବାକୁ ମିଳେ ଗାଉଁଲି ଶବ୍ଦଙ୍କ ମୁଗ୍ଧ ଋହାଣି ମଧ୍ୟରେ । କବିଙ୍କ ଭାଷାରେ-

"ଦିନ ଦି'ଘଡ଼ି ବେଳକୁ, ଝିଅଟି
ବଡ଼ି ଛେଉ ଫୁଟେ, ଧଣିଆ ପତର ଚଟଣି ଟିକେ
ଘେନି, ପଖାଳ ଥରେ ପାଟିକି ନିଏ
ବିଲ ପିନ୍ଧା ଶାଢ଼ି ଖଣ୍ଡିକ ବଢ଼େଇ
ବେତ ପାଛିଆଟି ମୁଣ୍ଡରେ ଥୁଏ ।
ବେଲଗଛ ଅଗରେ ନାଖିଥିବ ।
ବୁଢ଼ୀଆ ଜହ୍ନଟେ ପରି
ତା'ଓଠରେ ଉଏଁ, ସରୁ କାଚିଆ ହସଟିଏ ।"

(ଧାନ ସାଉଁଟା ଝିଅ)

'ଧାନ ସାଉଁଟା ଝିଅ' ସଂକଳନରେ କେବଳ ପଲ୍ଲିଚେତନା ବା ଗ୍ରାମ୍ୟଦୃଶ୍ୟପଟର ଛିଟା ଦେଖିବାକୁ ମିଳିବା ସହିତ ମା'ର ସ୍ନେହକୁ ଆଦରକୁ ମାର ଅନୁପସ୍ଥିତରେ ପୁତ୍ର କିପରି ଝୁରିହୁଏ ତା'ର ଚିତ୍ର ଏହି କବିତା ମାଧ୍ୟମରେ ଯାହା 'ବୋଉ ପାଇଁ' କବିତାରେ ଦେଖିବାକୁ ମିଳେ:-

"ଗଢିପାରିବ, ଗଢିପାରିବ ମୋ ବୋଉ ପରି ବୋଉଟିଏ
ଦେ'ଦେ ବୋଲି କହିବନି, ଖାସ ଦେଉଥିବ ।
ଯା'ଯା' ବୋଲି କହିବନି, ଖାସ୍ ଡାକୁଥିବ

x x x

ତମେ କୁଆଡୁ ବୁଝନ୍ତ ଯେ, କାହିଁକି ମୁଁ
ରାତି ରାତି, ଗାଁ ମୁଣ୍ଡରେ ଖାଂକାରିଆ ପୋଲ ଉପରେ
ଗୁମ୍ ମାରି ବସେ । କାହିଁକି ମୁଁ ରୁଢ ଚଢେଇ
ନୁଖୁରା ମୁଣ୍ଡରେ ବୁଲୁଥାଏ ॥"

ମା'ର ଅନାବିଳ ଭଲପାଇବାକୁ ମନେପକାଇ କବି ବିଳାପ କରନ୍ତି 'ବୋଉ ପାଇଁ' କବିତାରେ, 'ଉଜୁଡା କ୍ଷେତର ଗୀତ' ସଂକଳନଟି କବିଙ୍କର ଏକ ସୁନ୍ଦର କବିତା, ଯାହାକି ଏକ ରାତିରେ ଗୋଟିଏ କ୍ଷେତ ନଷ୍ଟ ହୋଇଛି । ଯାହାର ପାଚିଲା ପୁରନ୍ତା କ୍ଷେତ, ଭାତହାଣ୍ଡି ଆଉ ନାହିଁ । କ୍ଷେତକରି, ଗାଁର ସାଆନ୍ତଙ୍କ ଆଗରେ ଗୁହାରି କରିଛି ସେ ଆଶା କରିଥିଲା ଆଳୁ, କଖାରୁ, କାକୁଡି, କଲରା, ନାଉ ଆଦିରେ ଏ ବର୍ଷ ତା କ୍ଷେତ ପୂରି ଉଠିବ । ସେହି ବର୍ଷର ବାକି ଖଜଣାର ତାଗିଦା ପାଇ ସାରିଛି । ଅଥଚ ତାର ଆଶା ଚୁର୍‌ମାର୍ ହୋଇଗଲା ।ଏମିତି ଅନେକ କିଛି ଘଟେ ଗାଁ ଗଣ୍ଡାରେ- ଅକସ୍ମାତ ଅଋନକ ଋଷୀର ଭାଗ୍ୟ କ୍ଷେତର ମାଟିରେ ସତେ ଅବା ପୋତି ହୋଇଯାଏ । ଯେପରି ତାର ଭାଗ୍ୟଚକ୍ର କୁମ୍ଭାରଚକ ପରି ଘୂରି ବୁଲୁଚି ଅହରହ । ତାରି ମଧ୍ୟରେ ମଣିଷକୁ ବଂଚିବାକୁ ହେବ, ସୁଖଦୁଃଖକୁ ଫେଣ୍ଟାଫେଣ୍ଟି କରି । ଏଇ ଅସରା ଅସରା ଅଶ୍ରୁ ସବୁ ତା'ର ନିଜସ୍ୱ ଅନୁଭୂତି- ଯେଉଁଥିରେ ମଣିଷମାନେ ବାରମ୍ବାର ଜାରିତ ହୋଇଥାନ୍ତି- ଜନ୍ମରୁ ମୃତ୍ୟୁ ଯାଏ । ଜନ୍ମ କଲା ମା'ପରି ଧରିତ୍ରୀ ମାଆକୁ କାବ୍ୟନାୟକ ତେଣୁ ନିବେଦନ କରି କୁହନ୍ତି-

"ଏକା ତୁଇ ସିନା ମୋତେ, ବୁଝିବୁ, ଏକା ତୁଇ
ଯେତେ ଥର ନହୁନୁହାଣ ହୋଇ ଓଠ ଶୁଖେଇ
ଫେରିଚି ତୋ କୋଳକୁ ।
ସେତେଥର ତୁ ଋଟି ନେଇଛୁ ମୋ କ୍ଷେତକୁ
ନୂଆଁଇ ଦେଇଚୁ ତୋ'ଆକାଶ ଛୁଆଁ ଡାଳ
ନେନ୍ତୁ ନେନ୍ତୁ ଫଳ ।"

'ଘଟ ଆକାଶ' କବି ହୃଷୀକେଶ ମଲ୍ଲିକଙ୍କ ତୃତୀୟ କବିତା ସଂକଳନ । ଏହି କବିତାଟି ଦାର୍ଶନିକ ଚିନ୍ତାଧାରାରେ ପରିପୂର୍ଣ୍ଣ । ଗଭୀର ଆଧ୍ୟାତ୍ମିକ ଦର୍ଶନର ପ୍ରତୀକାତ୍ମକ ଅଭିବ୍ୟକ୍ତିର ନିଦର୍ଶନ 'ଘଟ ଆକାଶ' । ତେଣୁ ଘଟ ଆକାଶର ରୂପକ ପ୍ରଭାବଶାଳୀ ଦାର୍ଶନିକ ପ୍ରତୀକକୁ ନିଜ ଅତ୍ୟାଧୁନିକ ବା ତଥାକଥିତ ଆଧୁନିକୋତ୍ତର କବିତାଗୁଚ୍ଛର ଶୀର୍ଷକ ଭାବରେ ଆରୋପ କରିଛନ୍ତି କବି ।

"ଏ ଘର, ସେ ଘର ନୁହେଁ
ନୀଳ ନିଷ୍ପ୍ରଭ ଆଲୁଅଯା'ର
ହାତ ଠାରି ଡାକୁଥିଲା ବନେ
ଆ'ଆ'... ସୁନା ଦାଂତ ଲଗା ବଣିକକୁ ।"

(ରଚନା ଦଶଦଣ୍ଡ ଗଲା)

'ଗାଁ ବର' କବିତାର ପ୍ରକୃତି, ପରିବେଶ, ଲୋକବିଶ୍ୱାସ, ସୌନ୍ଦର୍ଯ୍ୟ, ଦର୍ଶନ ଓ ଭୌତିକ, ଅତି ଭୌତିକତାର ଜଟିଳ ମିଶ୍ରଣ ଭାବ ନେଇ ଏହି କବିତାଟି ରଚନା କରିଛନ୍ତି । ଗାଁର ବରଗଛକୁ କବିଙ୍କ ଦାର୍ଶନିକ ମନ ଅନେକ ନାମରେ ଜାଣିଛନ୍ତି । କେତେବେଳେ ବାଇମା' ବର ଆଉ କୋଉଟି ଫାଶିଦିଆ ବରଗଛ । ଅନେକ ଦିନର ପୁରୁଣା ହିସାବ ଏହି ବରଗଛ ସହିତ ଜଡିତ ସେଇ ପୁରୁଣା ସ୍ମୃତିକୁ ମନେପକାଇ କବି କୁହନ୍ତି-

"କହିବି କହିବି ହୋଇ
କହି ପାରିନି ଏଯାଏ, ତୋତେ କଥାଟିଏ
ମନେଅଛି କି ଭୁଲିଗଲୁଣି କେଜାଣି
ଘୋର ଝଡ ବର୍ଷାରେ
ଅତିଥି ହୋଇଥିଲି ଦିନେ
ତୋ ବିଦୁର ଘରେ
ଶୁଝିବି ଶୁଝିବି ହୋଇ ଶୁଝି ପାରିନି ଏ ଯାଏ ସେ ଋଣ
ଅଧା ଉମର କଟିଗଲାଣି- ଲଡବଡରେ" ।

'ଧର୍ମପତ୍ନୀ' କବିତା ସଂକଳନଟି କବିଙ୍କର ଉଚ୍ଚକୋଟିର କବିତା । ଏହି ସଂକଳନରେ ସର୍ବମୋଟ ଅଣସ୍ତରିଟି କବିତା ସ୍ଥାନ ପାଇଛି । ଦେବୀ ଅହଲ୍ୟା ଓ ଧର୍ମପତ୍ନୀ ପ୍ରସଙ୍ଗରେ ଯଥାକ୍ରମେ ଦେବୀ-ଷୋହଳ, ଅହଲ୍ୟା-ପନ୍ଦର, ଧମପତ୍ନୀ-ଅଠତିରିଶ । ଏହିପରି ସର୍ବମୋଟ ଅଣସ୍ତରୀଟି କବିତା ସ୍ଥାନ ପାଇଛି । ନାରୀର ବିଭିନ୍ନ

ସ୍ଥିତି ଓ ସ୍ୱରୂପର ସଂକେତ ରୂପ ହେଇଛି 'ଦେବୀ', 'ଅହଲ୍ୟା' ଓ 'ଧର୍ମପତ୍ନୀ'- ସତେ ଯେପରି ଧର୍ମ, ଅର୍ଥ ଓ କାମର ପ୍ରତିରୂପ । ଏହି ତିନିହେଁ ସ୍ୱତନ୍ତ୍ର, ପୁଣି ଏକ ମଧ୍ୟ ।

ସଂସାର ମୂଳରେ ନାରୀର ସ୍ଥାନ ଖୁବ୍ ଉଚ୍ଚରେ ଏହି ନାରୀ ମାତୃରୂପା । ସେ ସୃଷ୍ଟି କରେ, ସଂସାର ନିର୍ମାଣରେ ସେ ପ୍ରଥମ, ସେ ଆଦିଶକ୍ତି ସେଥିପାଇଁ ଧରିଣୀ ଓ ନଦୀ ମାତୃରୂପା । ମା'ର ଅଧିକ ନାରୀର ଆଉ ଏକ ବଡ ରୂପ ଦେବୀ । ସେହି ଦେବୀ କେବେ କଲ୍ୟାଣମୟୀ, ସଂହାରମୟୀ, ପାଳନକର୍ତ୍ତ୍ରୀ, କେବେ ସହନଶୀଳତା ଓ ତ୍ୟାଗଶୀଳା ନାରୀର ଏହି ଦେବୀରୂପ ବୈଚିତ୍ର୍ୟ ବିବିଧ ଗୁଣକୁ ସନ୍ଦର୍ଶନ କରିଛନ୍ତି କବି ହୃଷୀକେଶ ମଲ୍ଲିକ୍ । ଧର୍ମପତ୍ନୀ ସଂକଳନର ଦେବୀ ପର୍ଯ୍ୟାୟରେ କେବେ ସେ ବିନାଶ ପାଇଁ ତ କେବେ ପ୍ରେମ ପାଇଁ, ପୁଣି କେବେ ବାତ୍ସଲ୍ୟ ପାଇଁ ପୂଜା ପାଇଥାଏ ନାରୀ । ଏଥିପାଇଁ କବି ପ୍ରାଣରୁ ଉଚ୍ଛରି ଉଠେ–

"ଧବଳ ଧୋ ଧୋ ଶାଢ଼ି ପିନ୍ଧି
ତୁ ଓହ୍ଲେଇଆସୁ, ସେଇ ଖେଳ ଖେଳିବାକୁ
ଅଧୋମୁଖ ହୋଇ ପ୍ରସାରି ଦେଉ ତୋର
କ୍ଷିତ୍, ଅପ୍, ତେଜ୍, ମରୁତ୍ ବ୍ୟାପି କାୟା
ଟହ ଟହ ହସରେ ତୋ'ର ସ୍ତିମିତ ହୋଇଥାଏ ମୁଁ

x x x

ନିକାଗନ ଶେଯକୁ ମୋର ତୁ ଓହ୍ଲେଇ ଆସୁଦେବି
ଅତି ସଂଗୋପନରେ, ଅତି ନିଃଶବ୍ଦରେ ।"

ନାରୀର ଏତେ ସବୁ ମହତ୍ତ୍ୱ ପରେ ମଧ୍ୟ ସେ ଅଣୀଧାରରେ ଚାଲେ । ଯନ୍ତ୍ରଣା ସହି ସହି ଦିନ ବିତେ, ଲୁହ ଝରୁଥାଏ କିନ୍ତୁ ସେ ସହି ରହି ଗୁମୁରି ଗୁମୁରି କାନ୍ଦି ନିଜ ଭାଗ୍ୟକୁ ନିନ୍ଦେ ପଛେ ପାଟି ଖୋଲେ ନାହିଁ । ନିର୍ଯ୍ୟାତନାର ତାଡନାରେ କଷି କଷି ହୋଇ ଚାଲିଥାଏ ତା'ର ରକ୍ଷାକର୍ତ୍ତା କେହି ନ ଥାନ୍ତି ।

"ଦୁଃଖ ବି ତୋ'ର ଆଣାକାର ଦେବି
ତୋ ଦୁଃଖର କାନ ନାହିଁ କି ନାକ ନାହିଁ
ତୋ ଆଶାର ଇଷତ୍ ପ୍ରତ୍ୟାଶାବି ନାହିଁ ।"

'ଜୀବନନାମା' କବିତା ସଂକଳନଟି କବିଙ୍କର ପଂଚମ କବିତା ସଂକଳନ । କେତେ କବିତାକୁ ଛାଡି ଦେଲେ ଅନ୍ୟ ସବୁଥିରେ ସମକାଳୀନ ସମୟ ଓ ସମାଜ ଚିତ୍ର ଅତି ସଫଳ ଭାବେ ଉତ୍କୀର୍ଣ୍ଣ । 'ବାଲିଆପାଳ'ରେ କ୍ଷେପଣାସ୍ତ୍ର ଘାଟି ସ୍ଥାପନକୁ ବିରୋଧ କରି ସ୍ଥାନୀୟ କୃଷକ ଓ ଜନସାଧାରଣଙ୍କ ଦ୍ୱାରା ଯେଉଁ ତୁମୁଳ ଆନ୍ଦୋଳନ ମୁଣ୍ଡ ଟେକି ଉଠିଥିଲା, ତାହା ସମକାଳୀନ ଲୋକମାନଙ୍କୁ ପ୍ରଭାବିତ କରିଥିଲା । କବି ହୃଷୀକେଶ ମଧ୍ୟ ବାଲିଆପାଳ ଘଟଣାକୁ ନେଇ ବାଲିଆପାଳ (୧,୨.୩) କବିତା ଲେଖିଛନ୍ତି । ମାନବୀୟ ଅନୁକଂପା ଓ ଘାଟି ପ୍ରତିଷ୍ଠା ବିରୁଦ୍ଧରେ ବାଲିଆପାଳ ଯାହାକି ଐତିହାସିକ ଦଲିଲ୍ ସାବ୍ୟସ୍ତ ହୋଇଛି । କବି ଜନଗଣଙ୍କର ହେଇ ପ୍ରସ୍ତାବିତ ଘାଟିକୁ 'ବାଲିଆପାଳ'ରୁ ଫେରି ଯିବାକୁ ଦ୍ୱାହି ପକାଇଛନ୍ତି । ବାଲିଆପାଳର ସମୃଦ୍ଧ ଧାନ-ପାନ-ନାରିକେଳ କ୍ଷେତ ଓ ସେଠିକାର ନିରୀହ ଅଧିବାସୀଙ୍କ ବଳ ନକଷି ଘାଟୀକୁ ସ୍ୱତଃ ସେ ସ୍ଥାନ ଛାଡି ଚାଲିଯିବାକୁ ଆକୁଳ ନିବେଦନ କରିଛନ୍ତି କବି । ଘାଟି ତାଙ୍କ ଭାଷା ବୁଝୁ ନ ବୁଝୁ ପରିଣତରେ ସେଠାରେ କିନ୍ତୁ କ୍ଷେପଣାସ୍ତ୍ର ଘାଟି ସ୍ଥାପିତ ହୋଇନାହିଁ ଓ ଏହି ହେତୁରୁ ଘାଟୀର ନୁହେଁ କବିତାର ହିଁ ଜୟ ହୋଇଛି । ଜୀବନକୁ ଭଲ ପାଉଥିବା କବି । ଜୀବନର ସ୍ୱାଭାବିକତାକୁ ନେଇ କୁହନ୍ତି, ଏହି ଜୀବନ ଭିତରେ ସ୍ୱପ୍ନ ଦେଖିବାକୁ ହେବ, ଜୀବନ ଅଛି ସବୁ ଦୁଃଖ କଷ୍ଟକୁ ଭଲ ପାଇ ଆପଣାର କରିବାକୁ ହେବ । ଜୀବନଟା ନିଜ ପାଇଁ ନୁହେଁ ଆଉ କାହା ପାଇଁ ଗଢା କବିଙ୍କ ଭାଷାରେ–

"ଜନ୍ମ ନେଇଛେ ଯେତେବେଳେ/ବଂଚିବାକୁ ହେବ
ଖାଲି ନିଜ ପାଇଁ ନୁହେଁ ଆଉ କାହା ପାଣିଚିଆ
ପେଜୁଆ ଆଖିର ଝଲମଲ ସ୍ୱପ୍ନଟିଏ ହୋଇ
ପତ୍ନୀର ସିନ୍ଦୁର ଆଉ ପାଣି କାଚ ହୋଇ"

'ସାଖୀ ଚନ୍ଦ୍ର ସୂର୍ଯ୍ୟ' କବିତା ସଂକଳନଟି କବି ହୃଷୀକେଶ ମଲ୍ଲିକର ସପ୍ତମ କବିତା ପୁସ୍ତକ । ୨୦୦୪ରେ ରାଜଧାନୀ ପୁସ୍ତକ ମେଳାରେ ଏହା ପୁରସ୍କୃତ । କବି ଏହି କବିତାରେ ମଣିଷର ସତ୍ୟକୁ ଗ୍ରହଣ କରିବା ପାଇଁ ସାଖୀ ରଖେ ଚନ୍ଦ୍ର, ସୂର୍ଯ୍ୟଙ୍କୁ । ଚନ୍ଦ୍ର ସୂର୍ଯ୍ୟଙ୍କୁ ସାଖୀ ରଖିଲେ ନୈତିକ ଭୀରୁତା ମଣିଷଙ୍କୁ ଚୁପ୍ କରିଦିଏ । କବି ଶ୍ରୀ ମଲ୍ଲିକ୍‌ଙ୍କ ପ୍ରଥମ କବିତା ଏ ସଙ୍କଳନର 'ଡାକବଙ୍ଗଳା' ଏଥିରେ କବି ବ୍ୟଙ୍ଗ କରି କହିଛନ୍ତି କୁରୁକ୍ଷେତ୍ର ଯୁଦ୍ଧରେ ବେଲାଲସେନର କଟାମୁଣ୍ଡ ପରି ଏ ଡାକବଙ୍ଗଳା କେତେ ହାକିମ ହୁକୁମାଙ୍କ ନାରୀଙ୍କର ଅନାଚାରର ମୂକସାକ୍ଷୀ । ନକଲି ବାଳ, ନକଲି ଦାନ୍ତଲଗା ସାହେବମାନଙ୍କୁ ନିଶୂନ୍ ରାତିରେ ଏ ଡାକବଙ୍ଗଳା ଯେପରି ବିଦ୍ରୂପ କରେ–

"ଶ୍ୟାମନାଗର ହେ ଏ ବେଶ ହୋଇବ ନାହିଁ
ଏ ବେଶ ଦେଖିଲେ ପଥର ତରଳେ
ଯୁବତୀ ବଂଚିବେ ନାହିଁ"

ବୁଢ଼ା ଚୌକିଦାର୍ ସବୁ ଜାଣେ, ସବୁ ଶୁଣେ ମାତ୍ର ତା ତୁଣ୍ଡରେ ତାଲ ପଡିଥାଏ । 'ଦୁହିତା ଘର' ଏ ସଂକଳନର ଗୋଟିଏ ସୁନ୍ଦର କବିତାଟିଏ । ଏଥିରେ ନାରୀ ନିର୍ଯ୍ୟାତିତା ତାହାର ସ୍ୱାଧୀନତା ବୋଲି କିଛି ନାହିଁ କି ଅଧିକାର ନାହିଁ । ଯା'ର ହାତ ଧରି ସାତ ଜନ୍ମ ପାଇଁ ବିବାହିତ ହୋଇଛି ତା ଉପରେ ମଧ୍ୟ ଅଧିକାର ନାହିଁ । ଦରମା କଥା ସ୍ୱାମୀକୁ ପଚାରିବାରୁ ସ୍ୱାମୀ ତା'ର ସାତପୁରୁଷକୁ ଉଝାଳି ଦିଏ । ପତ୍ନୀର ଅଧିକାର ନାଇ ତା'ର କଥାରେ କଥା କହିବାର କହିଲେ "ଗାଲ ସେକି ଦେବ ଚପଲରେ" ବୋଲି ବରଟି କୁହେ । ସେପଟେ ତା'ର ମା ମଧ ଲଭୁଥାଏ ମଦୁଆ ସ୍ୱାମୀ ସହିତ । ସବୁଠାରେ ନାରୀ ନିର୍ଯ୍ୟାତିତା । ଝିଅଟି ତାର ମାକୁ ପ୍ରଶ୍ନ କରେ–

"ମୁଁ ଏବେ କୁଆଡେ ଯାଏ, କହ ବୋଉ
କହ ସେ ଘର ନା ଏ ଘର
କୋଉ ଘରଟି ମୋର
ନିଜର ବୋଲି ଘରଟିଏ ସତରେ
ଥାଏ କି ଘର, କେବେ, କୋଉ ଝିଅର ?"

ଏ ପ୍ରଶ୍ନ ଏବେ ମଧ ରହିଛି ଅନେକ ନାରୀଙ୍କ ଜୀବନରେ ଯଦିଓ ଏଥିପାଇଁ ସମ୍ବିଧାନ ଅଛି, ବାରମ୍ବାର ସଂଶୋଧିତ ହୋଇଛି, ତଥାପି ନାରୀର ସ୍ୱାଧୀନତା ନାହିଁ । ସବୁବେଳେ ସେ ନିର୍ଯ୍ୟାତିତା ତା ସ୍ୱାମୀ ପାଖରେ ।

'ବସୁଷେଣ' କବିତା ସଂକଳନଟି ହୃଷୀକେଶ ମଲ୍ଲିକଙ୍କ ସପ୍ତମ କବିତା ପୁସ୍ତକ । ବସୁଷେଣ କବିତା ସଂକଳଟି ମିଥ୍‌ଧର୍ମୀ କବିତା । ମହାଭାରତର କର୍ଣ୍ଣ ଚରିତ୍ରକୁ ନେଇ କବି ଶ୍ରୀ ମଲ୍ଲିକଙ୍କର 'ବସୁଷେଣ' କବିତା ସଂକଳନ । ନୀତି ଓ ଆଦର୍ଶକୁ ପାଥେୟ କରି ଆଜୀବନ ଏକ ଉନ୍ନତ, ମାର୍ଜିତ ତଥା ରୁଚିପୂର୍ଣ୍ଣ ଜୀବନ ପାଳନ କରନ୍ତି 'କର୍ଣ୍ଣ ' । ଏକ ଆଦର୍ଶ ଚରିତ୍ର ଓ ନୀତିନିଷ୍ଠ ବ୍ୟକ୍ତିତ୍ୱର ଅପୂର୍ବ ସମାହର ଦ୍ୱାରା ଜଣେ ନୈତିକତା ସଂପନ୍ନ ମଣିଷ ତଥା ମାନବିକ ମୂଲ୍ୟବୋଧଭିତ୍ତିକ ଚିନ୍ତାଧାରା ପ୍ରକାଶ ଦିଗରେ ଅଗ୍ରଗଣ୍ୟ ମହାମାନବ ଭାବରେ କର୍ଣ୍ଣ ପୂଜିତ କେଉଁ ଆବହମାନ କାଳରୁ । କର୍ଣ୍ଣ ସର୍ବଦା ଅବହେଳିତ ତଥା ନିର୍ଯ୍ୟାତିତ ଚରିତ୍ର । ଆଜୀବନ ସେ ନିଜର ଜନ୍ମ ଜାତକ ପାଇଁ ଅପମାନ ଓ ଦୁଃଖକୁ ମଥାପତି ସହି ଯିବା ଛଡା ତାଙ୍କର ଅନ୍ୟ ଉପାୟ ନ ଥିଲା । ପିତାମାତାଙ୍କ ସ୍ନେହ ଓ ଆଦରରୁ ବଂଚିତ ଏହି ଚରିତ୍ରଟି ପାଖରେ ତଥାପି ନୀତି ଆଦର୍ଶର ଅଭାବ ଆଦୌ ପରିଲକ୍ଷିତ ହୋଇନଥିଲା । କିନ୍ତୁ ହୃଦୟର ଅପରିସୀମ କ୍ଷତ ଓ କ୍ଷତି ସଂପର୍କରେ କବି ହୃଷୀକେଶ ଅତି ସ୍ନେହରେ ଆବଦ୍ଧ ହୋଇ ଦୁଃଖରେ ମର୍ମାହତ ହୋଇ ଗଭୀତ ସମବେଦନା ପ୍ରକାଶ କରିଛନ୍ତି–

"ମାଆ କୋଳ ପରି
ଏଥର ଉଷୁମ ଲାଗିଲା ସିନ୍ଦୁକ-ତଳ
ଭୁଲ ବସାରେ ଅଣ୍ଡା ପାରି
ଉଡି ଯାଇଥିବା ଦୁଃଖୀ-ପକ୍ଷିଣୀର
ଅର୍କ୍ଷିତ ଭବିଷ୍ୟ ମୁଁ ମଝିରେ....
ତଳେ ନଈ, ନାଗ ସାପ
ମେଲା ଆକାଶ, ଚକି ମାରୁଥିବା
ସଂଚଣ ଆସ୍‌ମାନ୍‌ରେ... ।" (ବସୁଷେଣ -୪)

କର୍ଣ୍ଣ କେତେବେଳେ ଉପେକ୍ଷିତ ଆଉ କେତେବେଳେ ଦୀପ୍ତ ଓ ଦ୍ୟୁତିରେ ହୋଇଛନ୍ତି ମହିମା ବିମଣ୍ଡିତ, ଚିର ଉଦ୍‌ଭାସିତ ଜାଜ୍ୱଲ୍ୟମାନ ତା'ର ଏକ ମୂର୍ତ୍ତିମନ୍ତ । କଠୋର ପରୀକ୍ଷାରେ କର୍ଣ୍ଣ ସମ୍ମୁଖୀନ ହୋଇ କର୍ଣ୍ଣ ନିଜର ଅପରିସୀମ ଧୈର୍ଯ୍ୟ ଓ ଆଶାତୀତ ସହନଶୀଳତା ପ୍ରଦର୍ଶନ କରି ମହାନ ଆତ୍ମା ହୋଇଛନ୍ତି । କିନ୍ତୁ ନିଜର ବଂଶକୁ ନେଇ ସଦା ବ୍ୟଥିତ, କବିଙ୍କ ଭାଷାରେ–

"ଉପବୀତ ନାହିଁ କାନ୍ଧରେ
ଏଣୁ ପ୍ରସ୍ତୁତ କରିନେଲି ନିଜକୁ
ବୋହିବାର କଠୋର ଭାର
ତାଙ୍କ ଅନୁଚ୍ଚରିତ ଅଭିଶାପରେ...
ସେଇମିତି ଝରୁଥାଏ
ଜାନୁର ରକ୍ତ, ଯେମିତି ବହିଯାଇଥିବ
ସେଦିନ, ଅବାରିତ କ୍ଷୀର ମୋ' ମା ଛାତିର...।"

(ବସୁଷେଣ-୯)

ମାତୃ ସ୍ନେହରୁ ବଂଚିତ ହୋଇଛନ୍ତି କର୍ଣ୍ଣ । ନିଜର ପ୍ରକୃତି ପରିଚୟ ପ୍ରଦାନ କରିବା ସତେ ଯେପରି ବସୁଷେଣଙ୍କ ପାଇଁ ଏକ ଅଭିଶାପରେ ପରିଣତ ହୋଇ ସାରିଥିଲା ବୋଲ ସେ ଭାବି ସାରିଛନ୍ତି । ମାତାଙ୍କର କପଟ କୁଟୁମ୍ବିତାକୁ, ପ୍ରପଞ୍ଚନକୁ ହୃଦୟବାନ୍ କର୍ଣ୍ଣ ସ୍ୱୀକାର କରି ଦେଇଛନ୍ତି ଛଳନାକାରୀ ବ୍ରାହ୍ମଣ ହାତରେ ଧରାଇ ଦେଇଛନ୍ତି ଜୀବନ ସୂତ୍ର । ଏତାଦୃଶ କାର୍ଯ୍ୟାବଳୀର ନାୟକ କର୍ଣ୍ଣ, ତେଣୁ ଅନେକ ଶାସ୍ତ୍ର, ସାହିତ୍ୟ ପ୍ରେମିକ ସମ୍ବେଦନାରେ

ପରିପ୍ଲୁତ ହୋଇ ମହାଭାରତ 'ନାୟକ' ରୂପେ ଅଧିଷ୍ଠିତ ହୋଇଥାନ୍ତି ।

'ଜେଜେ ଦେଖିନଥିବା ଭାରତ' କବିତା ସଂକଳନଟି ପ୍ରକାଶ ପାଏ ୨୦୧୫ । ଏହି ପୁସ୍ତକ ପାଇଁ କବି ଶ୍ରୀ ମଲ୍ଲିକ୍ ଶାରଳା ପୁରସ୍କାରରେ ପୁରସ୍କୃତ । ଏହି ସଂକଳନର ପ୍ରଥମ କବିତା 'ଜେଜେ ଦେଖିନଥିବା ଭାରତ' ଜେଜେ ଓ ନାତିଙ୍କ କଥୋପକଥନ ମାଧ୍ୟମରେ କବିତାର କଳେବର । ଏହି କବିତାଟି ପୁସ୍ତକର ସମସ୍ତ କବିତାର ମର୍ମକୁ ବୁଝାଇ ଦେଇଥାଏ । ଅଜା ଓ ନାତି ମଧ୍ୟରେ ଯେଉଁ ସମୟର ବ୍ୟବଧାନ ତାହା ହିଁ ଏହି କବିତାର ମର୍ମ । ନାତି ଦୃଷ୍ଟିରେ ଅଜାଙ୍କ ଭାରତବର୍ଷଠାରୁ ସେ ବହୁ ଦୂର ଚାଲି ଆସିଛି । ନାତିର ଭାରତ ବା ସେ ନିଜେ ଅଂଗେ ଲିଭାଉ ଥିବା ଭାରତର ପୂର୍ବ ରୂପରେଖ ବଦଳି ଯାଇଛି । ଦୁଃଖର କଥା ନାତିର ଭାରତ ବର୍ଷକୁ ଗ୍ରହଣ କରିପାରି ନାହାଁନ୍ତି ଅଜା । କବିଶ୍ରୀ ମଲ୍ଲିକ୍ ଯେଉଁ ଭାରତ ବର୍ଷ ପ୍ରକୃତ ବର୍ଣ୍ଣନା କରିବାକୁ ଚାହିଁଛନ୍ତି ସେ ଗାଁକୁ ପ୍ରତିଧ୍ୱନିତ କରୁନି, ତାହା ମଧ୍ୟ ରାଷ୍ଟ୍ରର ପ୍ରତ୍ୟେକ କୋଣ ଅନୁକୋଣକୁ ପ୍ରତିବିମ୍ବିତ କରୁଛି । କବି ହୃଷୀକେଶ ମଲ୍ଲିକ୍ ଦୃଷ୍ଟିରେ ବିଟ୍ ରାସ୍ତାରେ ଘୋଷାରି ଘୋଷାରି ନିଆଯାଇଥିବା 'ମଢ' ହିଁ ଭାରତବର୍ଷ, ଯେଉଁଠି 'ଥାଳି' ଅଣ୍ଡାଳିଲେ ମିଳେ 'ବଗଡାଭାତ', ଯେଉଁଠି ବେତନ ଭୋଗୀ କର୍ମଚାରୀଟିଏ ସ୍ୱପ୍ନ ଦେଖେ ଯଦି ଦରମା ବଢେ ସେ ସ୍ତ୍ରୀ ଆଗରେ 'ମର୍ଦ୍ଦାନୀ' କିମ୍ବା ପୁତ୍ର ଆଗରେ 'ନୁଖୁରା ତୋଡ' ଦେଖାଇବାର ଭାବନା ଏହି ହିଁ ଭାରତବର୍ଷ ।

'ଜେଜେ ଦେଖିନଥିବା ଭାରତ'ର ପ୍ରାୟ କବିତା ସମାଜିକ ବିଷୟ ଉପରେ ଆଧାରିତ ସମାଜ ନିୟମ କାନୁନ୍‌କୁ କବି ଶ୍ରୀ ମଲ୍ଲିକ୍ ବ୍ୟଙ୍ଗ କରନ୍ତି । ଗ୍ରାମକୁ ଭଲପାଇବା କବି ଏହି କବିତାରେ ମଧ୍ୟ ଗ୍ରାମକୁ ଭୁଲି ଯାଇ ନାହାଁନ୍ତି । ସେ ଗ୍ରାମର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପଟ୍ଟଭୂମିକୁ ଦେଖିଲା ବେଳେ ତାଙ୍କୁ ଯାହା କିଛି ଅବ୍ୟବସ୍ଥିତ ଲାଗିଚି, ସେଇ ଅବ୍ୟବସ୍ଥାକୁ ନେଇ କବିତା ମାଧ୍ୟମରେ ପରିପ୍ରକାଶ କରିଛନ୍ତି । ଗ୍ରାମାଞ୍ଚଳରେ ଲୋକମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ସେମାନଙ୍କର ଅସନ୍ତୋଷକୁ ମାଧ୍ୟମ କରି ସାମାଜିକ ଓ ରାଜନୈତିକ ବିଧି ବ୍ୟବସ୍ଥା ବିରୋଧରେ ଆନ୍ଦୋଳନ କରିବା ପୂର୍ବକ 'ମାଓ-କ୍ୟାଡର' କବିତା ରଚନା କରିଛନ୍ତି । ଯାହାକୁ କବିଙ୍କ ଭାଷାରେ-

"ସଲଖ ଜବାବ ଦିଅ...
ଯେଉଁ ଚଉକିରେ ବସିଚ ତମେ, ସେ ଚଉକି
ମୋର, ବଂଧ ବାଂଧୁଚ ଯୋଉ ପାଣିରେ
ସେ ପାଣି ମୋର
ନିଲାମ କରୁଚ ଯୋଉ ଜଂଗଲ
ସେ ଜଙ୍ଗଲ ମୋର
ମହୁଲି ମୋର, ମହୁଲ ବି ମୋର"(ପୃ-୧୫)

ଏହି କବିତାରେ ବିପ୍ଳବର ନିଆଁ ପ୍ରଖର । ମାଓବାଦୀ ପ୍ରତି ସମବେଦନା ପ୍ରକାଶ କରନ୍ତି । ଏହି କବିତା ଗ୍ରନ୍ଥର କବି ଶ୍ରୀ ମଲ୍ଲିକ୍ ଚାରୋଟି ପିଢିର କଥା କହିଛନ୍ତି । ଏହି ପିଢିମାନଙ୍କର ବ୍ୟବଧାନକୁ ଅତି ସୁନ୍ଦର ଭାବରେ କବିତା ମାଧ୍ୟମରେ ତାହାର ଦୃଶ୍ୟ ପଟ୍ଟକୁ ଚିତ୍ରାୟିତ କରିଛନ୍ତି ।

ହୃଷୀକେଶ ମଲ୍ଲିକ୍ ସମକାଳର ଓଡିଆ କବିତାରେ ଜଣେ ସବୁଠୁ ଜ୍ୟୋତି-ତୀବ୍ର ନକ୍ଷତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରକୃତିର ପରିଚର୍ଯ୍ୟା, ପ୍ରେମର କାରୁଣ୍ୟ ଉପମା, ଚିତ୍ରକଳ୍ପ ବିନ୍ୟାସ ତାଙ୍କ କାବ୍ୟ କବିତାର ମୁଖ୍ୟ ସ୍ୱର ।

ଗବେଷିକା
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ଜ୍ୟୋତି ବିହାର, ବୁର୍ଲା

ISSN -2583-147X (P), Vol.- 9, Issue No.III, June 2023
Bastabatara Pariprakash Prachee
Peer Reviewed and Referred Research Journal

ଓଡ଼ିଆ ସ୍ତମ୍ଭ ସାହିତ୍ୟ : ପ୍ରବାସୀ ଓଡ଼ିଆ ସ୍ତମ୍ଭକାର

ଚନ୍ଦ୍ରିକାରାଣୀ ପଣ୍ଡା

ସର୍ବଦା ସାହିତ୍ୟ ଜୀବନ ଏବଂ ଜଗତର ବିଭିନ୍ନ ରୂପ ତଥା ସ୍ୱରୂପକୁ ନିଜ ଭିତରେ ଧରି ଏକ ବର୍ଣ୍ଣିଳ ସାରସ୍ୱତ ଆକାରରେ ଆକାରିତ । ଏହି ବର୍ଣ୍ଣିଳତା ଆସେ ପୁଣି ସାରସ୍ୱତ ସ୍ରଷ୍ଟାଙ୍କର ସମ୍ପ୍ରସାରିତ ଭାବବୋଧ ଏବଂ ଅନୁଭୂତିର ଗଭୀରତାକୁ ଆଧାର କରି । ଏହି ଅନୁଭୂତି ପୁଣି ଦୁଇ ପ୍ରକାରର ଯଥା :- ପ୍ରତ୍ୟକ୍ଷ ଏବଂ ପରୋକ୍ଷ । ଏ ଭିତରୁ ପ୍ରତ୍ୟକ୍ଷ ଅନୁଭୂତିକୁ କେନ୍ଦ୍ର କରି ଯେଉଁ ସାହିତ୍ୟ ସୃଷ୍ଟି ହୁଏ ତାହା ହୁଏ ଜୀବନ୍ତ ଏବଂ ପ୍ରାଣସ୍ପର୍ଶୀ । ଏହି ପ୍ରତ୍ୟକ୍ଷ ସ୍ରଷ୍ଟାମାନଙ୍କ ଭିତରେ ପ୍ରବାସରେ ରହି ସାହିତ୍ୟ ସୃଷ୍ଟି କରୁଥିବା ସୃଜନ ସ୍ରଷ୍ଟାମାନେ ସର୍ବାଗ୍ରେ ସ୍ମରିତ । କାରଣ ପ୍ରବାସରେ ଥିଲେ ହିଁ ବେଶି ବେଶି ମନେପଡ଼େ ମାଆ, ମାଟି ଏବଂ ମାତୃଭୂମି କଥା । ଯଦି ଏହି ମନେପଡ଼ିବା ସଂଘଠିତ ହୁଏ କୌଣସି ପ୍ରବାସସ୍ଥିତ ସୃଜନ ସ୍ରଷ୍ଟାଙ୍କ ମାନସପଟରେ ତେବେ ଏହା ସାହିତ୍ୟର ବିଭିନ୍ନ ପ୍ରାରୂପ ମଧ୍ୟ ଦେଇ ପରିପ୍ରକାଶ ଲାଭ କରେ । ସୁତରାଂ ପ୍ରବାସୀ ସାହିତ୍ୟର ଭିତ୍ତିଭୂମି ଯଦିଓ ବହୁ ପୁରାତନ ମାତ୍ର ସାହିତ୍ୟର ଆଲୋଚନାରେ ଅଧୁନା ଏହା ଏକ ନୂତନ ଆବିଷ୍କରଣ । ତେଣୁ ଏହାର ଅବବୋଧ ଏବଂ ସୀମା ସମ୍ଭାବନା ସମ୍ପର୍କରେ ଜାଣିବାର ଆବଶ୍ୟକତା ରହିଛି ।

(୧) 'ପ୍ରବାସୀ' ସାହିତ୍ୟର ଅବବୋଧ :

'ପ୍ରବାସୀ' କହିଲେ ଆମେ ଜାଣୁ ଯେଉଁମାନେ ଘର କିମ୍ବା ମାତୃଭୂମିଠାରୁ କୌଣସି କାରଣରୁ ଦୂରରେ ରୁହନ୍ତି ବା କିଛିକାଳ ପାଇଁ ଅନ୍ତର ରହିଥାନ୍ତି । ଇଂରାଜୀରେ ଏହାର ପ୍ରତିଶବ୍ଦ ହେଉଛି 'Expatriate' ଯାହାର ଅର୍ଥ ସ୍ୱଦେଶତ୍ୟାଗୀ । ଇଂରାଜୀରେ ଏହାର ସଂଜ୍ଞା ହେଉଛି :- "An expatriate or emigrant; someone who lives away from their home or homeland." (www.macmillandictionary.com)

ମାତ୍ର 'ପ୍ରବାସୀ'ର ସମର୍ଥ ପ୍ରତିଶବ୍ଦ ରୂପେ ଆମେ 'Diaspora'କୁ ହିଁ ମୂଳତଃ ମାନିଥାଉ । ଏହି Diaspora ଶବ୍ଦଟି ହେଉଛି ଗ୍ରୀକ୍ ଶବ୍ଦ । ଏହାର ଅର୍ଥ Dispersion or Scattering ଅର୍ଥାତ୍ ବିସ୍ତାର ବା ବିଛାଇବା । ଯେତେବେଳେ ଆମେ 'Diaspora' ଶବ୍ଦର ଇତିହାସକୁ ଆଉଟିକେ ନିକଟରୁ ଅନୁଧ୍ୟାନ କରୁ ସେତେବେଳେ ଆଉ ଏକ ନୂତନ ତଥ୍ୟ ଆମର ଦୃଷ୍ଟିଗୋଚର ହୁଏ । ଯେତେବେଳେ ଖ୍ରୀ.ପୂ ୫୮୬ରେ ବାବିଲୋନ ବନ୍ଦୀ (Babylonian Exile) ହେଲା ସେତେବେଳେ ଯିହୁଦୀ ଲୋକମାନେ ବାବିଲୋନର ନିର୍ବାସନରୁ ଫେରିଯାଇଥିଲେ ଜେରୁଜେଲମ ଏବଂ ଏମାନଙ୍କ ମଧ୍ୟରେ ଥିଲେ ବାବିଲୋନ, ମିଶର, ସିରିଆ, ଗ୍ରୀସ୍ ଏବଂ ରୋମ୍ ପରି କେତେକ ଭୂମଧ୍ୟସାଗରୀୟ ତଥା ନିକଟ ପୂର୍ବାଂଚଳର ଯିହୁଦୀ ସମ୍ପ୍ରଦାୟର ବିଚ୍ଛୁରିତ ଗୋଷ୍ଠୀ ଏହି Scattering ବା ବିଚ୍ଛୁରିତ ମିଶ୍ର ସମ୍ପ୍ରଦାୟର ଯେଉଁ ପ୍ରଜାତି ଯାଇ ଜେରୁଜେଲମରେ ନିଜର ବସତି ସ୍ଥାପନ କଲେ ସେହିମାନଙ୍କ ଉଦ୍ଦେଶ୍ୟରେ ହିଁ ପ୍ରଥମେ Diaspora ଶବ୍ଦଟି ବ୍ୟବହୃତ ହୋଇଥିଲା । ପରେ ପରେ ଏହା ବିଶ୍ୱ ଭୂଖଣ୍ଡର ପ୍ରତ୍ୟେକ ସ୍ଥାନାନ୍ତରିତ ଜାତି ପରିପ୍ରେକ୍ଷୀରେ ବ୍ୟବହାର କରାଗଲା । ଏବଂ ଏହି ଧରଣର ସବୁ ମାତୃଭୂମି ବିରହିତ ଜାତିମାନେ ଯେତେବେଳେ ନିଜ ସ୍ୱ-ବାସ ବା ସ୍ୱ-ଭୂମ ଦୂରେଇ ରହିଲେ ସେତେବେଳେ ସେମାନେ ମାତୃଭୂମି ନିମନ୍ତେ ହେଲେ ଅଧିକ ସମ୍ବେଦନଶୀଳ ଆବେଗିକ ସ୍ତରରେ । ଯାହାର ନିଖୁଣ ଆରୋପଣ ପରିଲକ୍ଷିତ ହେଲା ଉକ୍ତ ପ୍ରବାସୀ ଲେଖକମାନଙ୍କ ନାନାବିଧ କୃତି ମାଧ୍ୟମରେ । ତେବେ ଏହି ଦୃଷ୍ଟିରୁ ଦେଖିଲେ ପ୍ରବାସୀ ଲେଖକଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟ ଭାବାତ୍ମକ ତଥା ଆତ୍ମିକ ମାନଦଣ୍ଡରେ ଅଧିକ ଶକ୍ତିଶାଳୀ ।

ତେବେ ଏହି ନ୍ୟାୟର ବିଚାରକଲେ ପ୍ରବାସରେ ରହୁଥିବା ସାରସ୍ୱତ ସ୍ରଷ୍ଟା ପ୍ରତ୍ୟକ୍ଷ ଭାବେ ମନେହୁଅନ୍ତି ଅଧିକ ସ୍ପର୍ଶକାତର ନିଜର ଦେଶ ପାଇଁ, ମାଟି ପାଇଁ, ମାତୃଭୂମି ପାଇଁ କାରଣ ଏସବୁ ଠାରୁ ଦୂରେ ରହି ହିଁ ସେ ହୁଅନ୍ତି ଅଧିକ ମାଟି ମନସ୍କ । ଯାହା ସେମାନଙ୍କ ସାହିତ୍ୟର ବିଭିନ୍ନ ବିଭାଗ ଯଥା:- କବିତା, ଗପ, ଉପନ୍ୟାସ, ପ୍ରବନ୍ଧ, ସ୍ତମ୍ଭ ଇତ୍ୟାଦିରେ ରୂପପାଏ । ମୁଖ୍ୟତଃ ଏହି ଧରଣର ସାହିତ୍ୟ ଅର୍ଥାତ୍ ପ୍ରବାସରେ ରହି ସ୍ରଷ୍ଟା ଯେଉଁ ସାହିତ୍ୟ ସୃଷ୍ଟି କରନ୍ତି ଉକ୍ତ ସାହିତ୍ୟକୁ ପ୍ରବାସୀ ସାହିତ୍ୟ (Diasporic Literature) କହିଥାଉ ।

ମାତ୍ର ଇଂଜାଜୀରେ ପ୍ରବାସୀ ସାହିତ୍ୟ (Diasporic Literature)ର ସଂଜ୍ଞା ହେଉଛି :- "A simple definition of diaspora literature, then, would be works that are written by authors who live outside their native land.The term identifies a work's distinctive geographical origins. But diaspora literature may also be defined by it's contents. regardless of where it was written.

" (https://www.oercommons.org>lesson)

ଅର୍ଥାତ୍ ପ୍ରବାସୀ ସାହିତ୍ୟ (Diasporic Literature) ର ଏକ ସରଳ ତଥା ମାର୍ଜିତ ପରିଭାଷା ହେଉଛି ଯେଉଁ ସାହିତ୍ୟକୃତି ଗୁଡ଼ିକ ଲେଖକ ନିଜ ମାତୃଭୂମି ଠାରୁ ଦୂରରେ ରହି ଲେଖିଥାନ୍ତି ଯଦ୍ଵାରା ତାଙ୍କର ଭୌଗଳିକ ସ୍ଥିତି ଜାଣିହୁଏ । ମାତ୍ର କୃତିଟି କେଉଁଠି ରଚିତ ତାହା ଉପରେ ଧ୍ୟାନ ନଦେଇ ବିଷୟବସ୍ତୁ ଆଧାରରେ ମଧ୍ୟ ଏହାର ବିଚାର କରାଯାଇପାରେ ।

ଏହି ପ୍ରବାସୀ ସାହିତ୍ୟକୁ ନେଇ ସାହିତ୍ୟର ଜଗତରେ ନାନା ଆଲୋଡ଼ନ ଥିବା ସ ତ୍ତ୍ୱେ ବିଭିନ୍ନ ଜାତୀୟ ତଥା ଆର୍ନ୍ତଜାତୀୟ ଭାଷାକୋଷ ଆଧାରରେ ଯଦି ବିଚାର କରାଯାଏ ତେବେ କେତେଗୁଡ଼ିଏ ମୌଳିକ ବୈଶିଷ୍ଟ୍ୟକୁ ନେଇ ପ୍ରବାସୀ ସାହିତ୍ୟର ଅବଧାରଣାକୁ ସ୍ପଷ୍ଟ କରାଯାଇପାରେ । ଯଥା :- (i)-Fight to Survive ଅର୍ଥାତ୍ ବଂଚିବା ପାଇଁ ସଂଗ୍ରାମ କରିବା (ii)-Self–realization ଅର୍ଥାତ୍ ଆତ୍ମ-ଅବବୋଧ (iii)-Self-knowledge ଅର୍ଥାତ୍ ଆତ୍ମଜ୍ଞାନ (iv) Self-definition ଅର୍ଥାତ୍ ଆତ୍ମପରିଚୟ । ପ୍ରବାସରେ ଏହି ପାଂଚଟି ମୌଳିକ ବୈଶିଷ୍ଟ୍ୟ ତାଙ୍କୁ ମାତୃଭୂମିକୁ ନେଇ ସୃଜନ ମନସ୍କ କରେ ।

ତେଣୁ ଆମେ କହିପାରିବା ପ୍ରବାସରେ ଥାଇ ନିଜର ସ୍ୱ-ବାସ,ସ୍ୱ-ଭୂମି,ସ୍ୱ-ଦେଶ,ସ୍ୱ-ରାଜ୍ୟ ଏବଂ ଏହା ବ୍ୟତିରେଖ ଜନ୍ମଭୂମିର ଯେକୌଣସି ସ୍ୱ-ବସ୍ତୁର ସ୍ମୃତିଚାରଣରେ ହେଉ ଅଥବା କର୍ତ୍ତବ୍ୟପରାୟଣ ହେଇ ହେଉ ସ୍ରଷ୍ଟା ଯେଉଁ ସାହିତ୍ୟ ସୃଷ୍ଟି କରନ୍ତି । ତାହାକୁ ଅନୁରୂପେ (Diasporic Literature) କୁହାଯାଏ । ଏହି ଧରଣର କୃତିର ମୂଳ ବୈଶିଷ୍ଟ୍ୟ ହେଉଛି ଏଥିରେ ଜାତି ପ୍ରତି ମମତ୍ୱବୋଧ ପ୍ରତିଫଳିତ । ବ୍ୟକ୍ତିର ଜାତୀୟ ପ୍ରୀତିରୁ ହିଁ ପ୍ରବାସୀ ସାହିତ୍ୟର ଉନ୍ମେଷ । ତେଣୁ ପ୍ରବାସୀ ସାହିତ୍ୟର ପ୍ରାରୂପ ଯାହା ବି ହେଉ ଏଥିରେ ଜାତି ତଥା ଜାତୀୟ ଜୀବନ ନିମନ୍ତେ ଆବେଗ ଏବଂ ଯତ୍ନଶୀଳତା ପ୍ରତିଫଳିତ ପରିଲକ୍ଷିତ ଏକ ମୁଖ୍ୟ ପ୍ରସଙ୍ଗ ।

(୨) ସ୍ତମ୍ଭ ସାହିତ୍ୟର ପ୍ରାରମ୍ଭିକ ପରିକ୍ରମଣ

ସ୍ତମ୍ଭ ହେଉଛି ଏକ ଅନ୍ୟତମ ପ୍ରମୁଖ ତଥା ଅଣ-ଆଲୋଚିତ ପ୍ରମୁଖ ବିଭାଗ । ଯାହା ସାମାଜିକ ଜୀବନର ଏକ ଅନ୍ତରଙ୍ଗ ପ୍ରତିଫଳକ ରୂପେ କାର୍ଯ୍ୟକରେ । ସ୍ତମ୍ଭ ରଚନାରେ ବିଶ୍ୱ ସମାଜ ତଥା ବିଶ୍ୱ ଜୀବନର ଏକ ବୃହତ୍ତର ଦିଗ ପ୍ରତିଫଳିତ ହୋଇଥାଏ ।

ପ୍ରତ୍ୟେକ ସମୟର ସ୍ତମ୍ଭ ସେହି ସମୟର ସମାଜର ଏକ ପ୍ରତିକୃତି ସଦୃଶ । ଯାହା ଭିତରେ ଥାଏ ସମାଜର ନାନାବିଧ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ସେହି ଦୃଷ୍ଟିରୁ ଦେଖିଲେ ସ୍ତମ୍ଭ ହେଉଛି ଏକ ପ୍ରମୁଖ ସାହିତ୍ୟ, ଯେଉଁଥିରେ ଭାବପ୍ରବଣତା ନଥାଏ, ବୌଦ୍ଧିକତା ନ ଥାଏ, କିମ୍ବା ଅତି କଳ୍ପନା ପାଇଁ ଅବକାଶ ନଥାଏ । ତେଣୁ ସ୍ତମ୍ଭ ସାମାଜିକ ଆବେଗ-ଆବେଦନ ବହନ କରୁଥିବା ପ୍ରତିକ୍ରିୟାତ୍ମକ ସାହିତ୍ୟ ଏବଂ ଏହି ସ୍ତମ୍ଭ ରଚନା କରୁଥିବା ପ୍ରବାସୀ ସ୍ତମ୍ଭକାରଙ୍କର ପ୍ରବାସର ପ୍ରତ୍ୟେକ୍ଷ ଅନୁଭବ ଯେତେବେଳେ ସ୍ତମ୍ଭରେ ପରିଲକ୍ଷିତ ହୁଏ ଏହା ହୁଏ ଅଧିକ ପ୍ରାମାଣିକ ଏବଂ ସାମାଜିକ ହିତିସାଧକ । ଏହା ସର୍ବଦା ନୂତନ ତଥ୍ୟ, ଯୁକ୍ତି ଏବଂ ସମସ୍ୟା ସମାଧାନର ସୂତ୍ରକୁ ଆଧାର ଆତ୍ମପ୍ରକାଶ କରିଥାଏ । ପରିମିତ ଭୂମି ଉପରେ ଏହାର ପରିକଳ୍ପନା ମାତ୍ର ମଣିଷ ଜୀବନ ତଥା ମଣିଷ ସମାଜର ବିଶାଳ ଦିଗ ଉପରେ ଏହାର ରହିଛି ଏକ ସୁଦୂର ପ୍ରସାରୀ ପ୍ରଭାବ । ମାତ୍ର ଏହି ସ୍ତମ୍ଭ ଏକ ସ୍ୱତନ୍ତ୍ର କାୟା ଧାରଣ କରିବା ପୂର୍ବରୁ ଏହା ପ୍ରଚ୍ଛଦରେ ରହିଛି ଏକ ନବଜାଗରଣ (Renaissance) ଅଥବା ବିବର୍ତ୍ତନର ଇତିହାସ ।

ସଂକ୍ଷେପରେ କହିଲେ ଯଦିଓ ଖବରକାଗଜ ପ୍ରକାଶନୀ ପରେ ଏହି ମାଟି ଉପରେ ଦଣ୍ଡାୟମାନ ସ୍ତମ୍ଭ ସାହିତ୍ୟ । କିନ୍ତୁ ଓଡ଼ିଶାରେ ପ୍ରାକ୍-ଖବରକାଗଜ ସମୟରୁ ହିଁ ଏହି ସ୍ତମ୍ଭ ପରି ଏକ ସ୍ୱତନ୍ତ୍ର ରଚନା ଶୈଳୀ ଭିତ୍ତିକ ସାହିତ୍ୟ ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ କେତେକ ପ୍ରମୁଖ ପତ୍ରିକାର ସମ୍ପାଦକଗଣ ଯଥା :- 'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କର 'ଉତ୍କଳ ଦୀପିକାର'ର

ଗୌରୀଶଙ୍କର ରାୟ, 'ପ୍ରଜାବନ୍ଧୁ' ଏବଂ 'ଉତ୍କଳମଧୁପ'ର ନୀଳମଣି ବିଦ୍ୟାରତ୍ନ, 'ସମ୍ବଲପୁର ହିତୈଷିଣୀ'ରାଜା ସାର୍ ବାସୁଦେବ ସୁଢଳ ଦେବ,'ଉତ୍କଳ ପୁତ୍ର'ର ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରମୁଖ । ଯଦିଓ ସମ୍ପାଦକୀୟ 'ସ୍ତମ୍ଭ' ନୁହେଁ । ମାତ୍ର ସ୍ତମ୍ଭ ରୂପକ ଏକ ସ୍ୱତନ୍ତ୍ର ରୂପ ରହିତ ସାହିତ୍ୟର ଉଦ୍‌ଘାଟନ ମୂଳରେ ରହିଛି ଏହି ମାନଙ୍କର ପ୍ରାଥମିକ ଅବଦାନ । ଯଦିଓ ଏକ ନିର୍ଦ୍ଦିଷ୍ଟ ନାମ, ଶୃଙ୍ଖଳା ତଥା ନିୟମଭିତ୍ତିକ ରଚନା ହେଉଛି 'ସ୍ତମ୍ଭ' ମାତ୍ର ଏଥିରେ ଗଣଜୀବନର ଏକ ବୃହତର ଦିଗ ପ୍ରତିଫଳିତ ହୋଇଥାଏ । ଆମେ କହିପାରିବା ସ୍ତମ୍ଭ ହେଉଛି ଏକ ଗଣଭିତ୍ତିକ ସାହିତ୍ୟ । ଏହା ଏକ ଅନ୍ତରଙ୍ଗ ଉପସ୍ଥାପନା ଶୈଳୀକୁ ନେଇ ଆତ୍ମପ୍ରକାଶ କରିଥାଏ ।

ଦୈନିକ ଖବରକାଗଜ ପ୍ରକାଶନ ସହ ବିଶେଷ ଭାବେ ସ୍ତମ୍ଭର ଜନ୍ମ ଲଗ୍ନ ଜଡ଼ିତ । ଦୈନିକ ଓଡ଼ିଆ ଖବରକାଗଜ ୧୯୧୯ ମସିହା ଅକ୍ଟୋବର ୪ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ 'ସମାଜ' ପ୍ରକାଶିତ ହେଲା । ଏଥିରେ ଗୋପବନ୍ଧୁଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ସମାଜ'କୁ ଗଢ଼ିବା । ସେହି ମୂଳମନ୍ତ୍ରକୁ ପାଥେୟ କରି ତାଙ୍କର ପରବର୍ତ୍ତୀ ଦାୟାଦମାନେ ସେହି ପ୍ରୟାସ ଏଯାବତ୍ ଜାରି ରଖିଛନ୍ତି । ଏହି 'ସମାଜ' ସମ୍ବାଦପତ୍ରଟି ହିଁ ସର୍ବପ୍ରଥମେ ଏକ ଅନୁକୂଳ ବାତାବାରଣ ସୃଷ୍ଟି କଲା ସମ୍ବାଦପତ୍ରରେ ସ୍ତମ୍ଭଧର୍ମୀ ଲେଖାମାନ ପ୍ରକାଶ ପାଇବା ନେଇ । ଯଦିଓ ପ୍ରାଥମିକ ଅବସ୍ଥାରେ ସ୍ତମ୍ଭର ଆକାର ଅଲଗା ଥିଲା, ରୂପ ଅଲଗା ଥିଲା କିନ୍ତୁ ପରେ ପରେ ଏହା ଏକ ସ୍ୱତନ୍ତ୍ର ତଥା ପରିମାର୍ଜିତ ରୂପ ଧାରଣ କଲା । ଏହାର ପରିସୀମା ତଥା ଆକାରରେ ସୀମାବଦ୍ଧତା ଦେଖାଦେଲା ।

ସ୍ତମ୍ଭର କଳେବର ଏବଂ ସ୍ୱତନ୍ତ୍ରତାର ପ୍ରସଙ୍ଗରେ ଭ୍ରମ ସୃଷ୍ଟି ହେବା ସ୍ଥଳେ 'ଶେଷସ୍ତମ୍ଭ'ର ସ୍ତମ୍ଭକାର ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସ୍ତମ୍ଭ' ପୁସ୍ତକସ୍ଥ ଭୂମିକାରୁ କିଛି ଉକ୍ତି ଏଠାରେ ଉଦ୍ଧାର କରାଯାଇ ଉକ୍ତ ଭ୍ରମକୁ ସଂକୁଚିତ କରାଯାଇପାରେ । ଯାହା ସେ ସମ୍ବାଦ ଖବରକାଗଜ ପୃଷ୍ଠାରେ ପ୍ରକାଶିତ ତାଙ୍କ ଶେଷସ୍ତମ୍ଭ ଶୀର୍ଷକ ସମ୍ପର୍କରେ ମତ ପୋଷଣ କରି କହିଛନ୍ତି । ସେ କହୁଛନ୍ତି :- "ସାହିତ୍ୟ ପୃଷ୍ଠାର ପ୍ରଥମ ସଂଖ୍ୟାରେ ହଠାତ୍ ଆଠ / ଦଶ କଲମ ଇଂଚ ସ୍ଥାନ ପାଇଁ ଗଦ୍ୟ ଲେଖାଟିଏ ପ୍ରୟୋଜନ ପଡ଼ିଲା । ମୋର ସହକାରୀ ମତେ ଆସି କହିଲେ," ଏତେ ଛୋଟ ଗଦ୍ୟ ଲେଖାଟିଏ ବା କାହିଁ ? ବରଂ କବିତାଟିଏ ଦେଇ ଦେଉଛି ।" ମୁଁ ତାଙ୍କୁ ଉତ୍ତର ଦେଲି ମୋ, "ମୋର ନିଷ୍ପତ୍ତି ଅପରିବର୍ତ୍ତନୀୟ । କବିତାଟିଏ ଶୂନ୍ୟସ୍ଥାନ ପୂରଣ ପାଇଁ ସେଠାରେ ଛପାଇ ଦେଲେ, କବିତାର ଅମର୍ଯ୍ୟାଦା ହେବ ।" ସହକାରୀ କହିଲେ, "ତାହାଲେ ଆପଣ ସେହି ସ୍ଥାନ ପାଇଁ ଲେଖାଟିଏ ଦିଅନ୍ତୁ ।"

('ଶେଷସ୍ତମ୍ଭ' ପୁସ୍ତକର ଭୂମିକାରୁ ଗୃହୀତ)

ଅର୍ଥାତ୍ ଏଥିରୁ ସ୍ପଷ୍ଟ ଖବରକାଗଜରେ ଆଠ / ଦଶ କଲମ ଇଂଚ ସ୍ଥାନ ପାଇଁ ଯେଉଁ ଗଦ୍ୟ ଲେଖାଟି ପ୍ରକାଶପାଏ ତାହା ହିଁ ପ୍ରକୃତରେ ସ୍ତମ୍ଭର ପଦବାଚ୍ୟ । ପୁନଶ୍ଚ ସେ 'ଶେଷସ୍ତମ୍ଭ' ଭୂମିକାରେ କହୁଛନ୍ତି :- "ସମାଲୋଚକମାନେ 'ଶେଷସ୍ତମ୍ଭ'ର ଲେଖାଗୁଡ଼ିକୁ କେଉଁ ଶ୍ରେଣୀ (Genre) ରୂପେ ଗ୍ରହଣ କରିବେ, ତାହା କହିବା ମୋ ପକ୍ଷରେ କଠିନ । ଏସବୁ ପ୍ରବନ୍ଧ ବା ମିତ-ପ୍ରବନ୍ଧ ନୁହେଁ । କାରଣ ଏଥିରେ କୌଣସି ତତ୍ତ୍ୱକୁ ପ୍ରତିପାଦିତ କରିବାର ଉଦ୍ୟମ ନାହିଁ । ଏସବୁ ମଧ୍ୟ ରମ୍ୟରଚନା ଶ୍ରେଣୀର ନୁହେଁ । କାରଣ ଏଥିରେ ରମ୍ୟତା ବା ଚଟୁଳତାର ଘୋର ଅଭାବ ।"

('ଶେଷସ୍ତମ୍ଭ' ପୁସ୍ତକର ଭୂମିକାରୁ ଗୃହୀତ)

ଯେଉଁଥିରୁ ସ୍ତମ୍ଭ ସମ୍ପର୍କିତ ଆମର ଅବଧାରଣା ସ୍ପଷ୍ଟ ହୁଏ । ଆଲୋଚକ ବେଣୁଧର ପାଢ଼ୀ 'ସ୍ତମ୍ଭ ରଚନାର କଳା' ଶୀର୍ଷକ ପ୍ରବନ୍ଧରେ କୁହନ୍ତି ଯେ କି:- "ସ୍ତମ୍ଭ ହେଉଛି ଏକ ପରିମିତ,ଶୃଙ୍ଖଳିତ ଏବଂ ଏକ ପ୍ରସଙ୍ଗ ଭିତ୍ତିକ ନିର୍ଦ୍ଦିଷ୍ଟ ରଚନା, ଯାହା ଏକ ସ୍ୱତନ୍ତ୍ର ଆବେଦନକୁ ଉପସ୍ଥାପିତ କରିଥାଏ ।" ('ପ୍ରାୟୋଗିକ ଭାଷା ଓ ସୃଜନ କ୍ରିୟା'-ବେଣୁଧର ପାଢ଼ୀ-ପୃ-୨୫୭)

ଇଂରାଜୀରେ ସ୍ତମ୍ଭର ସଂଜ୍ଞା ହେଉଛି:- "A Column is a recurring piece or article in a newspaper,magazine or other publication where a writer expresses there own opinion in few columns allotted to them by the newspaper organization."

ଖବର କାଗଜ ପୃଷ୍ଠାରେ ବାହାରୁ ଥିବା ସ୍ୱତନ୍ତ୍ର ଆଲେଖ୍ୟକୁ ଆମେ ଓଡ଼ିଆରେ ମୁଖ୍ୟତଃ ସ୍ତମ୍ଭ ରୂପେ ଅଭିହିତ କରିଥାଉ । ଏହାର ଇଂରାଜୀ ପ୍ରତିଶବ୍ଦ ରୂପେ ଆମେ 'Column' କୁ ବୁଝୁ । ସର୍ବପ୍ରଥମେ ଏହି ଶବ୍ଦଟି ଖ୍ରୀଷ୍ଟପୂର୍ବ ୧୨ଶହ ଶତାବ୍ଦୀରେ ପୁରାତନ ପ୍ରାନ୍ସ ଶବ୍ଦ 'Colomb'ରୁ ଉତ୍ପତ୍ତି ଲାଭ କରିଥିଲା ଏହାର ଅର୍ଥ ସମ୍ବାଦପତ୍ରରେ ଉପରୁ ତଳକୁ ଖମ୍ବାକୃତି ରୂପେ ଲେଖା ଯାଉଥିବା ଲେଖାର ବିନ୍ୟାସ ସମାନ୍ତର (Horizontal) ନ ହୋଇ ହୋଇଥାଏ ଶୃଙ୍ଖଳିତ (Vertical) ଭାବେ ଉପସ୍ଥାପିତ ହୋଇଥାଏ । ସ୍ତମ୍ଭ ହେଉଛି ଖବରକାଗଜରେ ଆବଶ୍ୟକୀୟ ତଥ୍ୟକୁ ନେଇ ବାହାରୁ ଥିବା ଲେଖା । ଏହାକୁ ଥାଏ ଏକ ସୁନିର୍ଦ୍ଦିଷ୍ଟ ବିଷୟ । ଯେଉଁଥିରେ ନିଜସ୍ୱ ମତ ରଖିବାର ଅଧିକାର ଥାଏ ସ୍ତମ୍ଭକାରଙ୍କର । ଏହି ପରିପ୍ରେକ୍ଷୀରେ

ଏକଦା 'ସ୍ତମ୍ଭ ହିଁ ମାଧ୍ୟମ' ଶୀର୍ଷକରେ ବାଂଛାନିଧି ମହାନ୍ତି କହିଥିଲେ ସମ୍ବାଦପତ୍ରରେ ସାହିତ୍ୟିକ ଛଟାରେ ନିଜ ଭାବଧାରା ପରିବେଷଣର ଇତିହାସ ସ୍ରଷ୍ଟା ହରେକୃଷ୍ଣ ମହାତାବ ଓ ନିତ୍ୟାନନ୍ଦ ମହାପାତ୍ର । ଏମାନେ ସର୍ବଭାରତୀୟ ସ୍ତରରେ ସ୍ତମ୍ଭ ଲେଖକ ଗିରିଧର ଜୈନ, ଚଂଚଳ ସରକାର, କୁଲଦିପ୍ ନାୟାର, ଆଦିଙ୍କର ପଦାଙ୍କ ଯେ ଅନୁସରଣ କରିଛନ୍ତି ଏଥିରେ ସନ୍ଦେହ ନାହିଁ । ଆମେ ଜାଣିଛନ୍ତି ସ୍ତମ୍ଭ ସର୍ବଦା ଏକ ସାମାଜିକ ଆବେଦନକୁ ବହନ କରିଥାଏ । ସ୍ତମ୍ଭରେ କଳ୍ପନା ନଥାଏ, ଛଳନା ନଥାଏ ଥାଏ ସତ୍ୟର ପରିପ୍ରକାଶ । ବାଂଛାନିଧି ମହାନ୍ତିଙ୍କ ସ୍ତମ୍ଭର ସଂଜ୍ଞା ନିରୂପଣ କରିନାହାନ୍ତି ସତ ମାତ୍ର ତାଙ୍କ ପରୋକ୍ଷ ଉକ୍ତିରୁ ଉପଲବ୍ଧି କରିହୁଏ ଯେ ସେ ସ୍ତମ୍ଭ କହିଲେ ମୁଖ୍ୟତଃ ବୁଝାଯାଏ ସାହିତ୍ୟିକ ଛଟାରେ ସତ୍ୟର ପରିପ୍ରକାଶ କରିବା ନିମନ୍ତେ ରଚିତ ସାହିତ୍ୟ ଯାହା ସମ୍ବାଦପତ୍ରରେ ହିଁ ପ୍ରକାଶିତ ହୋଇଥିବ ଏବଂ ସମ୍ବାଦପତ୍ରରେ ପ୍ରକାଶ ପାଇବା ପାଇଁ ଏହା ଉଦ୍ଦିଷ୍ଟ ତଥା ସମ୍ବାଦପତ୍ର ନିମନ୍ତେ ଉକ୍ତ ସାହିତ୍ୟର ପରିକଳ୍ପନା । ସୁତରାଂ ଉକ୍ତ ସ୍ୱତନ୍ତ୍ର ଧରଣର ସାହିତ୍ୟର ନାମ ସ୍ତମ୍ଭ ।

ଗୋଟିଏ ଖବରକାଗଜର ଗୋଟିଏ ପୃଷ୍ଠାର ଏକ ତୃତୀୟାଂଶ ଜାଗାରୁ ଅଧିକ ଜାଗା ନଥାଏ ସ୍ତମ୍ଭ ପାଇଁ । ସ୍ତମ୍ଭ ସର୍ବଦା ସଂକ୍ଷିପ୍ତ ହେବା ସହ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଭିତ୍ତିକ ହୋଇଥାଏ । ଖବରକାଗଜର ପ୍ରସାରକୁ ଆଖିରେ ରଖି ଦେଖିଲେ ସ୍ତମ୍ଭ ସାହିତ୍ୟର ପାଠକ ସଂଖ୍ୟା ଅଧିକ ଅନ୍ୟାନ୍ୟ ସାହିତ୍ୟ ଠାରୁ । ଏହାର ପ୍ରଭାବ ଶକ୍ତିଶାଳୀ । ଯାହାଫଳରେ ଅନେକ ସମୟରେ ସ୍ତମ୍ଭକାରଙ୍କୁ ଧମକପୂର୍ଣ୍ଣ ମନ୍ତବ୍ୟ ମଧ୍ୟ ଶୁଣିବାକୁ ପଡ଼େ । ଯାହାର ନମୁନା ଆମେ ନିମ୍ନୋକ୍ତ ଉଦ୍ଧୃତିରେ ଦେଖିପାରିବା । ଯେମିତିକି 'ସମାଜ' ଖବରକାଗଜରେ ଝିଟିପିଟି ଛଦ୍ମନାମରେ ରାଧାନାଥ ରଥ 'ଝିଟିପିଟି କହେ' ସ୍ତମ୍ଭ ରଚନା କରୁଥିଲେ ଯେଉଁଥିପାଇଁ ତାଙ୍କୁ ଅନେକ ଥର ହତ୍ୟା ଧମକ ଶୁଣିବକୁ ହେଇଛି । ଏକଦା ସେ ବୁର୍ଲା ଇଂଜିନିୟରିଂ କଲେଜ ଛାତ୍ରମାନଙ୍କ ହତ୍ୟାକାଣ୍ଡର କାହାଣୀ ସେ 'ସମାଜ'ରେ ପ୍ରକାଶ କରିଥିବାରୁ ତାଙ୍କୁ ଏପରି ଶୁଣିବାକୁ ହୋଇଥିଲା:-

"ପ୍ରାପ୍ତି ସ୍ୱୀକାର ତା ୩୦/୦୭/୮୪

ରାଧାନାଥ ବାବୁ,

ଆପଣଙ୍କ 'ସମାଜ' ପଢ଼ି ମୁଁ ନିମ୍ନଲିଖିତ ଚେତାବନୀ ଆପଣଙ୍କୁ ଦେବାକୁ ଉଚିତ୍ ମନେ କରୁଛି ଗତ କିଛିଦିନ ହେଲା ବୁର୍ଲା ଘଟଣାକୁ ଅପପ୍ରଚାର କରି ଆମ ଦଳର ଭାବମୂର୍ତ୍ତିକୁ ନଷ୍ଟ କରୁଛନ୍ତି । ଆସନ୍ତା ନିର୍ବାଚନରେ ଶାସକ ଦଳକୁ ଗାଦିଚ୍ୟୁତ କରିବାକୁ ଯେଉଁ ଚକ୍ରାନ୍ତ ଆପଣ କରୁଛନ୍ତି ତା'ର ଠିକଣା ଜବାବ ଦିଆଯିବ ଠିକଣା ସମୟରେ । ଏ ପତ୍ର ପାଇବାର ୫ ଦିନ ଭିତରେ ଆମ ଦଳ ବିରୁଦ୍ଧରେ ପ୍ରଚାର ବନ୍ଦ ନକରନ୍ତି ତେବେ ଆପଣଙ୍କ ମର ଶରୀରରକୁ ମଧ୍ୟ ଆପଣଙ୍କ ବଂଶଧରମାନେ ଦେଖିବାକୁ ପାଇବେ ନାହିଁ ।"

('ଝିଟିପିଟି କହେ'-ପ୍ରମୋଦ କୁମାର ମହାପାତ୍ର (ସଂ), ପୃ - ୪୦୨)

ତେବେ ସ୍ତମ୍ଭ ସାହିତ୍ୟର ସୂତ୍ରଧର ରୂପେ ଆମେ ଯାହାଙ୍କୁ ପ୍ରଥମେ ସ୍ମରଣ କରୁ ସେ ହେଉଛନ୍ତି ଗୋପବନ୍ଧୁ ଦାସ । ସର୍ବପ୍ରଥମେ ସେ ନିଜର ସ୍ୱପ୍ରକାଶିତ 'ସମାଜ' ଖବରକାଗଜରେ ଜାତୀୟତା, ଶିକ୍ଷା ଓ ରାଜନୀତି ଆଦି ପ୍ରସଙ୍ଗକୁ କେନ୍ଦ୍ରକରି ସ୍ତମ୍ଭ ଲେଖିବାର ଏକ ନୂତନ ପରମ୍ପରା ଆରମ୍ଭ କଲେ ଏବଂ ତାଙ୍କ ପରେ ହରେକୃଷ୍ଣ ମହତାବ ଦୈନିକ 'ପ୍ରଜାତନ୍ତ୍ର' (୧୯୪୭, ୮ ଅଗଷ୍ଟ) ତାଙ୍କ ରଚିତ ସ୍ତମ୍ଭ 'ଗାଁ ମଜ୍‌ଲିସ୍' ହେଉଛି ସ୍ତମ୍ଭର ପ୍ରକୃତ ସଂଜ୍ଞା ବହନ କରୁଥିବା ପ୍ରଥମ ସ୍ତମ୍ଭ ମାତ୍ର ଏହାର ବହୁ ପୂର୍ବରୁ ସ୍ତମ୍ଭର ଆଦ୍ୟ ବିନ୍ଦୁ ଅଙ୍କୁରିତ ହୋଇଥିଲା ଯାହାର ଏକ ପ୍ରକୃଷ୍ଟ ଉଦାହରଣ ଭାବେ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଡ଼ଗର' (୧୯୩୭) ରେ ଧାରାବାହିକ ଭାବେ ସମ୍ପାଦକୀୟରେ ପ୍ରକାଶ ପାଉଥିବା 'ବିଲୁଆ ବିଚାର'କୁ ନିଆଯାଇପାରେ ।

(୩) ପ୍ରବାସୀ ଓଡ଼ିଆ ସ୍ତମ୍ଭକାର :

ସାହିତ୍ୟରେ 'ପ୍ରବାସୀ'ର ପ୍ରସଙ୍ଗ ଆସିଲେ ଗୋଟିଏ କଥା ସ୍ୱତଃ ମନକୁ ଆସେ ଯେକୌଣସି ସାହିତ୍ୟକୁ ଆମେ 'ପ୍ରବାସୀ ସାହିତ୍ୟ' ରୂପେ ସେତେବେଳେ ଅଭିହିତ କରିଥାଉ, ସ୍ୱ-ଜନ୍ମଭୂମିରୁ ଦୂରରେ ରହି ଯଦି କୌଣସି ଲେଖକ ଜନ୍ମଭୂମିର ଭାଷା, ସାହିତ୍ୟ,ସମାଜ କିମ୍ବା ସମାଜ ସଚେତନତା ପ୍ରତି ସମ୍ବେଦନଶୀଳ ତଥା ଯତ୍ନଶୀଳ ନିଜକୁ ମନେକରି ପ୍ରବାସରେ ଥାଇ ମଧ୍ୟ ନିଜର ସୃଜନକର୍ମ ଜାରି ରଖିଥାନ୍ତି । ଏହି 'ପ୍ରବାସୀ ସାହିତ୍ୟ'କୁ ଆମେ ଦୁଇ ଭାଗରେ ବିଭକ୍ତ କରିପାରିବା । ପ୍ରଥମତଃ ପ୍ରବାସରେ ରହି ରଚନା କରୁଥିବା ସାହିତ୍ୟ ଦ୍ୱିତୀୟତଃ ପ୍ରବାସରୁ ଫେରି ରଚନା କରୁଥିବା ସାହିତ୍ୟ । ଯେହେତୁ ଏ ଉଭୟ ସାହିତ୍ୟ କୃତିରେ ଥାଏ ପ୍ରବାସର ପ୍ରତ୍ୟକ୍ଷ ଅନୁଭବ ଏବଂ ଦୃଷ୍ଟିକୋଣ ଏ ଉଭୟ ସାହିତ୍ୟ ତେଣୁ ପ୍ରବାସୀ କଲମର ସାହିତ୍ୟ । ଏହି ବିଚାରରେ ସ୍ତମ୍ଭ ସାହିତ୍ୟକୁ ବିଚାର କଲେ ଆମେ ଦେଖୁ ଓଡ଼ିଶା ବାହାରେ ଏବଂ ଭାରତ ବାହାରେ ରହି ଏକାଧିକ ସ୍ତମ୍ଭକାର ଓଡ଼ିଶାର ଖବରକାଗଜ ପାଇଁ ସ୍ତମ୍ଭ ଲେଖିଛନ୍ତି ଏବଂ ଲେଖୁଛନ୍ତି ।

ଏକାଧିକ ପ୍ରଭାଗର ସ୍ତମ୍ଭ ମଧ୍ୟରୁ ପ୍ରବାସୀ ଓଡ଼ିଆ ସ୍ତମ୍ଭକାରମାନଙ୍କ ଦ୍ୱାରା ରଚିତ ଓଡ଼ିଆ ସ୍ତମ୍ଭ ବିଶେଷ ଭାବରେ ଓଡ଼ିଆ ସ୍ତମ୍ଭ ସାହିତ୍ୟର ପରମ୍ପରାରେ ଏକ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ । ସ୍ତମ୍ଭକାରଙ୍କ ହସ୍ତରେ ଅନେକାଂଶରେ ସମାଜର ସଦ୍ୟ ଆବଶ୍ୟକତା ଏବଂ ତାର ଆଶୁ ସମାଧାନର ସୂତ୍ର ଥାଏ । ସେହି ହେତୁ ସ୍ତମ୍ଭକାର ହେଉଛନ୍ତି ଏକମାତ୍ର ସ୍ରଷ୍ଟା ଯିଏ କଲମରେ ତତ୍କାଳୀନ ସମସ୍ୟାକୁ ପ୍ରତିବାଦ ଏବଂ ସମାଧାନର ମନ୍ତ୍ର ସ୍ୱକୃତ ସ୍ତମ୍ଭରେ ପ୍ରଦାନ କରିଥାନ୍ତି ।

ସ୍ତମ୍ଭକାରଙ୍କ ନିକଟରେ ଥାଏ ଅଧିକ ଜାତି ପ୍ରୀତି ଏବଂ ମାଟି ମୋହ । ଯାହାଫଳରେ ସେ ସେ ଜନ୍ମଭୂମି ଠାରୁ ଦୂରରେ ରହି ନିଜ ଜାତିର ଅସ୍ମିତା ପ୍ରତି ଥାଆନ୍ତି ଶତତ ଚିନ୍ତା ପାରାୟଣ । ତେବେ ଏହି ପରିପ୍ରେକ୍ଷୀରେ ବିଚାର କଲେ ଯଦିଓ କେତେଜଣ ପ୍ରମୁଖ ସ୍ତମ୍ଭକାର ପ୍ରବାସରେ ଥିବା ବେଳେ ଅଥବା ପ୍ରବାସରେ ଥାଇ ଖବରକାଗଜ ପୃଷ୍ଠାରେ ସ୍ତମ୍ଭ ଲେଖି ଓଡ଼ିଆ ଖବରକାଗଜକୁ ସମୃଦ୍ଧ କରିଛନ୍ତି । କେତେକଙ୍କ ସ୍ତମ୍ଭରେ ଓଡ଼ିଆ ଜୀବନ ଜାତିର ବିଷୟ ପ୍ରତିଫଳିତ ହେଉଥିବା ବେଳେ ଆଉ କେତେକଙ୍କ ସ୍ତମ୍ଭରେ 'ପ୍ରବାସ'ର ଚିତ୍ର ପ୍ରତି'ଳିତ ମାତ୍ର ଏ ସମସ୍ତ ସ୍ତମ୍ଭଗୁଡ଼ିକ ଓଡ଼ିଆ ଖବରକାଗଜରେ ପ୍ରକାଶିତ । ତେବେ ଏହି ସ୍ତମ୍ଭମାନଙ୍କ ମଧ୍ୟରୁ ସେହି ସ୍ତମ୍ଭଗୁଡ଼ିକ ଅଧିକ ଶକ୍ତିଶାଳୀ ମନେହୁଏ ଯେଉଁ ଗୁଡ଼ିକରେ ଜାତୀୟ ଜୀବନ ତଥା ମାତୃଭୂମିର ବିକାଶ ଏବଂ ସମୃଦ୍ଧିର ବାର୍ତ୍ତା ନିହିତ ଥାଏ । ଏ ଭିତରୁ ରାଧାନାଥ ରଥ (୮ ଫେବୃଆରୀ ୧୯୨୦- ୨୯ ଅକ୍ଟୋବର ୨୦୧୪)ଙ୍କ 'ବିଲାତ ଡ଼ାଏରୀ' (୧୯୪୬- ୪୯ ଇଂଲଣ୍ଡ ରହଣି ଆଧାରିତ)ସ୍ତମ୍ଭ ଯାହା 'ସମାଜ' ଖବରକାଗଜର ଦୈନିକ ସ୍ତମ୍ଭରେ ପ୍ରକାଶିତ । ଯାହା ୨୦ ଗୋଟି ପରିଚ୍ଛେଦରେ ବିଭାଜିତ । ସେ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ମନସ୍ତତ୍ତ୍ୱବିତ୍ ଭାବରେ ପରିଚିତ ଏବଂ ସର୍ବପ୍ରଥମେ ସେ ଅଧ୍ୟାପକ ଭାବେ ରେଭେନ୍ସା କଲେଜରୁ କାମ ଆରମ୍ଭ କରିଥିଲେ । ତାଙ୍କରି ପ୍ରଚେଷ୍ଟାରେ ହିଁ ପ୍ରଥମେ ରେଭେନ୍ସାରେ ମନସ୍ତତ୍ତ୍ୱ ବିଭାଗ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ବିଭାଗ ଖୋଲାଇ ଥିଲା । ଏହାପରେ ୧୯୪୯ ମସିହାରେ ସେ ପ୍ରଥମ ଓଡ଼ିଆ ଭାବେ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ମନସ୍ତତ୍ତ୍ୱରେ ଡକ୍ଟରେଟ ଡିଗ୍ରୀ ଲାଭ କରିଥିଲେ ।

'ବିଲାତ ଡ଼ାଏରୀ' ସଂକଳନସ୍ଥ ପ୍ରତ୍ୟେକଟି ସ୍ତମ୍ଭାଲେଖ୍ୟରେ ମୁଖ୍ୟ ବିଶେଷତ୍ୱ ହେଉଛି ଏଥିରେ ସେ ଭାରତୀୟ ବିଧି ବ୍ୟବସ୍ଥା ସହ ପ୍ରବାସ ଅର୍ଥାତ୍ ବିଲାତର ବିଧି ବ୍ୟବସ୍ଥାର ଏକ ସୂକ୍ଷ୍ମ ତୁଳନାତ୍ମକ ବିଶ୍ଳେଷଣ ଏଥିରେ ପ୍ରଦାନ କରିଛନ୍ତି । ଉଭୟ ଭଲ ଏବଂ ମନ୍ଦ ଉଭୟ ଦିଗ ଉପରେ ସ୍ତମ୍ଭକାର ଶ୍ରୀ ରଥ ଆଲୋକପାତ କରିଛନ୍ତି । ସ୍ତମ୍ଭ 'ବିଲାତ ନାରୀ-ଶିକ୍ଷା ସ୍ୱାଧିନତା-କର୍ମକୁଶଳତା'ରେ ସେ କହୁଛନ୍ତି:- "ଯୁଦ୍ଧ ସମୟରେ ସେଠାକାର ସ୍ତ୍ରୀଲୋକମାନେ ଯେପରି କାମ କରିଥିଲେ, ଆମେମାନେ କଳ୍ପନା କରିପାରିବୁ ନାହିଁ । ନିଆଁ ଲିଭାଇବା, ରାସ୍ତା ସଫା କରିବା, ରୋଗୀମାନଙ୍କୁ ଡ଼ାକ୍ତରଖାନା ନେବା ଠାରୁ ଆରମ୍ଭକରି ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ ପ୍ରକାର କାମ ସ୍ତ୍ରୀ ଲୋକମାନେ କରି ପାରୁଥିଲେ । ଆମ ଦେଶ ହୋଇଥିଲେ ଯେ ନିଶ୍ଚୟ ପରାସ୍ତ ହୋଇଥାଆନ୍ତା ଏଥିରେ ସନ୍ଦେହ ନାହିଁ ।" ('ବିଲାତ ଡ଼ାଏରୀ'-ପୃ-୯୨) ଏହା ମାଧ୍ୟମରେ ସେ ଭାରତୀୟ ସମାଜକୁ ବିଶେଷ କରି ନାରୀମାନଙ୍କୁ ଅନୁରୂପେ ଏକ ଶିକ୍ଷା ପ୍ରଦାନ କରୁଛନ୍ତି ଯେ ଆମକୁ ପାଶ୍ଚାତ୍ୟ ଦେଶମାନଙ୍କ ପରି ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କୃଷ୍ଟତା ପ୍ରତିପାଦନ କରିବାକୁ ହେଲେ ସର୍ବପ୍ରଥମେ ନାରୀମାନଙ୍କୁ ହିଁ ଅଗ୍ରଗାମୀ ହେବାକୁ ହେବ । ସେହିପରି 'ଖବରକାଗଜ' ଶୀର୍ଷକସ୍ଥ ସ୍ତମ୍ଭରେ ସ୍ତମ୍ଭକାର ଦର୍ଶାଇଛନ୍ତି:- "ବିଲାତରେ ଖବରକାଗଜ ଗୋଟିଏ ପ୍ରଧାନ ବ୍ୟବସାୟ । ସମସ୍ତେ ଚଉଦ ପନ୍ଦର ବର୍ଷ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଶିକ୍ଷା ପାଇଥିବାରୁ ଖବରକାଗଜ ପଢ଼ିବାରେ କୌଣସି ଅସୁବିଧା ହୋଇନଥାଏ । ଜଣାଯାଏ ଯେ ଶତକରେ ପଂଚାନବେ ଭାଗ ଲୋକ ଖବରକାଗଜ କିଣିଥାନ୍ତି ।"

('ବିଲାତ ଡ଼ାଏରୀ'-ପୃ-୧୧୬)

ଆଧୁନିକ ସମାଜର ଗଣଶିକ୍ଷା ପାଇଁ ସର୍ବପ୍ରଥମ ଆନୁସଙ୍ଗିକ ହେଉଛି ଖବରକାଗଜ ତେବେ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ଠାରୁ ଏହି ଶିକ୍ଷା ଭାରତ ଶିଖିବା ଉଚିତ । ସବୁଠାରୁ ଆକର୍ଷଣୀୟ ତଥା ବିଚାର ଯୋଗ୍ୟ କଥା ହେଉଛି ଉକ୍ତ 'ଖବରକାଗଜ' ଶୀର୍ଷକ ସ୍ତମ୍ଭରେ ସ୍ତମ୍ଭକାର ରାଧାନାଥ ରଥ ବିଲାତର ଖବରକାଗଜରେ ପ୍ରକାଶିତ ଲେଖାମାନଙ୍କ ସମ୍ପର୍କରେ ଉକ୍ତ ସ୍ତମ୍ଭରେ ଆଲୋଚନା କରିବା ପ୍ରସଙ୍ଗରେ କହୁଛନ୍ତି:- "ଶ୍ରମିକ ଦଳର ମୁଖପତ୍ର 'ଡ଼େଲି ହେରାଲଡ଼' ଯାହାର କାଟତି ଦିନକୁ ୨୧ ଲକ୍ଷ ୪୦ ହଜାର ଡ଼ନାଲଡ଼ସନ୍ (ଜଣେ ସାଧାରଣ ଲୋକ ମାତ୍ର)ର ଛାଡ଼ପତ୍ର କଳଙ୍କ ବିଷୟରେ ଏବଂ ତାର ପୂର୍ବ ଓ ପର ସ୍ତ୍ରୀର ଫୋଟ ସହ ବିଶଦ ବିବରଣୀ ୧୨ଇଂଚ (ସ୍ତମ୍ଭ ଧାଡ଼ିର ମାପ) ବାହାରି ଥିବା ସ୍ଥଳେ ଚାଇନାର ଗୃହଯୁଦ୍ଧ ବନ୍ଦ ବିଷୟରେ ଚାଏଙ୍ଗକାଇଶେକଙ୍କର ସନ୍ଧି ପ୍ରସ୍ତାବ ବିଷୟରେ ଦେଢ଼ ଇଂଚ (ସ୍ତମ୍ଭ ଧାଡ଼)ସ୍ଥାନ ଦିଆଯାଇଥାଏ ।" ('ବିଲାତ ଡ଼ାଏରୀ'-ପୃ-୧୧୯) ଉପରୋକ୍ତ ଉଦ୍ଧୃତିରୁ ସ୍ପଷ୍ଟ ଆକଳନ କରିହୁଏ ଯେ ସ୍ତାମ୍ଭିକ ରଥଙ୍କର ସ୍ତମ୍ଭ ରଚନା ଏବଂ ସ୍ତମ୍ଭର ଆକାର ତଥା ପରିସର ସମ୍ପର୍କରେ ଯଥେଷ୍ଟ ବୋଧ ଶକ୍ତି

ଥିଲା । 'ପ୍ରବାସ'ରେ ରଚିତ ସ୍ତମ୍ଭ ଗୁଡ଼ିକର ସ୍ୱତନ୍ତ୍ରତା ହେଉଛି ଅନ୍ୟାନ୍ୟ ସ୍ତମ୍ଭାଲେଖ୍ୟରେ ଆମେ ଯେକୌଣସି ସମସ୍ୟା ଏବଂ ତାର ସମାଧାନର ଏକ ଆନୁମାନିକ ସମାଧାନର ସୂତ୍ର ଆମେ ପାଇଥାଉ ମାତ୍ର ପ୍ରବାସୀ ସ୍ତମ୍ଭକାରମାନଙ୍କ ସ୍ତମ୍ଭରେ ଥିବା ସମାଧାନ ଅଧିକ ଯୁକ୍ତିଯୁକ୍ତ ଏବଂ ଅନୁଭବସିଦ୍ଧ କାରଣ ଏଥିରେ ଥାଏ ତାଙ୍କର ପ୍ରତ୍ୟେକ୍ଷ ଅନୁଭବ ଏବଂ ଅନୁଭୂତି । ଏତଦ୍ ବ୍ୟତୀତ ସଂକଳନସ୍ଥ ଆଉ ଶକ୍ତିଶାଳୀ ସ୍ତମ୍ଭ ହେଉଛି 'ଇଂଲଣ୍ଡରେ ଭାରତୀୟ' ଯେଉଁଥିରେ କି ସ୍ତମ୍ଭକାର ଇଂଲଣ୍ଡରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ସେ କହିଛନ୍ତି ଶିକ୍ଷା, ବ୍ୟବସାୟୀ, ସରକାରଙ୍କ ପ୍ରେରିତ ପ୍ରତିନିଧି ଦଳଙ୍କୁ ଛାଡ଼ି ଇଂଲଣ୍ଡରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଡାକ୍ତରଙ୍କ ସଂଖ୍ୟା ଅଧିକ ।

ସେହିପରି ଶ୍ରୀ ଗୋଲୋକ ବିହାରୀ ଧଳ (୧୫ ଡ଼ିସେମ୍ବର ୧୯୨୧- ୨୪ ଜୁନ୍ ୧୯୭୪)ଙ୍କ 'ଲଣ୍ଡନ ଚିଠି' ଯାହା ଦୈନିକ 'ପ୍ରଜାତନ୍ତ୍ର'ରେ ସ୍ତମ୍ଭାକାରରେ ପ୍ରଥମେ ପ୍ରକାଶିତ ଏବଂ ଏଥିରେ ୩୭ଗୋଟି ପରିଚ୍ଛେଦ ରହିଛି । ଏ ଭିତରୁ 'ସାହେବୀ ଶିଷ୍ଟାଚାର' ଶ୍ରୀଯୁକ୍ତ ଧଳଙ୍କ ମନ୍ତବ୍ୟ ଜାତି ନିମନ୍ତେ ଖୁବ୍ ଆବଶ୍ୟକ ଯେ :- "ସହାନୁଭୂତି ସମବେଦନା ସଭ୍ୟତାର ଚରମ ଲକ୍ଷଣ । ଦରିଦ୍ର ଅଶିକ୍ଷିତ ଦେଶରେ ତାର ଅଭାବ ଖୁବ୍ ବେଶି ।" ('ଲଣ୍ଡନ ଚିଠି'-ପୃ-୪୮) ଏଠାରେ ଦରିଦ୍ର ଅଶିକ୍ଷିତ ଦେଶ ହେଉଛି ଭାରତ ଏବଂ ସହାନୁଭୂତି ସମବେଦନା ରହିତ ଦେଶ ହେଉଛି ଇଂଲଣ୍ଡ । ପ୍ରବାସରେ ରହି ନିଜର ପ୍ରତ୍ୟେକ୍ଷ ଅନୁଭବକୁ ଉକ୍ତ ସ୍ତମ୍ଭ ମାଧ୍ୟମରେ ଶ୍ରୀଯୁକ୍ତ ଧଳ ବ୍ୟକ୍ତ କରୁଛନ୍ତି ଯେ ସହାନୁଭୂତି ସମବେଦନା କିପରି ଏକ ରାଷ୍ଟ୍ରର ଜାତୀୟ ଉନ୍ନତି ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ ଯାହା ଆମ ଦେଶରେ ଘୋର ଅଭାବ ଏବଂ ଏହି ପରିପ୍ରେକ୍ଷୀରେ ସେ କୁହନ୍ତି:- "ଆମ ଦେଶରେ ଠାକୁର ଠାକୁରାଣୀଙ୍କୁ ସିନା ଛେଳିମେଣ୍ଢାଙ୍କ ରକ୍ତ ଦିଅନ୍ତି, ସାଧାରଣ ଜୀବନ ପାଇଁ ରକ୍ତ ଦେବ କିଏ ?" ('ଲଣ୍ଡନ ଚିଠି'-ପୃ-୪୮) ଏହା ମଧ୍ୟ 'ବିଲାତ ଡ଼ାଏରୀ' ପରି ଏକ ଶକ୍ତିଶାଳୀ ସ୍ତମ୍ଭ । ଯଦି କେହି ଏହି ରଚନା ଗୁଡ଼ିକୁ କେବଳ ଭ୍ରମଣ କାହାଣୀ କହି ଏହାକୁ ସୀମାବଦ୍ଧ କରି ଦିଅନ୍ତି ତାହା ଆଦୌ ଗ୍ରହଣ ଯୋଗ୍ୟ ନୁହେଁ କାରଣ ଉକ୍ତ ରଚନାଗୁଡ଼ିକରେ ଭ୍ରମଣ କାହାଣୀ କହିବାର ପ୍ରବାହ (Flow) କମ୍ ଦେଖାଯାଏ ଏବଂ ଜଣେ ସଚେତନ ସ୍ତମ୍ଭକାରର ଦାୟିତ୍ୱ (Responsibility) ଅଧିକ ବାରି ହୁଏ । ଏହି ଧରଣର ଆଉ ଏକ ସ୍ତମ୍ଭ ହେଉଛି ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ରଚିତ 'ମୋ ପରି ଆଉ ଜଣେ' ଯାହା ୨୦୧୩ ରେ ପୁସ୍ତକ ଆକାରରେ ପ୍ରକାଶିତ । ଏହା ପୂର୍ବରୁ ଏଗୁଡ଼ିକ 'ଧରିତ୍ରୀ'ରେ ସ୍ତମ୍ଭାକାରରେ ୨୦୦୫-୨୦୦୮ ମଧ୍ୟରେ ପ୍ରକାଶ ପାଇଥିଲା । ଏଥିରେ ସ୍ଥାନିତ ସ୍ତମ୍ଭଗୁଡ଼ିକ ଲେଖକଙ୍କର ଆମେରିକା ରହଣି ସମୟର ।

ସୁତରାଂ ପ୍ରବାସୀ ସ୍ତମ୍ଭକାରଙ୍କ ଆଲୋଚନା ପ୍ରସଙ୍ଗରେ ଯାହାଙ୍କୁ ସର୍ବାଗ୍ରେ ସ୍ମରଣ କରାଯାଏ ସେ ହେଉଛନ୍ତି ମନୋଜ ଦାସ (୨୭ ଫେବୃଆରୀ ୧୯୩୪- ୨୭ ଅପ୍ରେଲ ୨୦୨୧)ଙ୍କର କେବଳ ସ୍ତମ୍ଭ ନୁହେଁ ୧୯୬୩ ପରବର୍ତ୍ତୀ ପ୍ରତ୍ୟେକଟି କୃତି ପ୍ରବାସରେ । ଅର୍ଥାତ୍ ୧୯୬୩ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପଣ୍ଡିଚେରୀରେ ଅର୍ଥାତ୍ ଜନ୍ମଭୂମି ଠାରୁ ଦୂରରେ ପ୍ରବାସ ରହି ରଚନା କରିଛନ୍ତି । ତାଙ୍କ ସ୍ତମ୍ଭ ସମ୍ପର୍କରେ ଏକଦା 'Odisha News Times' ରେ ପ୍ରକାଶ ପାଇଥିଲା "He wrote columns on quest for finding eternal truth in common lives in india's national dailies." ଅର୍ଥାତ୍ ସାଧାରଣ ଜୀବନର ଅନନ୍ତ ସତ୍ୟ ଖୋଜିବା ପାଇଁ ସେ ସ୍ତମ୍ଭ ଲେଖୁଥିଲେ । ତେଣୁ ତାଙ୍କର ସ୍ତମ୍ଭ ହେଉଛି ଏକ ଅନ୍ୱେଷଣ ସାଧାରଣ ଜୀବନ ତଥା ଜଗତ ସମ୍ପର୍କରେ ।

କେବଳକ ଯେ 'ସମାଜ', 'ଧରିତ୍ରୀ', 'ଅନୁପମ ଭାରତ', 'ଜନଶକ୍ତି'ରେ ଯେ ସ୍ତମ୍ଭ ଲେଖୁଥିଲେ ତାହା ନୁହେଁ ବରଂ 'Thought'ରେ 'Currents and Counters' ନାମକ ସ୍ତମ୍ଭ 'Yuva Bharat'ରେ 'Horizons' ନାମକ ସ୍ତମ୍ଭ 'Milestone'ରେ 'On the Tides of Time' ନାମକ ସ୍ତମ୍ଭ 'Times of India' ଏବଂ 'Hindustan Times'ରେ ମଧ୍ୟ ସେ ସ୍ତମ୍ଭ ରଚନା କରୁଥିଲେ । 'The Banyan Tree' ନାମରେ ଏକ ନିୟମିତ ସ୍ତମ୍ଭ 'The Hindu' ରେ ସେ ଲେଖୁଥିଲେ । ଏତଦ୍ ବ୍ୟତୀତ ମନୋଜ ଦାସ ସ୍ୱ-ସମ୍ପାଦିତ 'The Heritage' ପତ୍ରିକାର ସମ୍ପାଦକୀୟ ପାଇଁ ମଧ୍ୟ ଥିଲେ ସୁ-ବିଖ୍ୟାତ । 'କେତେ ଦିଗନ୍ତ' ଯାହା 'ଜନଶକ୍ତି'ରେ ପ୍ରକାଶ ପାଉଥିବା ସ୍ତମ୍ଭାଲେଖ୍ୟ ଯାହା ପୁସ୍ତକ ଆକାରରେ ପ୍ରକାଶ ପାଇଛି ୧୯୮୬ ସେପ୍ଟେମ୍ବରରେ, ଏଥିପାଇଁ ସେ ଲାଭ କରିଛନ୍ତି ୧୯୮୯ରେ ମର୍ଯ୍ୟାଦା ଜନକ ସାହିତ୍ୟ ଏକାଡ଼େମୀ ପୁରସ୍କାର । ଯେଉଁପରି 'କେତେ ଦିଗନ୍ତ' ସ୍ତମ୍ଭ 'ଜନଶକ୍ତି'ରେ ପ୍ରକାଶ ପାଉଥିଲା । ସେହିପରି 'ସନ୍ଧାନ ଓ ସମୀକ୍ଷା' ନାମରେ ଏକ ସ୍ତମ୍ଭ ୧୯୬୯ରେ ସେ ଆରମ୍ଭ କଲେ 'ସମାଜ'ରେ । 'ବିପୁଳାଚ ପୃଥ୍ୱୀ' 'ଦୈନିକ ସମ୍ବାଦ'ରେ ପ୍ରକାଶ ପାଉଥିଲା । ପ୍ରବାସରେ ରହି ଜଣେ ଓଡ଼ିଆ ସ୍ତମ୍ଭକାର ଭାବରେ ଶ୍ରୀ ମନୋଜ ଦାସ ଉଭୟ ଓଡ଼ିଆ ଏବଂ ଇଂରାଜୀ ସାହିତ୍ୟରେ ସ୍ତମ୍ଭ

ରଚନା କରି ନିଜ ଜନ୍ମଭୂମି ପାଇଁ ସାଉଁଟିଛନ୍ତି ଅନେକ ସମ୍ମାନ ଏବଂ ପ୍ରଶଂସା । ଯେହେତେ ଆଧାତ୍ମିକ ଚେତନାରେ ଶ୍ରୀଯୁକ୍ତ ଦାସଙ୍କ ଚିନ୍ତାଧାରା ଆଚ୍ଛାଦିତ ସେହି ନ୍ୟାୟରେ ତାଙ୍କର ଭାଷା ଶୈଳୀରେ ମଧ୍ୟ ଅନୁରୂପେ ଏହାର ଏକ ବିଶେଷ ପ୍ରଭାବ ଲକ୍ଷ୍ୟ କାରାଯାଏ । ରଚନା ଯେକୌଣସି ଧରଣର ହେଉ ଶ୍ରୀଯୁକ୍ତ ଦାସଙ୍କ ଭାଷାରେ ଥାଏ ଭିନ୍ନ ମହତ୍ୱ ।

୧୯୫୯ ମସିହା ଦୈନିକ 'ସମାଜ' ଖବରକାଗଜରେ ତାଙ୍କ ରଚିତ ସ୍ତମ୍ଭ 'ବିଶୃଙ୍ଖଳା ଓ ବିଶ୍ଳେଷଣ'ରୁ ଆହୃତ:- "ସେ ଆଲୋଚନାର ବିସ୍ତୃତ ବିବରଣୀ ପରିବେଷଣ କରିବାର ଅବକାଶ ନାହିଁ । ତେବେ ତାଙ୍କ ମତରେ ଆଜି ବହୁରୂପୀ ସଂକଟର ଯେଉଁ ଦିଗଟି ସର୍ବାଧିକ ଭୟାବହ ଓ ଶୋଚନୀୟ, ତାହାହେଲା ଯୁବ ବିଶୃଙ୍ଖଳା । କହିବା ବାହୁଲ୍ୟ ତାଙ୍କର ଏ ସିଦ୍ଧାନ୍ତରେ ଚମକପ୍ରଦ କିଛି ନାହିଁ । କିନ୍ତୁ ଯେଉଁ ପ୍ରକାର ବିଶ୍ଳେଷଣାତ୍ମକ ପରିପ୍ରେକ୍ଷୀରେ ଯେଉଁ ପ୍ରକାର ମର୍ମସ୍ପର୍ଶୀ ଆନ୍ତରିକତା ସହକାରେ ସେହି ବିଚକ୍ଷଣ, ବିଦଗ୍ଧ ମନୀଷୀ ତାଙ୍କର ବେଦନା ଦାୟକ ପର୍ଯ୍ୟବେକ୍ଷଣଟି ପ୍ରକାଶ କଲେ ତାହା ସମସ୍ୟାଟିର ଗୁରୁତ୍ୱ ସମ୍ପର୍କରେ ଏ ଲେଖକକୁ ନୂଆ ଭାବରେ ସଚେତନ କରାଇଦେଲା । ତାଙ୍କ ସିଦ୍ଧାନ୍ତର ଦ୍ୱିତୀୟ ପର୍ଯ୍ୟାୟ ହେଲା,'ଆଜି ସମାଜରେ ସବୁକିଛି ଅଛି; ନାହିଁ କେବଳ ନେତୃତ୍ୱ ।"(ମନୋଜ ସୃଜନୀ ସମଗ୍ର,ପ୍ରଥମ ଭାଗ-ପୃ-୪୩) ପ୍ରବାସରେ ଥାଇ ମଧ୍ୟ ସେ ଓଡ଼ିଶାର ବିକାଶ, ଯୁବଶକ୍ତି ପାଇଁ ଥିଲେ ସତତ ଚିନ୍ତିତ । ଯେତେବେଳେ ସେ ଦେଖିଛନ୍ତି ସ୍ୱ-ଜାତିର ସାଂସ୍କୃତିକ ଅବକ୍ଷୟ ସେତେବେଳେ ସଂସ୍କୃତି ସହ ଆଜିର ମଣିଷକୁ ପରିଚିତ କରିବା ଏବଂ ସଂସ୍କୃତିର ମୂଲ୍ୟ ଏବଂ ମହତ୍ତ୍ୱକୁ ପ୍ରତିପାଦିତ କରିବା ପାଇଁ ସେ ପ୍ରୟାସ କରିଛନ୍ତି ସ୍ୱ-ରଚିତ ସ୍ତମ୍ଭରେ । କାରଣ ସେ ଅନୁଭବ କରିଥିଲେ ମନୁଷ୍ୟ ଯେତେବେଳେ ଛିନ୍ନମୂଳ ଏବଂ ବସ୍ତୁବାଦୀ ହୋଇଯିବ ସେତେବେଳେ ମନୁଷ୍ୟ ନିଜ ଜୀବନର ସମସ୍ତ ସୁଖ ଶାନ୍ତିକୁ ହରାଇ ବସିବ ଯାହା ଆଧୁନିକ ମଣିଷ ବୁଝେନି । ତେଣୁ ମନୋଜ ଦାସ ନିଜର ଅଧିକାଂଶ ସ୍ତମ୍ଭରେ ସାଂସ୍କୃତିକ ପୁନଃ-ନିର୍ମାଣ ପାଇଁ ପ୍ରୟାସୀ । ପ୍ରବାସରେ ରହି ସ୍ୱ-ବାସ ଏବଂ ସ୍ୱ-ଜାତିର ମହତ୍ୱକୁ ତାର ଭୌଗଳିକ ପରିସୀମାର ବାହାରେ ଗରିମାମଣ୍ଡିତ (Glorify) କରିଛନ୍ତି ଶ୍ରୀଯୁକ୍ତ ଦାସ । ଯେହେତୁ ତାଙ୍କର ପ୍ରତ୍ୟେକ ସ୍ତମ୍ଭ ପ୍ରବାସରେ ରଚିତ ତେଣୁ କେବେ କେବେ ଦେଖାଯାଏ ଶ୍ରୀ ଦାସ ସ୍ତମ୍ଭରେ ଲେଖୁଥିବା ସ୍ଥାନର ସ୍ୱୀକାରୁକ୍ତି ମଧ୍ୟ ପ୍ରଦାନ କରିଛନ୍ତି ଯେମିତିକି 'ଦେଢ଼ଦିନର ଡ଼ାଏରୀ' ସ୍ତମ୍ଭ ଆରମ୍ଭରେ ସେ ଲେଖୁଛନ୍ତି:- "ସିଙ୍ଗାପୁରରୁ ଲେଖୁଛି । ଏଥର ଆସିଛି ସିଙ୍ଗାପୁର ସରକାରଙ୍କ ଶିକ୍ଷା ବିଭାଗର ଅନୁରୋଧ କ୍ରମେ । ନିମନ୍ତ୍ରଣ ଥିଲା ଜରୁରୀ ।" (ମନୋଜ ସୃଜନୀ ସମଗ୍ର, ପ୍ରଥମ ଭାଗ-ପୃ-୫୮୬) ଉକ୍ତ ସ୍ତମ୍ଭରେ ଆମେ ଦେଖିବା ସିଙ୍ଗାପୁରର ଶିକ୍ଷା ବ୍ୟବସ୍ଥା କ୍ୟାମ୍ବ୍ରିଜ ଅନୁମୋଦନ କରିଥିବା ଶିକ୍ଷା ବ୍ୟବସ୍ଥାକୁ ଏବଂ ହିନ୍ଦୁ-ପରମ୍ପରା ଭାବରେ ଯାହାସବୁ ସିଲାବସ୍‌ରେ ଯାହା ରହିବା କଥା ତାହା ଠିକ୍ ଠାକ୍ ରହିଛି କି ନାହିଁ ସେ ବିଷୟରେ ଅନୁଧ୍ୟାନ କରି ମନ୍ତବ୍ୟ ଦେବା ପାଇଁ ହିଁ ଲେଖକଙ୍କର ସିଙ୍ଗାପୁର ଗସ୍ତ । ସେ କହୁଛନ୍ତି:- "ଏଠାକାର ଶିକ୍ଷା ସଚିବାଳୟ ଭିତରକୁ ପଶିଗଲେ କର୍ମଚାରୀମାନଙ୍କ ସୌଜନ୍ୟ ଏବଂ ସମଗ୍ର କୋଠର ପରିଚ୍ଛନ୍ନତାରେ ମୁଗ୍ଧ ହେବାକୁ ହୁଏ । ଦେଢ଼ ଦିନ ମାତ୍ର ଅତୀତ ହୋଇଛି । ଏହାରି ଭିତରେ ସେମାନଙ୍କର ଯେତିକି ପରିଚୟ ପାଇଛି, ସେଥିରେ ସେମାନଙ୍କ ପ୍ରତି ଶ୍ରଦ୍ଧା ବଢ଼ିଛି ।" (ମନୋଜ ସୃଜନୀ ସମଗ୍ର,ପ୍ରଥମ ଭାଗ-ପୃ-୫୮୮) ଏବଂ ଉକ୍ତ ସ୍ତମ୍ଭରେ ଶେଷରେ ସେ କହୁଛନ୍ତି ଯେ ସମୃଦ୍ଧି ସେମାନଙ୍କୁ ଉଦ୍ଧତ କରି ନାହିଁ । ଏମାନେ ଭବିଷ୍ୟତ କଥା ଚିନ୍ତା କରୁଛନ୍ତି ରାସ୍ତା ଖୋଜୁଛନ୍ତି । ଏ ପର୍ଯ୍ୟନ୍ତ ହୁଏତଃ ଠିକ୍ ରାସ୍ତା ପାଇ ନାହାନ୍ତି; କିନ୍ତୁ ଅନ୍ୱେଷଣର ଆଗ୍ରହ ହିଁ ଏକ ଜୀବନ୍ତ ଜାତିର ପରିଚୟ । ଯାହା ଏମାନେ ଜାରି ରଖିଛନ୍ତି । ଏହାରି ଭିତରଦେଇ ସେ ପ୍ରବାସରେ ଥାଇ ପ୍ରବାସର ଅଭିଜ୍ଞତା ଆଧାରରେ ନିଜ ସ୍ୱ-ବାସର ସମାଜକୁ, ବ୍ୟକ୍ତି ତଥା ଜାତିକୁ ଅନ୍ୟାନ୍ୟ ଉନ୍ନତିଶୀଳ ଜାତି ପରି ଅଗ୍ରଗାମୀ ହେବାକୁ ହେଲେ ଅନ୍ୱେଷଣର ଆଗ୍ରହ ରଖିବାକୁ ପରୋକ୍ଷରେ ଶିକ୍ଷା ପ୍ରଦାନ କରିଛନ୍ତି । ସ୍ତମ୍ଭକାର ଭାବରେ ମନୋଜ ଦାସ ହେଉଛନ୍ତି ଜଣେ ଜାତୀୟ ଶିକ୍ଷକ । ପ୍ରବାସରେ ଥାଇ ମଧ୍ୟ ସେ ବିପୁଳ ପରିମାଣରେ ସ୍ତମ୍ଭ ରଚନାକରି ଓଡ଼ିଆର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ଏହିପରି ଭାବରେ ପ୍ରବାସରେ ରହି ସ୍ତମ୍ଭ ରଚନା କରିଛନ୍ତି ସ୍ତମ୍ଭକାର ଜଗନ୍ନାଥ ପ୍ରସାଦ ଦାସ (୨୬ ଅପ୍ରେଲ ୧୯୩୬)ଙ୍କର 'ଆମ ଭାଷା ଆମ ସଂସ୍କୃତି', ପୁସ୍ତକରେ ସ୍ଥାନିତ ଲେଖାଗୁଡ଼ିକ ସମ୍ବାଦ ଖବରକାଗଜରେ ପ୍ରଥମେ ପ୍ରକାଶ ପାଇଥିଲା । 'ଆମ ଓଡ଼ିଆ ଆମର ଓଡ଼ିଶା' ଏହି ସଂକଳନସ୍ଥ ସ୍ତମ୍ଭଗୁଡ଼ିକ ବିଭିନ୍ନ ଖବରକାଗଜରେ ମିଶିମାଶି ପ୍ରକାଶିତ । ପ୍ରବାସରେ ଥାଇ ମଧ୍ୟ ଜାତି ପ୍ରତି ମମତ୍ୱବୋଧ ତାଙ୍କ ପୁସ୍ତକର ନାମକରଣରୁ ବାରି ହୋଇପଡ଼େ । 'ଭୂତ ପ୍ରେତ ଓ ବୈଦିକ ବିଜ୍ଞାନ' ସ୍ତମ୍ଭରେ କୁହନ୍ତି :- "ଆମେରିକା ହେଉଛି ବିଜ୍ଞାନ କ୍ଷେତ୍ରରେ ଗୋଟେ ଅତି ପ୍ରଗତୀଶୀଳ ଦେଶ, କିନ୍ତୁ ଏଠାର ଲୋକମାନେ ଅଦ୍‌ଭୂତ ଭାବେ ବିଭିନ୍ନ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ । ମତ ଗଣନାର ଜଣାଯାଇଛି ନିମ୍ନ ପ୍ରତିଶତ ଆମେରିକୀୟ

ବିଭିନ୍ନ ଅସମ୍ମତ କୁସଂସ୍କାରରେ ବିଶ୍ୱାସ ରଖନ୍ତି । ସ୍ୱର୍ଗର ଅସ୍ତିତ୍ୱ ୭୫ ପ୍ରତିଶତ, ଭୂତପ୍ରେତ ୪୨, ମିରାକ୍‌ଲ ବା ଚମତ୍କାର ୭୬, ଈଶ୍ୱର ଓ ଦେବାଦେବୀ ୮୨, ପୁନର୍ଜନ୍ମ ୨୦, ଜ୍ୟୋତିଷ ଓ ଭବିଷ୍ୟବାଣୀ ୩୦ ପ୍ରତିଶତ ।" ('ଆମ ଭାଷା ଆମ ସଂସ୍କୃତି'-ପୃ-୧୦୭-୦୮) ପ୍ରବାସର ଅନୁଭବ ଏବଂ ଅନୁଭୂତି ହିଁ ପ୍ରବାସୀ ସ୍ତମ୍ଭକାରମାନଙ୍କ ସ୍ତମ୍ଭକୁ ଅଧିକ ବୈଜ୍ଞାନିକ ତଥା ଯୁକ୍ତିସିଦ୍ଧ କରି ଗଢ଼ି ତୋଳିବାରେ ସହାୟକ ହୁଏ । ଯାହାକି ଆମେ ଆମେ ଶ୍ରୀଯୁକ୍ତ ଦାସଙ୍କ ଉକ୍ତ ସ୍ତମ୍ଭ ଦ୍ୱାରା ଜାଣିବାକୁ ପାଇଲେ ଯେ ସର୍ବଦା ଆମେ ଭାବିଥାଉ ଆମେରିକା ଯେହେତୁ ଏକ ପ୍ରଗତିଶୀଳ ରାଷ୍ଟ୍ର ଏଠାରେ ଅନ୍ଧବିଶ୍ୱାସର ସ୍ଥାନ ନଥିବ ମାତ୍ର ଏହି ଅଜ୍ଞତା ଦୂରହୁଏ ଜେ.ପି ଦାସଙ୍କ ସ୍ତମ୍ଭ ମାଧ୍ୟମରେ ।

ଦୈନିକ 'ସମ୍ବାଦ'ରେ ରାଜେନ୍ଦ୍ର ନାରାୟଣ ଦାସ (ଫେବୃଆରୀ ୪,୧୯୪୦)ଙ୍କର ସ୍ତମ୍ଭ ସଂକଳନ ଗୁଡ଼ିକ ହେଉଛି 'କହି ବସିଲେ ବହୁତ କଥା' ଓ 'ସ୍ମୃତିରେ କଟକ' ଯେଉଁଗୁଡ଼ିକ କି ସେ ପ୍ରବାସ ଅର୍ଥାତ୍ ଜର୍ମାନରେ ଥାଇ ଓଡ଼ିଶାର ଖବରକାଗଜ ପାଇଁ ରଚନା କରିଥାନ୍ତି । ଯେଉଁ ସ୍ତମ୍ଭ ଗୁଡ଼ିକରେ ପ୍ରକାଶିତ ପ୍ରବାସୀ ହୃଦୟର ଆବେଗ ବିଧୁର ଜାତୀୟତା ତଥା ଜୀବନର ଶିକ୍ଷା, ସ୍ୱାସ୍ଥ୍ୟ ତଥା ରାଜନୀତି ନିମନ୍ତେ ଗଭୀର ଚିନ୍ତା ।

ସେହିପରେ ଜଣେ ଜଣେ ଜନପ୍ରିୟ ସ୍ତମ୍ଭକାର ହେଉଛନ୍ତି ଡକ୍ଟର ଭଗବାନ ପ୍ରକାଶ ଯିଏକି ୭୦ରୁ ଅଧିକ ଦେଶ ଭ୍ରମଣ କରିଛନ୍ତି ଏବଂ ଏ ସମସ୍ତ ଦେଶର ପତ୍ୟେକ୍ଷ ଅନୁଭବକୁ କେନ୍ଦ୍ର କରି ସେ ରଚନା କରିଛନ୍ତି ଏକାଧିକ ସ୍ତମ୍ଭ । ପ୍ରବାସ ରହଣିର ସୂକ୍ଷ୍ମ ତଥା ପ୍ରତ୍ୟେକ୍ଷ ଅନୁଭବରେ ସମୃଦ୍ଧ ଏକ୍ତ ସ୍ତମ୍ଭଗୁଡ଼ିକରେ ତାଙ୍କର ଗଭୀର ପ୍ରବାସୀ ଦୃଷ୍ଟିକୋଣର ସମୀକ୍ଷଣ ପ୍ରତିଫଳିତ । ତାଙ୍କ ରଚିତ ପ୍ରସିଦ୍ଧ ସ୍ତମ୍ଭ ସଂକଳନ ହେଉଛି 'ଦ୍ୱିତୀୟ ପୃଥିବୀ' ଏବଂ 'ବିକଳ୍ପ ବିଶ୍ୱ' । 'ଦ୍ୱିତୀୟ ପୃଥିବୀ' ସଂକଳନରେ ସ୍ଥାନିତ 'ବିଦେଶୀ, ପ୍ରବାସୀ ଓ ଶରଣାର୍ଥୀଙ୍କ ଦେଶ' ସ୍ତମ୍ଭରେ ସେ ସେ କହୁଛନ୍ତି :- "ମୁଁ କାଲିଫର୍ଣ୍ଣିଆରେ ଥିଲାବେଳେ ବାଟରେ, ଘାଟରେ, ମର୍ଲ, ମାର୍କେଟ, ମନ୍ଦିର, କାର୍ଯ୍ୟାଳୟ, କମ୍ପାନୀ, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏପରିକି ସୁଇମିଙ୍ଗ ପୁଲ୍ ଓ ଖେଳପଡ଼ିଆରେ ଶ୍ୱେତକାୟଙ୍କ ଅପେକ୍ଷା ଅନ୍ୟମାନଙ୍କ ସଂଖ୍ୟା ଦଶଗୁଣା ଅଧିକ ଦେଖିବାକୁ ପାଇଛି । ୧୮୪୮ ମସିହା ପ୍ରବାସୀଙ୍କ ଲହଡ଼ିରେ କାଲିଫର୍ଣ୍ଣିଆକୁ ଆସିଥିଲେ ୮୫୦୦୦ ବିଦେଶୀ । ୧୯୪୦ ବେଳକୁ ଏଠାରେ ଲୋକସଂଖ୍ୟାଠାରୁ ଅଧାରୁ ଅଧିକ ଥିଲେ ବିଦେଶୀ । ଯାହା ଫଳରେ ସମଗ୍ର ଆମେରିକା ଏବେ ପାଲଟିଛି ବିଦେଶୀ, ପ୍ରବାସୀ ଏବଂ ଦେଶାନ୍ତରୀଙ୍କ ଦେଶ ।" ('ଦ୍ୱିତୀୟ ପୃଥିବୀ'-ପୃ-୨୭୦) ସ୍ତମ୍ଭକାର ଭଗବାନପ୍ରକାଶ ଏହିପରି ତାଙ୍କର ଏକାଧିକ ସ୍ତମ୍ଭରେ ପ୍ରବାସୀ ଜୀବନ ତଥା ପ୍ରବାସ ରହଣି କାଳର ପ୍ରତ୍ୟେକ୍ଷ ଅନୁଭବ ଏବଂ ଅନୁଭୂତିକୁ ଆଧାର କରି ଦୃଢ଼ ତଥ୍ୟ ସମେତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ପ୍ରଦାନ କରିଥାନ୍ତି ।

ସେହିପରି 'ଦରିଆ ପାରିରୁ' ଶୁଭଶ୍ରୀ ଦାସଙ୍କର 'ସମାଜ' ଖବରକାଗଜ ସ୍ତମ୍ଭରେ ପ୍ରକାଶିତ । ଯେଉଁଗୁଡ଼ିକ କି ସେ ଆମେରିକାରୁ ଥାଇ ରଚନା କରିଥାନ୍ତି ଓଡ଼ିଶାରୁ ପ୍ରକାଶିତ ଓଡ଼ିଆ ଖବରକାଗଜ ପାଇଁ । 'ଦରିଆ ପାରିରୁ' ପୁସ୍ତକ ପ୍ରଚ୍ଛଦରୁ ଉଦ୍ଧୃତ ଧାଡ଼ି କେତୋଟିରୁ ଲେଖିକାଙ୍କର ପ୍ରବାସରେ ମାଟିମନସ୍କ ହେବାର ଅଭିପ୍ରାୟ ସ୍ପଷ୍ଟ ବାରି ହୁଏ :- "ମାଟି ମନସ୍କ ଝିଅଟି । ଜନ୍ମମାଟି ଓଡ଼ିଶା ଛାଡ଼ି ସେ ବିଦେଶ ଭୂଇଁରେ କର୍ମରତ । ଅବିରତ ସେ ଲେଖିଚାଲେ । 'କାହିଁକି ଲେଖେ ଆଉ କେତେବେଳେ ଲେଖେ' ପଚାରିଲେ ହସିଦିଏ । କୁହେ, 'ମୁଁ ବିଦେଶରେ ଥାଏ, କିନ୍ତୁ ମୋ ଆତ୍ମା ବନ୍ଧା ପଡ଼ିଥାଏ ଦେଶରେ" । ସୁତରାଂ ସ୍ୱର୍ଶକାତର ସ୍ରଷ୍ଟାଟିଏ ହିଁ ପ୍ରବାସରେ ବେଶି ବେଶି ମାଟିମନସ୍କ ହୁଏ ସେହି ମାଟିମନସ୍କତା ହିଁ ତାଙ୍କୁ ଜାତିପ୍ରତି ନିଷ୍ପାପର ଭାବେ ଚିନ୍ତା କରିବାକୁ । 'ଥ୍ୟାଙ୍କ୍ ଗିଭିଙ୍ଗରୁ ବାଲିଯାତ୍ରା','ଆମେରିକା ମଲ୍ଲୀରେ ଆଇ ବଗିଚାର ବାସ୍ନା', 'ନାଲି ଡ଼ାକବାକ୍ସରୁ ଇମେଲ', 'ମା ମାତୃଭୂମି', 'ଗାନ୍ଧି ଗ୍ରାଣ୍ଡପା' ଏହା ବ୍ୟତୀତ ଶୁଭଶ୍ରୀ ଦାସଙ୍କ ସମସ୍ତ ସ୍ତମ୍ଭ ଉଭୟ ଦେଶ ଏବଂ ବିଦେଶ ପ୍ରସଙ୍ଗ ଆଧାରିତ ।

ମୁଖ୍ୟତଃ ସ୍ୱ-ବାସୀ ସ୍ତମ୍ଭ ଠାରୁ ପ୍ର-ବାସୀ ସ୍ତମ୍ଭକାରଙ୍କ ଦ୍ୱାରା ରଚିତ ସ୍ତମ୍ଭ ଅଧିକ ବିସ୍ତାରିତ ଏବଂ ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ । ପ୍ରବାସୀ ସ୍ତମ୍ଭକାରମାନେ ବିଶ୍ୱ ଜୀବନର ଏକ ବୃହତ୍ତର ଦିଗ ଜାତି ନିକଟରେ ଉପସ୍ଥାପିତ କରି ଜାତିକୁ ଜାଗରିତ କରିବା ଦିଗରେ ପ୍ରୟାସ କରିଥାନ୍ତି । ବିଶେଷ ଭାବରେ ପ୍ରବାସୀ ସ୍ତମ୍ଭକାରମାନଙ୍କର ସ୍ତମ୍ଭ ସର୍ବଦା ସାର୍ବକାଳୀକ ଯୁକ୍ତି ତଥା ତଥ୍ୟ ଉପରେ ପର୍ଯ୍ୟବେଶିତ ଏବଂ ଜାତୀୟ ଜୀବନର ଉନ୍ନତି ସାଧନ କ୍ଷେତ୍ରରେ ଅଧିକ ଉପଯୋଗୀ ।

ସହାୟକ ଗ୍ରନ୍ଥସୂଚୀ :

ଓଡ଼ିଶାରେ ସାମ୍ବାଦିକତାର ଇତିହାସ, ଡ଼. ମୃଣାଳ ଚାଟାର୍ଜୀ, ଢେଙ୍କାନାଳ, ଶେଫାଳୀ କମ୍ୟୁନିକେସନ୍, ପ୍ରଥମ ସଂସ୍କରଣ-୨୦୧୫

ଗଣମାଧ୍ୟମ ଓ ସାମ୍ବାଦିକତା, ଡ଼. ମୃଣାଳ ଚାଟାର୍ଜୀ, ଢେଙ୍କାନାଳ, ଶେଫାଳୀ କମ୍ୟୁନିକେସନ୍, ପ୍ରଥମ ସଂସ୍କରଣ-୧୯୯୮

ଓଡ଼ିଶାର ଭାଷା ଆନ୍ଦୋଳନ, ପ୍ରଫେସର ଡକ୍ଟର ବଂଶୀଧର ଷଡ଼ଙ୍ଗୀ, କଟକ, ପ୍ରକାଶକ-ବିନୋଦ ବିହାରୀ,ପ୍ରଥମ ସଂସ୍କରଣ-୨୦୦୧

ସମ୍ବାଦ ପ୍ରସଙ୍ଗ, ଡ଼. ମୃଣାଳ ଚାଟାର୍ଜୀ, ଢ଼େଙ୍କାନାଳ, ଭାରତୀୟ ଜନ ସଂଚାର ସଂସ୍ଥାନ, ପ୍ରଥମ ସଂସ୍କରଣ-୨୦୧୫

ସମ୍ବାଦ ପ୍ରସଙ୍ଗ (ଓଡ଼ିଆ ସାମ୍ବାଦିକତା ପରିଚୟ ଓ ପରିକ୍ରମା), ଡ଼. ମୃଣାଳ ଚାଟାର୍ଜୀ, ଢ଼େଙ୍କାନାଳ, ଭାରତୀୟ ଜନ ସଂଚାର ସଂସ୍ଥାନ, ପ୍ରଥମ ସଂସ୍କରଣ-୨୦୦୩

ପରିଶିଷ୍ଠ :

'ଶେଷ ସ୍ତମ୍ଭ', ସୁରେନ୍ଦ୍ର ମହାନ୍ତି- କଟକ,ପ୍ରକାଶକ-କାହାଣୀ ପ୍ରକାଶନୀ, ପ୍ରଥମ ପ୍ରକାଶ-୧୯୮୯

'ଆମ ଭାଷା ଆମ ସଂସ୍କୃତି', ଜଗନ୍ନାଥ ପ୍ରସାଦ ଦାସ, ଭୁବନେଶ୍ୱର, ପ୍ରକାଶକ- ଶିକ୍ଷା ପ୍ରକାଶନୀ-୨୦୧୫

'ବିଲାତ ଡ଼ାଏରୀ', ରାଧାନାଥ ରଥ, କଟକ, ବକ୍ସିବଜାର – ଗୋପବନ୍ଧୁ ସାହିତ୍ୟ ମନ୍ଦିର-୧୯୫୦

'ଲଣ୍ଡନ ଚିଠି', ଶ୍ରୀ ଗୋଲୋକ ବିହାରୀ ଧଳ, କଟକ, ପ୍ରକାଶକ- ଫ୍ରେଣ୍ଡସ୍ ପବ୍ଲିଶର୍ସ-୧୯୭୨ 'ମନୋଜ ସୃଜନୀ ସମଗ୍ର', ପ୍ରଥମ ଭାଗ –ମନୋଜ ଦାସ, କଟକ, ଗ୍ରନ୍ଥମନ୍ଦିର-୨୦୦୭

'ଆମ ଭାଷା ଆମ ସଂସ୍କୃତି', ଜଗନ୍ନାଥ ପ୍ରସାଦ ଦାସ, ଭୁବନେଶ୍ୱର, ପ୍ରକାଶକ-ଶିକ୍ଷା ପ୍ରକାଶନୀ-୨୦୧୫

'ମୋ ପରି ଆଉ ଜଣେ' - ଅଭୟ ଦ୍ୱିବେଦୀ, ଭୁବନେଶ୍ୱର, ପ୍ରକାଶକ- ପକ୍ଷୀଘର ପବ୍ଲିକେଶନ, ପ୍ରଥମ ପ୍ରକାଶନ-୨୦୧୩

'ଦ୍ୱିତୀୟ ପୃଥିବୀ', ଡ଼କ୍ଟର ଭଗବାନ ପ୍ରକାଶ- ଭୁବନେଶ୍ୱର, ପ୍ରକାଶକ-ଆମ ଓଡ଼ିଶା, ପ୍ରଥମ ପ୍ରକାଶ-୨୦୧୮

'ଦରିଆ ପାରିରୁ....', ଶୁଭଶ୍ରୀ ଦାସ, କଟକ, ବାଲୁବଜାର,- ପ୍ରକାଶକ-ବିଦ୍ୟାପୁରୀ -୨୦୧୮

'ଝିଟିପିଟି କହେ', ପ୍ରମୋଦ କୁମାର ମହାପାତ୍ର (ସଂ) – କଟକ, ବକ୍ସିବଜାର- ଗୋପବନ୍ଧୁ ସାହିତ୍ୟ ମନ୍ଦିର ୧୯୯୬

www.macmillandictionary.com
(https://www.oercommons.org>lesson)
https://www.google.com/
search?q=column+meaning

ଗବେଷିକା, ଓଡ଼ିଆ ବିଭାଗ,
ମହାରାଜା ଶୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,କେନ୍ଦୁଝର
ଦୂରଭାଷ :୯୬୬୮୬୪୮୨୮୨

ISSN -2583-147X (P),Vol.- 9, Issue No.III, June 2023
Bastabatara Pariprakash Prachee
Peer Reviewed and Referred Research Journal

ଓଡ଼ିଶାର ବୌଦ୍ଧ ଧର୍ମ ଓ ଓଡ଼ିଆ ପ୍ରାଚୀନ ସାହିତ୍ୟରେ ଏହାର ପ୍ରଭାବ

ରୁବିନା ପାତ୍ର

ଭାରତର ପୂର୍ବ ଉପକୂଳରେ ଓଡ଼ିଶା ଏକ ରାଜ୍ୟ ଯାହାର ନାମ କଳିଙ୍ଗ, ଉତ୍କଳ, ଉଡ୍ର ରୂପେ ପ୍ରଖ୍ୟାତ ଲାଭ କରିଛି । ଓଡ଼ିଶାର ନାମ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନାମରେ ନାମିତ ହୋଇଛି । ପ୍ରାଚୀନ କାଳରେ ଓଡ଼ିଶା ଭୂଖଣ୍ଡ 'ଓକ୍ କଳ' ଓ 'ଓଡ୍ ଡ଼ିଶା' ନାମରେ ଦୁଇଗୋଟି କୃଷକ ଜାତି ବାସ କରୁଥିଲେ । ଏହା ବ୍ୟତୀତ ହୁଏନସାଂଙ୍କ ବିବରଣୀ ଅନୁସାରେ ଏହାକୁ କି – ଲିଙ୍ଗ ଓ ଉଚ୍ଚ ଯଥାକ୍ରବେ କଳିଙ୍ଗ ଓ ଉଡ୍ର ନାମରେ ଲିପିବଦ୍ଧ କରିଛନ୍ତି । ପୁନଶ୍ଚ ଦ୍ରାବିଡ଼ ଭାଷାରେ ଓକ୍ କଳ ଓ ଓଡ଼ିସୁ ଶବ୍ଦର ଅର୍ଥ ହେଉଛି ଚଷା । ଓଡ଼ିଶାର ପରିସୀମା କଥା ଆଲୋଚନା କଲେ ଆମ ପର୍ଯ୍ୟାୟକୁ ଆସେ ପ୍ରାଚୀନ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ଓଡ଼ିଶା ଧର୍ମ, ଦର୍ଶନ, ପୁଣ୍ୟର ରାଜ୍ୟ । ଏଠାରେ ବିଭିନ୍ନ ଧର୍ମର ଲୋକମାନେ ବସବାସ କରିଥାନ୍ତି । ସେହିପରି ଗୋଟିଏ ଧର୍ମ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛି ତାହା ହେଉଛି ବୌଦ୍ଧଧର୍ମ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଚାର ବହୁତ ପ୍ରାଚୀନ ।

କିମ୍ବଦନ୍ତୀ କହେ– ସୁନ୍ଦରୀ କାରୁବାକୀ ଥିଲେ ଜଣେ କୈବର୍ତ୍ତ କନ୍ୟା । ସେହି ଅସାମାନ୍ୟ ସୁନ୍ଦରୀଙ୍କୁ ବିବାହ କରିଥିଲେ କଳିଙ୍ଗର ରାଜକୁମାର । କାରୁବାକୀଙ୍କ ସୁନ୍ଦରତାରେ ବିମୋହ ହୋଇ ମଗଧ ସମ୍ରାଟ ଅଶୋକ ତାଙ୍କୁ ବିବାହ କରିବାପାଇଁ ବିମୁଗ୍ଧ ହୋଇଥିଲେ । ମଗଧ ସମ୍ରାଟ ଅଶୋକ କଳିଙ୍ଗ ଆକ୍ରମଣ କରି କଳିଙ୍ଗ ଯୁଦ୍ଧ କଲେ । ଯେଉଁଥିପାଇଁ ଦୟାନଦୀ ରକ୍ତ ନଦୀରେ ପରିଣତ ହୋଇଯାଇଥିଲା । କଳିଙ୍ଗ ଯୁଦ୍ଧର ପରିସମାପ୍ତି ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କଲା । ବୌଦ୍ଧଧର୍ମ ଅଶୋକ ଦୀକ୍ଷିତ ହୋଇଥିଲେ । କଳିଙ୍ଗରେ ଅଶୋକଙ୍କ ସମୟରେ ବୌଦ୍ଧଧର୍ମ ପ୍ରସାର ଓ ପ୍ରଚାର ଲାଭ କରିଥିଲା । କେବେଳ ସେତିକି ନୁହେଁ ନିଜ ପୁତ୍ର ମହେନ୍ଦ୍ର ଓ କନ୍ୟା ସଙ୍ଘମିତ୍ରାଙ୍କୁ ବୌଦ୍ଧଧର୍ମର ପ୍ରଚାର ପାଇଁ ସେ ସିଂହଳ ପ୍ରେରଣ କରିଥିଲେ । ଅଶୋକଙ୍କ ସାନଭାଇ ତିସସ୍ କଳିଙ୍ଗ ଆସିଥିଲେ ଏବଂ ଶେଷ ଜୀବନ ତୋଷାଳି ସନ୍ନିକଟ ଭୋଜଗିରି ବିହାରରେ ଅତିବାହିତ କରିଥିଲେ ।

ଓଡ଼ିଶାରେ ଅନେକ ସ୍ତୂପ ରହିଛି । ଧଉଳିଗିରି, ଉଦୟଗିରି, ଲଳିତଗିରି (ଚନ୍ଦ୍ରାଦିତ୍ୟ ବିହାର), ରତ୍ନଗିରି, ରାଣୀଗୁମ୍ଫା, ଚନ୍ଦ୍ରଗିରି, ପରିମଳଗିରି, ପୁଷ୍ପଗିରି ଇତ୍ୟାଦି ସ୍ଥାନରେ ବୌଦ୍ଧ ସ୍ଥାପତ୍ୟ ଓ କଳା ଏଯାବତ୍ ଲୋକମାନଙ୍କୁ ଆକୃଷ୍ଟ କରୁଛି । ଭୁବନେଶ୍ୱରର ମନ୍ଦିର ନିକଟସ୍ଥ କେତେକ ଅଂଚଳରେ ବୌଦ୍ଧସ୍ଥାପତ୍ୟ ଦେଖିବାକୁ ମିଳିଛି । ବର୍ତ୍ତମାନର ଧଉଳି ପାହାଡ଼ ଅତୀତର ସୁରଭଗିରି ବିହାର ଥିଲାବୋଲି ବୌଦ୍ଧଗ୍ରନ୍ଥ 'ଗଣ୍ଡାଭୂୟ'ରୁ ପ୍ରମାଣ ମିଳିଛି । ଏଠାରେ ଆଚରିୟା ସର୍ବଗାମୀ ବସବାସ କରୁଥିଲେ । ବୌଦ୍ଧ ଯୋଗ ଶିକ୍ଷାର ଏହା ପ୍ରମୁଖ କେନ୍ଦ୍ର ଥିଲା । ଧଉଳି ଓ ଜଉଗଡ଼ର ସମ୍ରାଟ ଅଶୋକଙ୍କ ଶିଳାଲେଖ ଉଲ୍ଲେଖନୀୟ । ପ୍ରାଚୀନ ବୌଦ୍ଧ ବିହାର ପରିମଳଗିରି ବର୍ତ୍ତମାନର ବଲାଙ୍ଗୀର ଜିଲ୍ଲାର ହରିଶଙ୍କର ପର୍ବତ । ଏଠାରେ ବୌଦ୍ଧଭିକ୍ଷୁ ନାଗାର୍ଜୁନ ବସବାସ କରୁଥିଲେ । ବୌଦ୍ଧ ପୀଠ ଅନୁସାରେ ମୟୂରଭଞ୍ଜର ଖିଚିଂ, କଟକ ଜିଲ୍ଲାର ରାମେଶ୍ୱର, ସାଲେପୁର ନିକଟରେ ଥିବା ବ୍ରହ୍ମାବଣ ଫୁଲବାଣୀ ଜିଲ୍ଲାର ବୌଦ୍ଧସହର, ପୁରୀ ଜିଲ୍ଲାର ବାଣପୁର, ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଆଦି ବୌଦ୍ଧ ପରମ୍ପରା ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ।

କପିଳାବାସ୍ତୁର ଲୁମ୍ବିନୀଠାରେ ଖ୍ରୀଷ୍ଟପୂର୍ବ ୫୬୬ରେ ଗୌତମବୁଦ୍ଧ ଜନ୍ମ ଗ୍ରହଣ କରିଥିଲେ । ପିତା ଶାକ୍ୟ ବଂଶର ରାଜା ଶୁଦ୍ଧୋଦନ ଓ ମାତା ମହାମାୟା ଗୌତମବୁଦ୍ଧ ତାଙ୍କ ଜୀବନରେ ଚାରୋଟି ଦୁଃଖକୁ ଅନୁଭବ କରି ଦୁଃଖର କାରଣ ଓ ନିବାରଣ ପାଇଁ ପଥ ଖୋଜି ମାତ୍ର ୨୯ ବର୍ଷ ବୟସରେ ରାଜ୍ୟ ତ୍ୟାଗ କରି ବୁଦ୍ଧତ୍ୱ ପ୍ରାପ୍ତି ହେଲେ । ଏହି ଶିକ୍ଷା ଥିଲା ନିର୍ବାଣର ଗତିପଥ ।

ବୁଦ୍ଧଦେବଙ୍କ ସଂବୋଧି ପ୍ରାପ୍ତ ପରେ ପ୍ରାୟ ଦେଢ଼ ହଜାର ବର୍ଷ ଧରି ଓଡ଼ିଶାର ଜନଜୀବନରେ ଏହାର ଗଭୀର ପ୍ରଭାବ ରହିଛି । 'ବୌଦ୍ଧନିକାୟ' ଓ ଜାତକ କାହାଣୀରୁ ଜଣାଯାଏ ଯେ ଓଡ଼ିଶାର ଦୁଇ ବଣିକ 'ତପସୁ' ଓ 'ଭଲ୍ଲିକ' ପାଂଚଶହ ଶକଟରେ ପଣ୍ୟ ଦ୍ରବ୍ୟଘେନି ବାଣିଜ୍ୟ ଉଦ୍ଦେଶ୍ୟରେ ମଧ୍ୟଦେଶକୁ ଯାତ୍ରା କରୁଥିବା ସମୟରେ ନିରଞ୍ଜନା ନଦୀ ନିକଟରେ ଥିବା ଅଶ୍ୱତଥ ବୃକ୍ଷ ମୂଳରେ ତଥାଗତ ବୁଦ୍ଧଙ୍କ ଦର୍ଶନ ଲାଭ କରିଥିଲେ । ବୁଦ୍ଧଦେବ ସେତେବେଳେ ବୁଦ୍ଧତ୍ୱ ପ୍ରାପ୍ତି ଲାଭ କରିସାରି ନିରାହାରରେ ସେହି ନଦୀ ନିକଟରେ ପଡ଼ି ରହିଥିଲେ । ବୁଦ୍ଧତ୍ୱ ପ୍ରାପ୍ତି ପରେ ସେ ପ୍ରଥମେ ଖାଦ୍ୟ ଗ୍ରହଣ କରିଥିଲେ 'ତପସୁ' ଓ 'ଭଲ୍ଲିକ'ଙ୍କ ହାତରୁ ଏବଂ ଏହି ଦୁଇ ବଣିକ ହେଲେ ମହାନ୍ ଚାରି ଆର୍ଯ୍ୟ ସତ୍ୟର ପ୍ରଥମ ଶ୍ରୋତା । ବୁଦ୍ଧଙ୍କ ଶିଷ୍ୟତ୍ୱ ଲାଭ ପରେ ସେମାନେ ବୁଦ୍ଧଙ୍କର କେଶ ଓ ନଖ ଆଣି ଉତ୍କଳ ପ୍ରଦେଶରେ ନିର୍ମାଣ କଲେ କେଶସ୍ତୂପ ଓ ନଖସ୍ତୂପ । (୧) ବୁଦ୍ଧଙ୍କ ଦନ୍ତ ଓଡ଼ିଶା ଆଣି ଓଡ଼ିଶାର ରାଜଧାନୀ ଦନ୍ତପୁରୀ ଠାରେ ସୁରକ୍ଷିତରେ ରଖିଥିଲେ ।

ଗୌତମ ବୁଦ୍ଧଙ୍କ ପରିନିର୍ବାଣ ପରେ ମହାସଂଘ ଦୁଇ ଭାଗରେ ଯଥା- ମହାଯାନ ଓ ହୀନଯାନରେ ପରିଣତ ହୋଇଗଲା । ଅଶୋକଙ୍କ ପରବର୍ତ୍ତୀ ସମୟରେ ପ୍ରାୟ ଦୁଇଶହ ବର୍ଷପରେ ମହାଯାନର ସୃଷ୍ଟି ସମ୍ରାଟ ହର୍ଷବର୍ଦ୍ଧନ ମହାଯାନର ଅନୁଗାମୀ ଓ ପୃଷ୍ଠପୋଷକ ଥିଲେ । ନାଳନ୍ଦା ବିହାରରେ ହର୍ଷବର୍ଦ୍ଧନଙ୍କ ପୃଷ୍ଠପୋଷକତାରେ ମହାଯାନ ଶାଖାର ଅଶେଷ ଉନ୍ନତି ସାଧିତ ହୋଇଥିଲା । ମହାଯାନୀ ଗୋଷ୍ଠୀ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, କଟକ ଆଦି ଜିଲ୍ଲାରେ ବସବାସ କରୁଛନ୍ତି ।

ଓଡ଼ିଆ ପ୍ରାଚୀନ ସାହିତ୍ୟରେ ବୌଦ୍ଧଧର୍ମର ପ୍ରଭାବ:

ଆଦି ସାହିତ୍ୟ : ଚର୍ଯ୍ୟାଗୀତିକା

ଓଡ଼ିଆ ସାହିତ୍ୟର ପ୍ରାଚୀନ ନିଦର୍ଶନ ହେଉଛି ଚର୍ଯ୍ୟାଗୀତିକା । ଚର୍ଯ୍ୟାଗୀତିକାର ଭାଷାକୁ ନେଇ ଏବେବି ପ୍ରଶ୍ନବାଚୀ ଉଠିଛି । ହିନ୍ଦୀ, ବଙ୍ଗଳା, ମୈଥିଳି, ଅସମୀୟା, ଓଡ଼ିଆ ଆଦି ସବୁ ଭାଷାର ସମ୍ମିଶ୍ରଣ ଏହି ଚର୍ଯ୍ୟାଗୀତିକାରେ ଦେଖିବାକୁ ମିଳେ । ବୌଦ୍ଧଧର୍ମ ବଜ୍ରଯାନ, ସହଜଯାନ, କାଳଚକ୍ରଯାନ ଏହି ତନ୍ତ୍ରଯାନର ବିବର୍ତ୍ତନ । ବଜ୍ରଯାନର ପ୍ରବର୍ତ୍ତକ ସମ୍ବଳ ରାଜ୍ୟ ଅର୍ଥାତ୍ ଅଧୁନା ସମ୍ବଲପୁର ରାଜ୍ୟର ରାଜା ଇନ୍ଦ୍ରଭୂତି ଥିଲେ । ଯିଏକି ଜ୍ଞାନସିଦ୍ଧି ଗ୍ରନ୍ଥର ପ୍ରବର୍ତ୍ତକ । ତାଙ୍କ ଭଉଣୀ ଲକ୍ଷ୍ମୀଙ୍କର ସହଜଯାନର ପ୍ରବର୍ତ୍ତକ । ଇନ୍ଦ୍ରଭୂତିଙ୍କ ପୁଅ ପଦ୍ମସମ୍ଭବମ ତିବ୍ବତରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ରତ୍ନଗିରି ବିହାରରେ ଆଚାର୍ଯ୍ୟ ପିତପାଦ କାଳଚକ୍ରଯାନର ପ୍ରବର୍ତ୍ତକ ଥିଲେ । ଚର୍ଯ୍ୟାପଦରେ ତନ୍ତ୍ରଯାନ ସହଜଯାନର ପ୍ରଭାବ ପରିଲକ୍ଷିତ ହୁଏ । ସହଜ ସାଧନାର ମୂଳତତ୍ୱ ବୋଧିତତ୍ୱ ସମୁଦପାଦ ବୋଧିଚିତ ଅର୍ଥ ଜ୍ଞାନଚିତ ବା ଜ୍ଞାନର ଉଦୟ ଏବଂ ଶୂନ୍ୟତା ଓ କରୁଣା । ଶୂନ୍ୟତା ଓ କରୁଣାକୁ ଏମାନେ ବାମନାଡ଼ି ଓ ଦକ୍ଷିଣନାଡ଼ି ଇତ୍ୟାଦି ନାନା ଭାବରେ ବର୍ଣ୍ଣନା କରିଛନ୍ତି ।

ସିଦ୍ଧାଚାର୍ଯ୍ୟ ଲୁଇପାଙ୍କ ମତରେ :

"କାଆ ତରୁବର ପଂଚବିଡ଼ାଳ
ଚଂଚଳ ଚିଏ ପଇଠା କାଳ ।
ଦିଢ଼ କରିଣ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛୟ ଜାଣ ।
ସଅଳ ସମାହିଅ କାହି ଅରିଅଇ
ସୁଖ ଦୁଃଖେତ ନିଚିତ ମରିଅଇ ।"

ବୃକ୍ଷ ସଦୃଶ ଶରୀରର ପାଂଚଟି ଶାଖା । ବୁଦ୍ଧ ଦର୍ଶନରେ ମାନବ ଶରୀର ପଂଚସ୍କନ୍ଧର ସମାହାର । ପଂଚସ୍କନ୍ଧ ହେଲେ- ରୂପ, ବେଦନା, ସଂଜ୍ଞା, ସଂସ୍କାର, ବିଜ୍ଞାନ (ଚେତନା) । ହିନ୍ଦୁଧର୍ମର ପଂଚଭୂତ ଧାରଣା ବୌଦ୍ଧଧର୍ମର ପଂଚସ୍କନ୍ଧ ପରିକଳ୍ପନା ।

ନାଥ ସାହିତ୍ୟରେ ବୌଦ୍ଧ ଧର୍ମର ପ୍ରଭାବ :

ନାଥ ସାହିତ୍ୟ ବୌଦ୍ଧଧର୍ମ ପ୍ରଭାବିତ- ଏହା ପ୍ରମାଣିତ । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଭିତରୁ କେତେକ ନାଥ ସିଦ୍ଧାଚାର୍ଯ୍ୟ ଭାବରେ ମଧ୍ୟ ପରିଚିତ ହୋଇଥିଲେ ନାଥଧର୍ମରେ ଯୋଗୀମାନେ ମସ୍ତକରେ ପୁଣ୍ଡରୀକ ଚିତା ଧାରଣ କରି ପଗଡ଼ି ବାନ୍ଧି କେନ୍ଦେରା ବଜାଇ ଭିକ୍ଷାବୃତ୍ତି କରନ୍ତି । ସେମାନେ ନାଥବ୍ରହ୍ମ ଅର୍ଥାତ୍ ଶୂନ୍ୟକୁ ବା ଶୂନ୍ୟ ସାଧନାକୁ ବିଶ୍ୱାସ କରନ୍ତି । କାୟା ସାଧନାର କେତେକ ଲକ୍ଷଣ ନାଥ ସାହିତ୍ୟରେ ଦେଖିବାକୁ ମିଳେ । ଯଥା- ଶିଶୁବେଦ, ସପ୍ତାଙ୍ଗ ଯୋଗ ଧାରଣା, ଅଷ୍ଟାଙ୍ଗ ଯୋଗ ଧାରଣା ।

ନାଥ ଧର୍ମର ଆଦ୍ୟଗ୍ରନ୍ଥ ଶିଶୁବେଦର ଦୃଷ୍ଟାନ୍ତ ସ୍ୱରୂପ:
ଯେବଣ ସେ ପକ୍ଷୀ ମହାରସ ଖାଇ
ବେନି ପକ୍ଷୀ ଛେଦିଲେ ଗଗନ ସମ୍ଭାଇ ।

ସହଜଯାନରେ କୁହାଯାଇଛି – ବିନା ଗୁରୁରେ ସହଜାନନ୍ଦ ବା ସହଜ ସୁଖ ଲାଭ କରିବା ଦୁଃସାଧ୍ୟ । ଗୁରୁଙ୍କ ନିର୍ଦ୍ଦେଶିତ ପଥ

ତେଣୁ ସାଧକମାନଙ୍କର ଧେୟ ହେବା ଆବଶ୍ୟକ ।

ଯୋଗଶାସ୍ତ୍ରରେ ଇଡ଼ା, ପିଙ୍ଗଳା ଓ ସୁଷମ୍ନା ନାଡ଼ିର ବ୍ରହ୍ମରନ୍ଧ୍ର ଠାରେ ମିଳନ ହୁଏ । ଗୋରେଖ ସଂହିତାରେ ଏହାର ସୂଚନାଯୋଗ୍ୟ ହୋଇଛି:

"ଚଉରାଶି ଆସନ ଅଷ୍ଟାଙ୍ଗ ଯୋଗ ଯେତେ
ପଂଚଶୀ ପାଖୁଡ଼ା ଷୋଳ ଡ଼ମ୍ବରୁ ସହିତେ
ବ୍ରହ୍ମରନ୍ଧ୍ର ଘରବାଟ ପବନର ଭେଟ
ଶୁଚିମନା ଦ୍ୱାରକରି ଭେଟ ଗୋଲାହାଟ ।" (୨)

ବଜ୍ରଯାନ ଓ ସହଜଯାନର ପିଣ୍ଡ ବ୍ରହ୍ମାଣ୍ଡତତ୍ତ୍ୱର ବାଖ୍ୟା । ନାଥ ଧର୍ମରେ ଅଲେଖ ଶୂନ୍ୟର ପ୍ରତୀକ । ଜଗତ ହେଉଛି ଶୂନ୍ୟ ଏବଂ ଏହି ଶୂନ୍ୟରୁ ସଂସାରର ସୃଷ୍ଟି । ଏହା ହିଁ ନାଥ ସାହିତ୍ୟ ସହିତ ବୌଦ୍ଧଧର୍ମର ସମ୍ପର୍କ ସୂଚାଏ ।

ସାରଳା ସାହିତ୍ୟରେ ବୌଦ୍ଧଧର୍ମର ପ୍ରଭାବ :

ଖ୍ରୀଷ୍ଟପୂର୍ବ ପଂଚମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ଦ୍ୱାଦଶ ଶତାବ୍ଦୀ ଯାଏ ବୌଦ୍ଧଧର୍ମ ସାରା ସମଗ୍ର ବିଶ୍ୱ ଯଥା : ନେପାଳ, ଚୀନ, ତିବ୍ବତୀୟ, ଭାରତ ଏମିତି ଅନେକ ଦେଶରେ ପ୍ରସାର ଲାଭ କରିଥିଲା । ଦ୍ୱାଦଶ ଶତାବ୍ଦୀର ପରବର୍ତ୍ତୀ ମୁହୂର୍ତ୍ତରେ ପଂଚଦଶ ଶତାବ୍ଦୀର ଓଡ଼ିଶାରେ ବୌଦ୍ଧଧର୍ମ ପ୍ରାୟତଃ ଅବକ୍ଷୟ ଗ୍ରସ୍ତ ହୋଇସାରିଥିଲା । ତଥାପି ସମ୍ପୂର୍ଣ୍ଣ ବିଲୁପ୍ତ ହୋଇ ନଥିଲେ । ପଂଚଦଶ ଶତାବ୍ଦୀ ସାରଳା ଯୁଗ ରୂପେ ଖ୍ୟାତ । ଏହି ସମୟରେ ସାରଳା ଦାସ ମହାଭାରତକୁ ଓଡ଼ିଆରେ ଅନୁବାଦ କରିଥିଲେ ।

ଓଡ଼ିଶା ମାଟିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧଙ୍କର ଅବତାର ବୋଲି ଏତେବେଳକୁ ଗ୍ରହଣ କରାଯାଇ ସାରିଛି । ଇନ୍ଦ୍ରଭୂତି 'ଜ୍ଞାନସିଦ୍ଧି' ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ରୂପେ ବର୍ଣ୍ଣନା କରିଛନ୍ତି । ସାରଳା ଦାସ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ରୂପେ ମହାଭାରତରେ ବର୍ଣ୍ଣନା କରିଛନ୍ତି । ସାରଳା ଦାସ ମହାଭାରତରେ ଅଶ୍ୱତ୍ଥମାର ଯୋଗସାଧନା ସମ୍ପର୍କରେ କହିବାକୁ ଯାଇ ଶରୀରକୁ ଏକ ବୃକ୍ଷ ସହିତ ତୁଳନା କରିଛନ୍ତି–

କାୟାସାଧନାରେ ଇଡ଼ା, ପିଙ୍ଗଳା ଓ ସୁଷମ୍ନା ନାଡ଼ିର ବିଶେଷ ଭୂମିକା ରହିଥାଏ । ଯୋଗ ସାଧନାରେ ଷଡ଼ଚକ୍ରର ଭୂମିକା ସର୍ବାଧିକ ନିଶ୍ଚୟ । ସାଧନା ବଳରେ ସାଧକ ଷଡ଼ଚକ୍ର ଭେଦ କରି ସହସ୍ରଦଳ ଚକ୍ରରେ ପହଂଚି ଥାଏ । ସହସ୍ରଦଳ ଚକ୍ରରୁ ଅମୃତ ପାନ କରି ସାଧକ ନିର୍ବାଣ ପ୍ରାପ୍ତି ହୁଏ ।

ବନପର୍ବରେ ଧର୍ମଚକ୍ର ସମ୍ପର୍କରେ:

"ଷଡ଼ପଦ୍ମ ପରେ ପୁଣି ତ୍ରିବେଣୀ ସଙ୍ଗମ
ନାସିକା ଚକ୍ଷୁ ମଧ୍ୟରେ କର ହୋ ସନ୍ଧାନ
ସେ କର୍ମ ପୁରୁଷଙ୍କୁ ଭେଟିବୁ ବୁଦ୍ଧି ବଳେ
ଅଜପା ଲୟେ କରିବା ବସିବ ନିଶ୍ଚଳେ"

ପୁନର୍ବାର ସାରଳା ଦାସ ଲେଖିଛନ୍ତି:

"ବନ୍ଦଇ ଶ୍ରୀଜଗନ୍ନାଥ ବୈକୁଣ୍ଠ ବାସୀ
ବୁଦ୍ଧ ରୂପେ ନୀଳଗିରି ଶିଖେ ଅଛି ବସି ।
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀ ଜନଙ୍କୁ କରୁଛ ଉଦ୍ଧାର ।
ବଉଦ୍ଧ ଅବତାରେ ନିଶ୍ଚେ ବିହରିବୁ
ଦୁଷ୍ଟ ମାରି ସନ୍ଥ ମାନଙ୍କୁ ପାଳିବୁ
ପୁରୁଷୋତ୍ତମ ନଗର ମହୋଦଧି ତୀରେ
ନୀଳଗିରି ପରବତ ଅଛି ତା ସ୍ଥାନରେ
ଦେଉଳ ଭିତରେ ସିଂହାସନେ ବିଜେ ହୋଇ
ବଉଦ୍ଧ ରୂପରେ ପ୍ରଭୁ ଶଙ୍ଖ ଚକ୍ର ବହି ।"

ସାରଳା ମହାଭାରତରେ ଅର୍ଥାତ୍ ପଂଚଦଶ ଶତାବ୍ଦୀରେ ବୁଦ୍ଧଙ୍କୁ ଶ୍ରୀଜଗନ୍ନାଥଙ୍କ ସହିତ ତୁଳନା କରି ଏକ ତୁଳନାତ୍ମକ ଧର୍ମ ସୃଷ୍ଟି ହୋଇଛି ପ୍ରବୁଦ୍ଧ ବୁଦ୍ଧ ଏବଂ ପ୍ରଚ୍ଛନ୍ନ ବୁଦ୍ଧ ସବୁ ସେହି ନିଳାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅବତାର ।

ପଂଚସଖା ସାହିତ୍ୟରେ ବୌଦ୍ଧ ଧର୍ମର ପ୍ରଭାବ :

ପ୍ରାକ୍ ସାରଳା ଓ ସାହିତ୍ୟ ଓ ସାରଳା ସାହିତ୍ୟରେ ଯେପରି ବୌଦ୍ଧ ଧର୍ମର ପ୍ରଭାବ ଦେଖାଯାଏ ସେହିପରି ଭାବରେ ପଂଚସଖା ସାହିତ୍ୟରେ ବୌଦ୍ଧ ଧର୍ମର ପ୍ରଭାବ ଦେଖାଯାଏ । ପଂଚସଖାମାନେ ଥିଲେ ଶୂନ୍ୟବାସୀ, ଶୂନ୍ୟକୁ ସେମାନେ ନିଜର ସାଧନାର ମାର୍ଗ ରୂପେ ବାଛି ନେଇଛନ୍ତି, ଶୂନ୍ୟ ସାଧନା, ହଠଯୋଗ, ଶରୀରତତ୍ତ୍ୱ ପଂଚସଖା ସାହିତ୍ୟରେ ବିଶେଷତ୍ୱ ।

ଈଶ୍ୱର ଦାସ ଚୈତନ୍ୟ ବୁଦ୍ଧଙ୍କ ଅବତାର ବୋଲି କହିଛନ୍ତି 'ଚୈତନ୍ୟ ଭାଗବତ'ରେ

ଚୈତନ୍ୟ ବିଷ୍ଣୁ ଅବତାର । କହିଲେ ବୌଦ୍ଧ ଶରୀର ।
ନୃସିଂହ ଅବତାର ହରି । ବୌଦ୍ଧ ତନ୍ତୁ ଅବତରି ।

ଜଗନ୍ନାଥ ଦାସ ଭାଗବତର ପଂଚମ ସ୍କନ୍ଧରେ ବୁଦ୍ଧଙ୍କୁ ଏକ ଅବତାର ଭାବେ ଗ୍ରହଣ କରିଛନ୍ତି ।

ପ୍ରବୁଦ୍ଧ ବୁଦ୍ଧ ଅବତାରେ । ଜ୍ଞାନ ବିସ୍ତାରି ଏ ସଂସାରେ ।
ବେଦର ଧର୍ମ ବୁଡ଼ାଇବେ । ନିର୍ଗୁଣ ଧର୍ମ ପ୍ରଚାରିବେ ।
କରଣୀ ନକରିବେ ପୁଣ । ଏଣୁ ଏ ମାୟାର ଅଧୀନ ।

ପଂଚସଖା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ବୌଦ୍ଧ ଧର୍ମର ପ୍ରଭାବ ମଧ୍ୟ ଦେଖାଯାଏ । ରୀତି ସାହିତ୍ୟ ଓ ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ୍ୟ ବୌଦ୍ଧ ଧର୍ମର ପ୍ରଭାବ ଦେଖାଯାଏ । ଆଧୁନିକ ଓଡ଼ିଆ କବିତା, ଗଳ୍ପ, ଉପନ୍ୟାସ, ନାଟକ ଆଦି ସମସ୍ତ ଦିଗରେ ବୌଦ୍ଧଧର୍ମର ପ୍ରଭାବ ରହିଛି । ବହୁତ ଲେଖକମାନେ ବୌଦ୍ଧ ଧର୍ମକୁ ଆଧାର କରି ସ୍ୱରଚନାମାନ ରଚିତ କରୁଛନ୍ତି ।

ବର୍ତ୍ତମାନର କଟକ ଜିଲ୍ଲାର ବଡ଼ମ୍ବା, ମାଣିଆବନ୍ଧ, ନୂଆପାଟଣା, ବାଙ୍କୀ ମହମ୍ମଦପୁର, ଆଠଗଡ଼, ବେଗୁନିଆ, ସାଲେପୁର ଆଦି ଅଂଚଳରେ ଏହି ମହାଯାନୀ ଗୋଷ୍ଠୀମାନେ କାଳାତିପାତ କରୁଛନ୍ତି । ଏମାନଙ୍କ ରୀତିନୀତି, ପୂଜାବିଧି, ହିନ୍ଦୁମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏମାନେ ସାଧାରଣ କର୍ମଠାରୁ ଆରମ୍ଭକରି ବିବାହ କର୍ମ ଆଦି କୌଣସି କର୍ମରେ ବ୍ରାହ୍ମଣଙ୍କୁ ଡ଼ାକି କର୍ମ କରନ୍ତି ନାହିଁ । ଖୁସିର କଥା ଏହିକି ଯେ ଏବେ ମଧ୍ୟ ବୌଦ୍ଧଧର୍ମ ଓଡ଼ିଶାରେ ପ୍ରଚାର ଓ ପ୍ରସାର ହେଉଛି ।

ସହାୟକ ସୂଚୀଗ୍ରନ୍ଥ :

(୧) ପ୍ରଧାନ, ଲକ୍ଷ୍ମଣ କୁମାର - ଆଧୁନିକ ଓଡ଼ିଆ ସାହିତ୍ୟରେ ବୌଦ୍ଧ ଦର୍ଶନର ଆଲୋକ, ବାଙ୍କା ବଜାର, କଟକ-୭୫୩୦୦୨, ପ୍ରଥମ ପ୍ରକଶ:୨୦୧୪

(୨) ମହାପାତ୍ର, ପ୍ରେମାନନ୍ଦ - ଓଡ଼ିଆ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ-୨, ପଂଚମ ସଂସ୍କରଣ – ୨୦୧୯

(୩) ମହାପାତ୍ର, ଖଗେଶ୍ୱର - ଚର୍ଯ୍ୟାଗୀତିକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ଦଶମ ସଂସ୍କରଣ : ୨୦୧୭

(୪) ସଂଗ୍ରହ – ମହମ୍ମଦପୁର ବୌଦ୍ଧ ସଂଘ, ତଥାଗତ ବୁଦ୍ଧବିହାର, ମହମ୍ମଦପୁର, ନିଶ୍ଚିନ୍ତକୋଇଲି, କଟକ, ସିଟିସି ନମ୍ବର ୧୯୧୫୮/୬୪-୨୦୨୨-୨୩

ଗବେଷିକା
ଭୁବନେଶ୍ୱର
ଦୂରଭାଷ : ୯୩୩୭୪୫୦୨୧୧

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ